- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI ◆VOLUME- 43 ◆ISSUE-43 ◆WEDNESDAY ◆6 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୪୩ ◆ବୁଧବାର ◆୬ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





# ଭାସିଗଲା ଅନେକ ଗାଁ

## ୧୨ ମୃତ, ଶତାଧିକ ନିଖୋଜ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା ଓ ବନ୍ୟାର ତାଣ୍ଡବ। ଅଚାନକ ପ୍ରବଳ ବର୍ଷା ଯୋଗୁଁ ଉତ୍ତରକାଶୀର ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ବନ୍ୟା ଆସିବାରୁ ଅନେକ ଗାଁ ଭାସିଯିବା ସହିତ ଶହ ଶହ ଘର ଧ୍ୱଂସ ହୋଇଯାଇଛି। ଏଭଳି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟରେ ଅତିକମରେ ୧୨ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଶତାଧିକ ନିଖୋଜ ଅଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ଲାଗି ସେନାବାହିନୀକୁ ନିୟୋଜିତ କରାଯାଇଛି।

**ନବୀନଙ୍କ ଶୋକ**

ସରକାରୀ ସୂତ୍ରରୁ ପ୍ରକାଶ ଯେ ଆଜି ଅପରାହ୍ନରେ ଉତ୍ତରକାଶୀ ଓ ଧରାଲି ପାର୍ବତ୍ୟ ଅଞ୍ଚଳରେ ଅଚାନକ ପ୍ରବଳ ବର୍ଷା ହୋଇଥିଲା। ଏହାଯୋଗୁଁ ବନ୍ୟାପାଣି ତଳିଆ ଅଞ୍ଚଳକୁ ପ୍ରବଳ ବେଗରେ ମାଡ଼ି ଆସିଥିଲା। ଫଳରେ ଅନେକ ଗାଁରେ ବନ୍ୟା ପାଣି ପଶି ଶତାଧିକ ଘରକୁ ଭସାଇ ନେଇଥିଲା। ପ୍ରାଣ ବିକଳରେ ଲୋକେ ଦୌଡ଼ି ପଳାଉଥିବା ବେଳେ ସେମାନେ ମଧ୍ୟ ଏଥିରେ ଭାସିଯାଉଥିବାର ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଥିଲା। ସରକାରୀ ଭାବେ ମୃତ୍ୟୁସଂଖ୍ୟା ୪ କୁହାଯାଉଥିବା ବେଳେ ସ୍ଥାନୀୟ ଲୋକେ କହୁଛନ୍ତି ଯେ ଅତିକମରେ ୧୨ ଜଣଙ୍କ ମୃତଦେହ ମାଟିତଳେ ପୋତି ହୋଇରହିଛି। ଆହୁରି ଶତାଧିକ ଲୋକ ନିଖୋଜ ଥିବା ସେମାନେ ଅଭିଯୋଗ କରିଛନ୍ତି। ଗଙ୍ଗୋତ୍ରିକୁ ଯିବା ରାସ୍ତାରେ ଧରାଲି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ପର୍ବତର ଉଚ୍ଚସ୍ଥାନରେ ଅବସ୍ଥିତ ଏହି ଅଞ୍ଚଳରେ ଅନେକ ଗାଁ ରହିଛି। କେବଳ ଏତିକି ନୁହେଁ, ଏହି ଅଞ୍ଚଳରେ ପର୍ଯ୍ୟଟକମାନଙ୍କ ପାଇଁ ୨୦ରୁ ୨୫ଟି ହୋଟେଲ ଓ ହୋମଷ୍ଟେ ରହିଛି। ଏଗୁଡ଼ିକ ମଧ୍ୟ ବର୍ଷା ଓ ବନ୍ୟାରେ ଭାସିଯାଇଛି। ଖବର ମିଳିବା ପରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ସେନାର ଯବାନମାନଙ୍କୁ ପଠାଯାଇଛି। ସେମାନେ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ଉଦ୍ଧାର ଅଭିଯାନ ▸ପୃଷ୍ଠା-୭

### ୟୁପିରେ ଭୟଙ୍କର ବନ୍ୟା

## ପାଣି ଘେରରେ ୩୦୦ ଗାଁ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଉତ୍ତର ପ୍ରଦେଶର ଉତ୍ତର ଭାଗରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷା ଯୋଗୁଁ ଗଙ୍ଗା ଓ ଜମୁନା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ନଦୀ ପାର୍ଶ୍ୱ ଅଞ୍ଚଳରେ ବନ୍ୟା ଯୋଗୁଁ କେବଳ ପ୍ରୟାଗରାଜ ଜିଲ୍ଲାରେ ୩୦୦ରୁ ଅଧିକ ଗାଁ ପାଣି ଘେରରେ ରହିଥିବା ବେଳେ ୫ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୨ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର କାମରେ ଏନଡିଆରଏଫ୍‌ର ୬୦୦ ଯବାନଙ୍କୁ ନିୟୋଜିତ କରାଯାଇଛି। ୨୦୧୩ ରେ ଏହାସବୁ ଠାରୁ ଭୟଙ୍କର ବନ୍ୟା ବୋଲି କୁହାଯାଉଛି।

### ପୁଣିଥରେ ଭାରତକୁ ଟ୍ରମ୍ପଙ୍କ ଧମକ

# ୨୪ ଘଣ୍ଟାରେ ଲାଗିବ ଅଧିକ ଶୁଳ୍କ

- ▸▸ ଆଉ ଭଲ ବାଣିଜ୍ୟ ସହଯୋଗୀ ରହିନାହିଁ ଭାରତ
- ▸▸ ରୁଷରୁ ତେଲ କିଣିବା ଯୁଦ୍ଧ ଯନ୍ତ୍ରକୁ ଇନ୍ଧନ ଦେବା ଭଳି
- ▸▸ ଭାରତ ସମର୍ଥନରେ ରୁଷ




■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ବିରୁଦ୍ଧରେ ଏକ ବଡ଼ ବୟାନ ଦେଇଛନ୍ତି। ସେ ଆଜି ଭାରତକୁ ଶୁଳ୍କ ପ୍ରସଙ୍ଗରେ ପୁଣି ଥରେ ଧମକ ଦେଇଛି। ଯଦି ଭାରତ ରୁଷରୁ ତେଲ କିଣିବା ବନ୍ଦ ନ କରେ, ତେବେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଭାରତରୁ ଆସୁଥିବା ସାମଗ୍ରୀ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରାଯିବ। ସେ କହିଛନ୍ତି ଯେ ଭାରତ ଆଉ ଆମେରିକାର ଏକ ଭଲ ବାଣିଜ୍ୟ ସହଯୋଗୀ ହୋଇ ରହିନାହିଁ।

ଏହା ପୂର୍ବରୁ ସୋମବାର ଟ୍ରମ୍ପ ଭାରତ ବିରୋଧରେ ବିଷୋଦ୍‌ଗାର କରିଥିଲେ। ସେ କହିଥିଲେ ଯେ ଭାରତ ରୁଷ ଠାରୁ ତେଲ କିଣି ଖୋଲା ବଜାରରେ ଏହାକୁ ବିକ୍ରି କରି ଭଲ ଲାଭ କମାଉଛି। ରୁଷର ଯୁଦ୍ଧ ମେସିନ ଦ୍ୱାରା ୟୁକ୍ରେନରେ କେତେ ଲୋକ ମରୁଛନ୍ତି ତାହା ସେମାନଙ୍କୁ ଚିନ୍ତା ନାହିଁ। ଏଥିପାଇଁ ଆମେ ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ଯଥେଷ୍ଟ ବୃଦ୍ଧି କରିବୁ। ସେ ଆହୁରିମଧ୍ୟ କହିଛନ୍ତି ଯେ, ଭାରତ ଆମେରିକାଠାରୁ ଅଧିକ ଦ୍ରବ୍ୟ କିଣି ନ ଥାଏ। ଯେତେବେଳେ ଆମେ ଭାରତଠାରୁ ଅଧିକ ସାମଗ୍ରୀ କିଣୁ। ଆଜି ଟ୍ରମ୍ପ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେବା ସମୟରେ ଏହି ବୟାନ ଦେଇଛନ୍ତି। ତାଙ୍କର ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଗୋଟିଏ ଦିନ ପୂର୍ବରୁ ସେ କହିଥିଲେ ଯେ ଭାରତ ଉପରେ ଭାରୀ ଅର୍ଥାତ୍ ବହୁତ ଉଚ୍ଚ ଶୁଳ୍କ ଲାଗୁ ହେବାକୁ ଯାଉଛି। ଟ୍ରମ୍ପଙ୍କ ବାରମ୍ବାର ଆକ୍ରମଣ ପରେ ଭାରତ ସମର୍ଥନରେ ବାହାରିଛି ରୁଷ। ରୁଷ କହିଛି ସବୁ ସାର୍ବଭୌମ୍ୟ ରାଷ୍ଟ୍ରଙ୍କର ସ୍ୱାଧୀନ ଭାବେ ବ୍ୟବସାୟ କରିବାର ଅଧିକାର ରହିଛି। ଧମକ ଚମକ ଦେଇ ଆମେରିକା ରୁଷର ବାଣିଜ୍ୟ ସହଯୋଗୀଙ୍କଠାରୁ ତା'ର ସମ୍ପର୍କ ଛିନ୍ନ କରିବାକୁ ଚାହୁଁଛି। ଆମେରିକା ବେଆଇନ ଭାବେ ଏଭଳି ଟାର୍ଗେଟ୍ କରୁଛି ବୋଲି ରୁଷ ପ୍ରବକ୍ତା ଦିମିତ୍ରି ପେସ୍‌କୋଭ କହିଛନ୍ତି। ଅପରପକ୍ଷେ ଆମେରିକାର ଏହି ଚେତାବନୀର ଭାରତ କଡ଼ା ▸ପୃଷ୍ଠା-୭

# ରାଜ୍ୟସଭାରେ 'ସିଆଇଏସ୍ଏଫ୍' ହଙ୍ଗାମା

### ବିରୋଧୀଙ୍କ ଅଭିଯୋଗକୁ ସରକାରଙ୍କ ଖଣ୍ଡନ



- ଖଡ଼ଗେଙ୍କ ମନ୍ତବ୍ୟକୁ ନେଇ ହଟ୍ଟଗୋଳ
- ହଟ୍ଟଗୋଳ ପରେ ଲୋକସଭା ବି ମୁଲତବୀ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦ ଆଜି ମଧ୍ୟ ଅଚଳ ରହିଛି। ଏହି ପ୍ରସଙ୍ଗରେ ମୁଲତବୀ ଆଲୋଚନା ପାଇଁ ବିରୋଧୀ ଦଳଙ୍କ ଦାବିକୁ ଅଗ୍ରାହ୍ୟ କରି ଦିଆଯିବାରୁ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ହଙ୍ଗାମା ହୋଇଥିଲା। ତେବେ ରାଜ୍ୟସଭାରେ ସିଆଇଏସ୍ଏଫ୍ ଯବାନଙ୍କୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଏହି ପ୍ରସଙ୍ଗରେ ବିରୋଧୀଙ୍କ ଅଭିଯୋଗକୁ ସରକାର ଖଣ୍ଡନ କରିଥିବା ବେଳେ ବିରୋଧୀ ଦଳର ନେତା ମଲ୍ଲିକାର୍ଜନ ଖଡ଼ଗେଙ୍କ ଏକ ମନ୍ତବ୍ୟକୁ ନେଇ ଗୃହରେ କିଛି ସମୟ ପାଇଁ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା।

ଆଜି ରାଜ୍ୟସଭା ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ଅଭିଯୋଗ କରିଥିଲେ ଯେ ଗୃହରେ ବିରୋଧୀ ଦଳଙ୍କ ସ୍ୱରକୁ ଚାପିବା ଲାଗି ସଶସ୍ତ୍ର ସିଆଇଏସ୍ଏଫ୍ ଯବାନଙ୍କୁ ମୁତୟନ କରାଯାଇଥିଲା। ସେ କହିଲେ ଯେ ଗୃହରେ ପ୍ରତିବାଦ କରିବା ଲାଗି ରାଜନୈତିକ ଦଳଙ୍କର ଗଣତାନ୍ତ୍ରିକ ଅଧିକାର ରହିଛି। କିନ୍ତୁ ସରକାର ସିଆଇଏସ୍ଏଫ୍ ଯବାନ ମୁତୟନ କରି ଭୁଲ ପରମ୍ପରା ସୃଷ୍ଟି କରୁଛନ୍ତି। ତେବେ ଉଭୟ ଉପାଧ୍ୟକ୍ଷ ହରବଂଶ ସିଂହ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହାକୁ ଅସ୍ୱୀକାର କରିଥିଲେ। ସେମାନେ କହିଥିଲେ ଯେ ଗୃହରେ ସିଆଇଏସ୍ଏଫ୍ ନୁହେଁ, ମାର୍ଶାଲ (ସଂସଦ ସୁରକ୍ଷା ବାହିନୀ)ଙ୍କୁ ମୁତୟନ କରାଯାଇଥିଲା। ଏସଂପର୍କରେ ବିଭ୍ରାନ୍ତି ସୃଷ୍ଟି କରୁଥିବାରୁ ଖଡ଼ଗେଙ୍କର ସମାଲୋଚନା କରିଥିଲେ ରିଜିଜୁ। ଏସଂପର୍କରେ ଗୃହର ଉପାଧ୍ୟକ୍ଷଙ୍କୁ ଖଡ଼ଗେ ଯେଉଁ ଚିଠି ଲେଖିଥିଲେ, ତାହା ପ୍ରକାଶ କରିବାରୁ ଉପାଧ୍ୟକ୍ଷ ଏହାକୁ ନାପସନ୍ଦ କରିଥିଲେ। ସିଆଇଏସ୍ଏଫ୍ ପ୍ରସଙ୍ଗ ନେଇ ହଟ୍ଟଗୋଳ ଚାଲିଥିବା ବେଳେ ଖଡ଼ଗେ ପ୍ରଶ୍ନ କରିଥିଲେ, ଏ ଗୃହ ଚଳାଉଛି କିଏ? ଉପାଧ୍ୟକ୍ଷ ▸ପୃଷ୍ଠା-୭

### ସରିବାକୁ ବସିଲାଣି ଶ୍ରାବଣ

# ଚାଷୀଙ୍କୁ ମିଳୁନି ସାର




■ **ଭୁବନେଶ୍ୱର, ୫।୮ (ସମିସ):** ଶ୍ରାବଣ ସରିବାକୁ ବସିଲାଣି, ରାଜ୍ୟ ସରକାର ଖରିଫ ଋତୁ ପାଇଁ ଯୋଜନା ପ୍ରସ୍ତୁତ କଲେଣି; ହେଲେ ଚାଷ ପାଇଁ ଜରୁରୀ ଆବଶ୍ୟକତା ଥିବା ସାର ଏଯାଏ ମିଳିପାରୁ ନାହିଁ। ସରକାରୀ କେନ୍ଦ୍ରରେ ସାରର ଅଭାବ ଯୋଗୁଁ ଚଢ଼ା ଦରରେ ସାର କିଣୁଥିବା ଚାଷୀଙ୍କ ମନରେ ଏଥିପାଇଁ ତୀବ୍ର ଅସନ୍ତୋଷ। ଯାହାକୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଦାନା ବାନ୍ଧୁଥିବା ମଧ୍ୟ ଦେଖାଯାଇଛି।

ଚଳିତ ବର୍ଷ ଖରିଫ ଚାଷର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟକୁ ଏବେ ସୁଦ୍ଧା ପାଖାପାଖି ୮ଲକ୍ଷ ମେଟ୍ରିକ୍ ଟନ୍ କେନ୍ଦ୍ରରୁ ମିଳିସାରିଛି। ଆଗକୁ ଆଉ ଦେଢ଼ ଲକ୍ଷ ମେଟ୍ରିକ୍ ଟନ୍ ଆସିବ ବୋଲି କୁହାଯାଉଛି। ପୂର୍ବରୁ ରବି ବେଳର ବଳକା ୪ ଲକ୍ଷ ମେଟ୍ରିକ୍ ଟନ୍ ବିଭିନ୍ନ ଜିଲ୍ଲାରେ ରହିଛି। ମୋଟ ସାରରୁ ପ୍ରାୟ ୬ ଲକ୍ଷ ମେଟ୍ରିକ୍ ଟନ୍ ବିକ୍ରି ଶେଷ ହୋଇଥିବା କୃଷି ବିଭାଗ କହୁଛି। ମାତ୍ର ସରକାରୀ ପରିସଂଖ୍ୟାନ ଓ ଚାଷୀଙ୍କ ଚାହିଦାକୁ ଦେଖିଲେ ଉଭୟ ମଧ୍ୟରେ ଆକାଶପାତାଳ ଫରକ। ସର୍ବାଧିକ ଚାହିଦା ଥିବା କଂପ୍ଲେକ୍ସ ସାର ଚାଷୀଙ୍କୁ ସରକାରୀ ଖୁଚୁରା ଓ ପାଇକାରୀ ବିକ୍ରେତା କେନ୍ଦ୍ରରେ ମିଳୁନି। ସେହି ସାର ଲୋକମାନେ ବାହାରୁ ଉଚ୍ଚା ଦାମ୍‌ରେ କିଣୁଛନ୍ତି। ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରେ ରିହାତି ଦରରେ ସାର ମିଳୁନଥିବାବେଳେ ବାହାରେ ବ୍ୟବସାୟୀମାନେ ଚଢ଼ା ଦରରେ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରିକି ଏ ସଂକ୍ରାନ୍ତରେ ବ୍ଲକ୍ କୃଷି ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲା କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନି।

ଚାଷର ପ୍ରାରମ୍ଭିକ ପର୍ଯ୍ୟାୟରେ କଂପ୍ଲେକ୍ସ ସାରର ସର୍ବାଧିକ ଚାହିଦା ରହିଥାଏ। ଏବେ ଲୋକମାନେ ରୁଆ ବେଉଷଣ ଶେଷ କରିଥିବାବେଳେ ସାର ନ ପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେବେ ଆସିବ ବୋଲି ପଚାରିଲେ ବି କୌଣସି ସଠିକ ଉତ୍ତର ମିଳୁନି। ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ମାତ୍ରାଧିକ ସାର ▸ପୃଷ୍ଠା-୭

# ୩ ମନ୍ତ୍ରୀଙ୍କ ପ୍ରସଙ୍ଗରେ ହୋଇପାରୁନି ସହମତି

### ଦିଲ୍ଲୀରେ ଚୂଡ଼ାନ୍ତ ହେବ ନିଗମ, ମନ୍ତ୍ରିମଣ୍ଡଳ ରୂପରେଖ

■ **ଭୁବନେଶ୍ୱର, ୫।୮ (ସମିସ):** ଦିଲ୍ଲୀରେ ଚୂଡ଼ାନ୍ତ ହେବ ଓଡ଼ିଶାରେ କିଏ ପାଇବ ନିଗମ ଲଡ୍ଡୁ, କାହାମୁଣ୍ଡରେ ଲାଗିବ ମନ୍ତ୍ରୀ ଶିରିପା। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଆଜି ରାତିରେ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ଓ ଆସନ୍ତାକାଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦିଲ୍ଲୀ ଯିବେ। ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦିନିଆ ଦିଲ୍ଲୀଗସ୍ତ ମଧ୍ୟରେ ଏ ସବୁ ଚୂଡ଼ାନ୍ତ ହେବ । ଉଭୟ ଦିଲ୍ଲୀରୁ ଫେରିବା ପରେ ପର୍ଯ୍ୟାୟକ୍ରମେ ନିଗମ ଓ ବୋଡର୍ ନିଯୁକ୍ତି ଘୋଷଣା ହେବ । ପରବର୍ତ୍ତୀ ସମୟରେ ଦଳର ଜାତୀୟ ସଭାପତି ଘୋଷଣା ହେବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ।

**ଦିଲ୍ଲୀ ଗଲେ ମୋହନ; ଆଜି ଯିବେ ମନମୋହନ**

ଆଜି ରାଜ୍ୟ ସରକାର ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନ ଅଧ୍ୟକ୍ଷାଙ୍କୁ ନିଯୁକ୍ତି ଦେଇଛନ୍ତି। ମହିଳା କମିଶନ ଅଧ୍ୟକ୍ଷା ପଦରେ ଉତ୍ତର ଓଡ଼ିଶା ଓ ଶିଶୁ ସୁରକ୍ଷା କମିଶନ ଅଧ୍ୟକ୍ଷା ପଦରେ ଦକ୍ଷିଣ ଓଡ଼ିଶାରୁ ଜଣେ ମହିଳାଙ୍କୁ ଅବସ୍ଥାପିତ କରାଯାଇଛି। ମାତ୍ର ଅନ୍ୟ କମିଶନ, ନିଗମ, ବୋଡର୍, ପରିଷଦଗୁଡ଼ିକରେ ଖାଲିଥିବା ପ୍ରାୟ ୬୦ଟି ପଦ ବର୍ଷାଧିକ କାଳ ହେଲା ପୂରଣ ହୋଇ ନାହିଁ। ସେହିପରି ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ଆଗାମୀ ମାସରେ ବସିବା ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବା ଆପାତତଃ ନିଶ୍ଚିତ କୁହାଯାଉଥିଲେ ହେଁ ସେ ସଂକ୍ରାନ୍ତରେ ଠୋସ ନିଷ୍ପତ୍ତି ହୋଇପାରି ନାହିଁ।

ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ବିଜେପି ନେତାଙ୍କ ଯାବତୀୟ କସରତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ▸ପୃଷ୍ଠା-୭

# ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ!

### ଅଟକ ଯୁବକଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

■ **ଯାଜପୁର/ବାଲିଚନ୍ଦ୍ରପୁର, ୫।୮ (ସମିସ):** ବାଲିଚନ୍ଦ୍ରପୁର ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରି। ଘରୋଇ କଳହକୁ କେନ୍ଦ୍ର କରି ଅଟକ ଥିବା ଜଣେ ଯୁବକଙ୍କୁ ପୁଲିସ ଥାନାରେ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଛି। ପୁଲିସ୍ ଅତ୍ୟାଚାରର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ମହିପୁର ଗାଁର ରମେଶ ମଲ୍ଲିକଙ୍କ ପୁଅ ରବୀନ୍ଦ୍ର ମଲ୍ଲିକ ଓରଫ୍ ବାଦଲ (୪୦)। ଅବସ୍ଥା ଏପରି ଯେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଥାନାରେ ନିର୍ଯାତନା ଯୋଗୁଁ ବାଦଲଙ୍କ ଅବସ୍ଥା ଗୁରୁତର ହୋଇଥିବା ପରିବାରଲୋକେ ଅଭିଯୋଗ କରିଥିବା ବେଳେ ଏ ସଂପର୍କରେ ପୁଲିସ୍ ମୁହଁ ଖୋଲୁନାହିଁ।

ସୂଚନା ମୁତାବକ, ମହିପୁର ଗ୍ରାମର ଦୁଇ ଦଳିତ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଗତ ୩ ତାରିଖ ଅପରାହ୍ଣରେ ବାଦଲଙ୍କ ସହ ତାଙ୍କ ଦାଦା ମହେଶ୍ୱର ମଲ୍ଲିକଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ବାଦଲ ରାଗିଯାଇଥିଲେ ଏବଂ ମହେଶ୍ୱର ଓ ତାଙ୍କ ଘରକୁ ଆସିଥିବା ▸ପୃଷ୍ଠା-୭

### ସୁଭଦ୍ରା ପ୍ରହେଳିକା

# କୋଟିପତି ହେବେ ଲକ୍ଷପତି ଦିଦି!

## ପ୍ରଥମେ ଲକ୍ଷପତି ଦିଦିଙ୍କ ତାଲିକା ସାର୍ବଜନୀନ କରନ୍ତୁ ସରକାର: ବିରୋଧୀ

■ **ଭୁବନେଶ୍ୱର, ୫।୮ (ସମିସ):** ସୁଭଦ୍ରା ଯୋଜନାରେ ସରକାର ୨ ବର୍ଷରେ ୫୦ ହଜାର ଦେବାକୁ ଘୋଷଣା କରି ବର୍ଷକୁ ୧୦ ହଜାର ଟଙ୍କା ଦେଉଛନ୍ତି । ଏହି ୧୦ ହଜାର ଟଙ୍କା ସହାୟତାରେ ବର୍ଷକ ମଧ୍ୟରେ ରାଜ୍ୟରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି ବୋଲି ରାଜ୍ୟ ସରକାର ଘୋଷଣା କରି ନିଜ ପିଠି ନିଜେ ଥାପୁଡ଼ାଉଛନ୍ତି। ଏପରି ସମୟରେ 'ଲକ୍ଷପତି ଦିଦି'ଙ୍କୁ ବର୍ଷକ ମଧ୍ୟରେ କୋଟିପତି କରିବାକୁ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶମନ୍ତ୍ରୀ ପ୍ରଭାତୀ ପରିଡ଼ା। ଯାହାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି ଓ ବିରୋଧୀ ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି । ଲକ୍ଷପତି ଦିଦିଙ୍କୁ କୋଟିପତି କରିବା ପୂର୍ବରୁ ପ୍ରଥମେ ଯେଉଁମାନେ ବର୍ଷକ ମଧ୍ୟରେ ୧୦ ହଜାର ଟଙ୍କା ନେଇ ଲକ୍ଷପତି ପାଲଟିଛନ୍ତି ସେମାନଙ୍କ ତାଲିକା ସରକାର ଘୋଷଣା କରନ୍ତୁ ଓ କେଉଁ ଫର୍ମୁଲାରେ ସେମାନେ ବର୍ଷକ ମଧ୍ୟରେ ୧୦ଗୁଣ ଲାଭ କରି ଲକ୍ଷପତି ହେଲେ ତାହାକୁ ରାଜ୍ୟ ସରକାର ସାର୍ବଜନୀନ କଲେ ଅନ୍ୟମାନେ ଉପକୃତ ହୋଇ ପାରିବେ ବୋଲି ବିରୋଧୀ କଟାକ୍ଷ କରିଛନ୍ତି ।

ରାଜ୍ୟ ସରକାରଙ୍କ ଲକ୍ଷପତି ଦିଦି ସୃଷ୍ଟି ଦାବି ଓ ଏହାର ବାସ୍ତବତାକୁ ନେଇ ରାଜନୈତିକ ଦଳଠାରୁ ବୁଦ୍ଧିଜୀବି ମହଲ ଯାଏଁ ସନ୍ଦେହ ପ୍ରକାଶ କରି ଆସୁଛନ୍ତି। ସେମାନଙ୍କ ଯୁକ୍ତି ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ମିଶନ ଶକ୍ତି ବ୍ୟୟ ବରାଦ ପାଇଁ ଅର୍ଥ କମାଇ ଦେଲେ। ସେହିପରି ସୁଭଦ୍ରା ଯୋଜନାରେ ମହିଳାଙ୍କୁ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା, ଅର୍ଥାତ୍ ମାସିକ ମାତ୍ର ୮୩୩ ଟଙ୍କା ମିଳୁଛି। ଏତକ ଟଙ୍କାରେ କେମିତି ଜଣେ ଲକ୍ଷପତି ଦିଦି ହୋଇପାରିବ, ତାହା ସାଧାରଣ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି। ବିଗତ ଏକବର୍ଷ ମଧ୍ୟରେ କେବଳ ସୁଭଦ୍ରାକୁ ଛାଡ଼ିଦେଲେ ମହିଳାଙ୍କ ଉନ୍ନତି ତଥା ଉତ୍ଥାନ ପାଇଁ ସରକାର ସେମିତି କୌଣସି ଆଖିଦୃଶିଆ ଯୋଜନା ହାତକୁ ନେଇନାହାନ୍ତି। ପୁରୁଣା କେତେକ କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ବନ୍ଦ କରି ଦେଇଛନ୍ତି। ସୁଭଦ୍ରାରେ ଏଯାବତ୍ ୨ଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ୧୦ ହଜାର ଟଙ୍କାକୁ ଉପଯୋଗ କରି କେମିତି ଓ କେଉଁ ଉପାୟରେ ବର୍ଷକ ମଧ୍ୟରେ ୧୬ ଲକ୍ଷ ୪୦ ହଜାର ଲକ୍ଷପତି ହେଲେ ସରକାର ସେ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରନ୍ତୁ ▸ପୃଷ୍ଠା-୭

## ପ୍ରକୃତ ଭାରତୀୟ କିଏ ତାହା ସୁପ୍ରିମକୋର୍ଟ ସ୍ଥିର କରିପାରିବେନି: ପ୍ରିୟଙ୍କା ଗାନ୍ଧୀ



ନୂଆଦିଲ୍ଲୀ,୫।୮ (ଏଜେନ୍ସି): ଭାରତୀୟ ସେନା ଉପରେ ବିବାଦୀୟ ଟିପ୍ପଣୀକୁ ନେଇ ସୁପ୍ରିମକୋର୍ଟ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭର୍ତ୍ସନା କରିଥିଲେ। 'ଭାରତର ୨ ହଜାର ବର୍ଗ କିମି ଜମିକୁ ଚୀନ୍ କବ୍‌ଜା' କରିଥିବା ବୟାନକୁ ନେଇ ପ୍ରକୃତ ଭାରତୀୟ ଏଭଳି କହିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେଇଥିଲେ। ଏବେ ଏହି ଟିପ୍ପଣୀକୁ ନେଇ କଂଗ୍ରେସ ସାଂସଦ ତଥା ରାହୁଲଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟିପ୍ପଣୀ ଦେଇଛନ୍ତି। ସେ ବିଚାରପତିଙ୍କୁ ସମ୍ମାନ ଦେଉଛନ୍ତି, ମାତ୍ର ପ୍ରକୃତ ଭାରତୀୟ କିଏ ତାହାର ନିର୍ଣ୍ଣୟ ସୁପ୍ରିମକୋର୍ଟ କରିପାରିବେ ନାହିଁ ବୋଲି ପ୍ରିୟଙ୍କା କହିଛନ୍ତି। ସରକାରଙ୍କୁ ପ୍ରଶ୍ନ କରିବା ବିରୋଧୀ ନେତାଙ୍କ କର୍ତ୍ତବ୍ୟ। ମୋ ଭାଇ କେବେ ବି ସେନା ବିରୋଧରେ କହିବେ ନାହିଁ। ସେନା ପ୍ରତି ତାଙ୍କ ମନରେ ବହୁତ ସମ୍ମାନ ରହିଛି। ଏହାକୁ ଭୁଲ ବ୍ୟାଖ୍ୟା କରାଯାଇଛି। ମଙ୍ଗଳବାର ସଂସଦ ପରିସରରେ ପ୍ରିୟଙ୍କା ଏହି ଟିପ୍ପଣୀ ଦେଇଛନ୍ତି। ଅନ୍ୟପକ୍ଷରେ ସଂସଦ ଭବନରେ ଆଜି ଏନ୍‌ଡିଏର ସଂସଦୀୟ ଦଳ ବୈଠକ ବସିଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ରସଙ୍ଗ ଉଠାଇଛନ୍ତି। ସୁପ୍ରିମକୋର୍ଟରେ ଏହାଠାରୁ ବଡ଼ ଭର୍ତ୍ସନା ଆଉ କିଛି ହୋଇପାରେ ନାହିଁ ବୋଲି ମୋଦୀ କହିଛନ୍ତି।

### 'ୟୁଏନ ଟ୍ରୁପ୍ କଣ୍ଟ୍ରିବ୍ୟୁଟର ଚିଫ୍ସ କନକ୍ଲେଭ'

## ପାକିସ୍ତାନ, ଚୀନ୍‌କୁ ଡାକିଲାନି ଭାରତ



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ପାକିସ୍ତାନ ଏବଂ ତା'ର ଘନିଷ୍ଠ ସହଯୋଗୀ ଚୀନ୍‌କୁ ଭାରତ ବଡ଼ ଝଟ୍‌କା ଦେଇଛି। ଚଳିତ ବର୍ଷ ଅକ୍ଟୋବରରେ ଅନୁଷ୍ଠିତ ହେବାକୁ ଥିବା 'ୟୁନାଇଟେଡ ନେସନ୍ ଟ୍ରୁପ୍ କଣ୍ଟ୍ରିବ୍ୟୁଟର ଚିଫ୍ସ କନକ୍ଲେଭ'କୁ ଭାରତୀୟ ସେନା ଆୟୋଜନ କରୁଛି। ମାତ୍ର ଏହି ଚାରି ଦିନିଆ ସମ୍ମିଳନୀକୁ ପାକିସ୍ତାନ ସେନା ଓ ଚୀନର ପିଏଲଏ (ପିପୁଲ୍ସ ଲିବରେସନ୍ ଆର୍ମି )ସେନାକୁ ଭାରତ ନିମନ୍ତ୍ରଣ କରିନାହିଁ। ସବୁ ଦେଶର ସେନାମୁଖ୍ୟମାନେ ଏହି କାର୍ଯ୍ୟକ୍ରମରେ ଏକାଠି ହେବେ। ପହଲଗାମ ଆକ୍ରମଣ ପରେ ଭାରତ ଏଭଳି କଠୋର ପଦକ୍ଷେପ ନେଇଛି। ଅନେକ ଥର ଜାତିସଂଘ ମିଶନରେ ଭାରତ ଏବଂ ପାକିସ୍ତାନ ସୈନିକ ଏକାଠି କାମ କରିଛନ୍ତି। ମାତ୍ର ପହଲଗାମ ଆକ୍ରମଣରେ ପାକିସ୍ତାନୀ ସେନା ମୁଖ୍ୟ ଅସୀମ ମୁନିରଙ୍କ ସମ୍ପୃକ୍ତି ଏବଂ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପାଇଁ ଭାରତ ଏହି ଆଭିମୁଖ୍ୟ ଗ୍ରହଣ କରିଛି। ଆତଙ୍କବାଦୀଙ୍କୁ ପାଳୁଥିବା ଏହି ଦେଶ ସହ କୌଣସି ସମ୍ପର୍କ ରଖାଯିବ ନାହିଁ ବୋଲି ପୁଣିଥରେ ଭାରତ ସ୍ପଷ୍ଟ କରିଦେଇଛି।

ସୈନିକଙ୍କୁ ଜାତିସଂଘ ଶାନ୍ତିରକ୍ଷା ମିଶନକୁ ପଠାଉ ଥିବା ଦେଶମାନଙ୍କୁ ଏହି ସମ୍ମିଳନୀ ପାଇଁ ଆମନ୍ତ୍ରଣ କରାଯାଉଛି। କିନ୍ତୁ ତାଲିକାରେ ପାକିସ୍ତାନ ଏବଂ ଚୀନ୍‌ର ନାମ ନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ଏବେ ବିଶ୍ୱରେ ଜାତିସଂଘର ୧୧ଟି ମିଶନ ଚାଲିଛି। ପ୍ରାୟ ୧୨୦ଟି ଦେଶର ସେନା ଏଥିରେ ଅଂଶଗ୍ରହଣ କରୁଛନ୍ତି। ଭାରତୀୟ ସେନାର ପ୍ରାୟ ପାଞ୍ଚ ହଜାର ସୈନିକ ଏବେ ଜାତିସଂଘର ୯ଟି ମିଶନରେ ନିୟୋଜିତ ଅଛନ୍ତି।

# ଆମେରିକାକୁ ଜବାବ ଦେଲା ଭାରତ



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଆହୁରି ଅଧିକ ଶୁଳ୍କ ଲଗାଇବାକୁ ମଧ୍ୟ ଧମକ ଦେଇଛନ୍ତି। ରୁଷ୍‌ଠାରୁ ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧକୁ ପାଣ୍ଠି ଯୋଗାଉଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ହେବାରେ ଲାଗିଛି। ଭାରତ ଆମେରିକାକୁ ମଧ୍ୟ ଜବାବ ଦେଇଛି। ଅନ୍ୟକୁ କହୁଥିବା ଆମେରିକା ନିଜେ ରୁଷ୍‌ଠାରୁ ୟୁରାନିୟମ ଏବଂ ସାର ଆଣୁଛି ବୋଲି ଭାରତ ପକ୍ଷରୁ କୁହାଯାଇଛି। ଏପରି ସମୟରେ ଭାରତୀୟ ସେନା ସାମାଜିକ ଗଣମାଧ୍ୟମରେ ୧୯୭୧ର ଏକ ଖବରକାଗଜ ପୋଷ୍ଟ କରି ଆମେରିକାକୁ କଡ଼ା ଜବାବ ଦେଇଛି। ୧୯୭୧ ଯୁଦ୍ଧ ପ୍ରସ୍ତୁତି ପାଇଁ ଆମେରିକା ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେଇଥିଲା ଖବରକାଗଜରେ ଲେଖାଯାଇଛି। ଏହି ଫଟୋ ସେୟାର କରି ଭାରତୀୟ ସେନା ଟ୍ରମ୍ପଙ୍କୁ ତାଙ୍କ ଅସଲ ଚେହେରା ଦେଖାଇବାକୁ ଚେଷ୍ଟା କରିଛି। ସେନାର ଇଷ୍ଟର୍ଣ୍ଣ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଏହି ଦିନ ସେହି ବର୍ଷ (୧୯୭୧ ଅଗଷ୍ଟ ୫ର) ସତ୍ୟ ଜାଣନ୍ତୁ। ୧୯୫୪ରୁ ୧୯୭୧ ଯାଏଁ ଆମେରିକା ପାକିସ୍ତାନକୁ ୨ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ପଠାଇ ଥିଲା। ଟ୍ରମ୍ପଙ୍କ ଧମକର ଦିନକ ପରେ ସେନା ଏହି ପୋଷ୍ଟ କରିଛି। ସେ ସୋମବାର କହିଥିଲେ ଯେ ଭାରତ ରୁଷ୍‌ଠାରୁ ଶସ୍ତାରେ ତେଲ ଆଣି ଖୋଲା ବଜାରରେ ବିକ୍ରି କରୁଛି। ସେ ପୁଣି ଭାରତ ଉପରେ ଶୁଳ୍କ ବୃଦ୍ଧି କରିବେ।

**୧୯୭୧ର ଖବରକାଗଜ ପୋଷ୍ଟ କରି ଆମେରିକାକୁ ଟାର୍ଗେଟ**

**ପାକିସ୍ତାନକୁ ଦେଇଥିଲା ୨ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର**

**ଆମେରିକା-ଚୀନ୍‌ର ଅସ୍ତ୍ରଶସ୍ତ୍ରରେ ଲଢ଼ିଥିଲା ପାକିସ୍ତାନ**

ଭାରତୀୟ ସେନା ପୋଷ୍ଟ କରିଥିବା ଏହି ରିପୋର୍ଟରେ ଚୀନ୍ ସହାୟତା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ ଯୁଦ୍ଧ ପୂର୍ବରୁ ବେଜିଂ ମଧ୍ୟ ପାକିସ୍ତାନକୁ ସହାୟତା କରିଥିଲା। ସେ ସମୟରେ ରାଜ୍ୟସଭାରେ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଭିସି ଶୁକ୍ଳା ଦେଇଥିବା ବିବୃତି ଆଧାରରେ ଏହି ରିପୋର୍ଟ ପ୍ରକାଶ ପାଇଥିଲା। ସେ ରାଜ୍ୟସଭାରେ କହିଥିଲେ ଯେ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେବା ପ୍ରସଙ୍ଗରେ ନାଟୋ ଦେଶ ଏବଂ ସୋଭିଏତ ସଂଘ ସହ ଆଲୋଚନା କରାଯାଇଥିଲା। ସୋଭିଏତ ସଂଘ ଏବଂ ଫ୍ରାନ୍ସ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେବାକୁ ମନା କରି ଦେଇଥିଲା। ମାତ୍ର ଆମେରିକା ସମର୍ଥନ ଜାରି ରଖିଥିଲା। ଆମେରିକା ଏବଂ ଚୀନ୍ ବହୁତ ଶସ୍ତାରେ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେଇଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ଦେଶର ଅସ୍ତ୍ରଶସ୍ତ୍ର ନେଇ ପାକିସ୍ତାନ ୧୯୭୧ରେ ଭାରତ ବିରୋଧରେ ଲଢ଼ିଥିଲା।

## ପାରୋଲ ବାବା ରାମ ରହିମଙ୍କୁ ପୁଣି ପାରୋଲ

ରୋହତକ, ୫।୮ (ଏଜେନ୍ସି): ପାରୋଲ ବାବା ତଥା ଦୁଷ୍କର୍ମ ଅଭିଯୁକ୍ତ ଗୁରମିତ ରାମ ରହିମଙ୍କ ପ୍ରତି ହରିୟାଣା ସରକାରଙ୍କ କୃପାଦୃଷ୍ଟି ପୁଣି ପଡ଼ିଛି। ଦୁଇ ଶିଷ୍ୟାଙ୍କୁ ଦୁଷ୍କର୍ମ ମାମଲାରେ ସୁନାରିୟା ଜେଲରେ ୨୦ ବର୍ଷର ଦଣ୍ଡ କାଟୁଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମଙ୍କୁ ହରିୟାଣା ସରକାର ଆଉ ୪୦ ଦିନ ପାଇଁ ପାରୋଲ ଦେଇଛନ୍ତି। ସେ ଆଜି ସକାଳ ସାଢ଼େ ୬ଟାରେ ଜେଲରୁ ବାହାରି ସିର୍ସାସ୍ଥିତ ଡେରା ଅଭିମୁଖେ ଯାଇଥିବା ସୂଚନା ମିଳିଛି। ପୂର୍ବରୁ ଗତ ଏପ୍ରିଲ୍ ମାସରେ ତାଙ୍କୁ ୨୧ ଦିନ ପାଇଁ ପାରୋଲ ଦିଆଯାଇଥିଲା। ଅନ୍ୟ କଏଦୀଙ୍କୁ ମୂଳରୁ ପାରୋଲ ମିଳୁ ନ ଥିବାବେଳେ ସରକାର କାହିଁକି ରାମ ରହିମଙ୍କୁ ଏତେ ଅନୁକମ୍ପା ଦେଖାଉଛନ୍ତି ବୋଲି ପ୍ରଶ୍ନ ଉଠୁଛି। ସାମ୍ବାଦିକଙ୍କ ହତ୍ୟା ମାମଲାରେ ତାଙ୍କୁ ଆଜୀବନ ଜେଲ୍‌ଦଣ୍ଡ ମଧ୍ୟ ହୋଇଛି। ପଞ୍ଜାବ, ହରିୟାଣା, ହିମାଚଳପ୍ରଦେଶ ଓ ଉତ୍ତରପ୍ରଦେଶରେ ଆଦିରେ ରାମରହିମଙ୍କ ଅନେକ ଭକ୍ତ ଅଛନ୍ତି। ଭୋଟ ପାଇଁ ସରକାର ଏହି 'ଗଡ୍‌ମ୍ୟାନ'ଙ୍କୁ ଏକାଧିକ ଥର ପାରୋଲ ଦେଉଛନ୍ତି ବୋଲି କୁହାଯାଉଛି। ଏହାକୁ ମିଶାଇ ରାମ ରହିମ ୧୪ ଥର ପାରୋଲରେ ଜେଲ୍‌ରୁ ବାହାରିଲାଣି। ଚଳିତ ଥର ସେ ଅଗଷ୍ଟ ୧୫ରେ ନିଜର ୫୮ତମ ଜନ୍ମ ଦିନ ପାଳନ କରିବାକୁ ଯାଉଛି। ବିଭିନ୍ନ କାରଣ ଦର୍ଶାଇ ସେ ପାରୋଲ ପାଇଁ ଆବେଦନ କରିଥାନ୍ତି।

## କାନାଡାରେ ଖଲିସ୍ତାନୀ ଖୋଲିଲେ ନକଲି ଦୂତାବାସ

ଓଟାୱା, ୫।୮ (ଏଜେନ୍ସି): ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ କାନାଡ଼ା ସହ ଭାରତର ସମ୍ବନ୍ଧ ସୁଧୁରିବାରେ ଲାଗିଛି। ଗୋଟିଏ ପଟେ କାନାଡ଼ା ଭାରତର ସହ ଦ୍ୱିପାକ୍ଷିକ ସମ୍ବନ୍ଧକୁ ନିବିଡ଼ କରିବାକୁ ଚାହୁଁଥିବାବେଳେ ଅନ୍ୟପଟେ ଭାରତ ବିରୋଧୀ ଷଡ଼ଯନ୍ତ୍ର ହେଉଛି। କାନାଡ଼ାର ବ୍ରିଟିଶ କଲମ୍ବିଆ ସ୍ଥିତ ସୁରେରେ ଖଲିସ୍ତାନମାନେ ଦୂତାବାସ ଖୋଲିଛନ୍ତି। ଏହାର ନାମ 'ରିପବ୍ଲିକ୍ ଅଫ୍ ଖଲିସ୍ତାନ' ରଖାଯାଇଛି। ଗୁରୁ ନାନକ ସାହିବ ଗୁରୁଦ୍ୱାରରେ ଏହା ରହିଛି। ଏହା ଦୁଇ ଦେଶର ସମ୍ବନ୍ଧକୁ ଅଧିକ ବିଗାଡ଼ି ଦେବ ବୋଲି କୁହାଯାଉଛି। ଏହି ନକଲି ଦୂତାବାସର ଖବର ଆସିବା ମାତ୍ରେ ଭାରତୀୟ ଏଜେନ୍ସିଗୁଡ଼ିକ ସତର୍କ ହୋଇଯାଇଛନ୍ତି। ଖଲିସ୍ତାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ରିପୋର୍ଟ ଅନୁଯାୟୀ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜର ପୂର୍ବରୁ ଏହି ଗୁରୁଦ୍ୱାରର ମୁଖ୍ୟ ଥିଲା। ଭାରତ ତାକୁ ଆତଙ୍କବାଦୀ ଘୋଷଣା କରିଥିଲା। ତାର ହତ୍ୟା ପରେ କାନାଡ଼ା ଏବଂ ଭାରତ ସମ୍ବନ୍ଧ ବିଗିଡ଼ିବାରେ ଲାଗିଥିଲା। ଏହି ନକଲି ଦୂତାବାସରେ ଆତଙ୍କବାଦୀ ହରଦୀପର ପୋଷ୍ଟର ଲାଗିଛି। ଅନ୍ୟପକ୍ଷରେ ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ ଶିଖ୍ ଫର୍ ଜଷ୍ଟିସ (ଏସ୍ଏଫଜେ) କାନାଡ଼ାରେ ଶିଖ ଜନମତ ସଂଗ୍ରହ କରିବାକୁ ଘୋଷଣା କରିଛି।

## ପ୍ରଦୀପ ମିଶ୍ରାଙ୍କ କୁବେରେଶ୍ୱର ଧାମରେ ଦଳାଚକଟା; ୨ ମୃତ



ସିହୋର, ୫।୮ (ଏଜେନ୍ସି): ମଧ୍ୟପ୍ରଦେଶ ସିହୋର ସ୍ଥିତି କଥାବାଚକ ପ୍ରଦୀପ ମିଶ୍ରାଙ୍କ କୁବେରେଶ୍ୱର ଧାମରେ ମଙ୍ଗଳବାର ବଡ଼ ଅଘଟଣ ଘଟିଛି। ପ୍ରବଳ ଭିଡ଼ ଯୋଗୁଁ ଏଠାରେ ଦଳାଚକଟା ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ୧୦ରୁ ଅଧିକ ଆହତ ହୋଇଛନ୍ତି। ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତେବେ ଆନୁଷ୍ଠାନିକ ଭାବେ ଏହାର ସୂଚନା ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ପ୍ରଦୀପ ମିଶ୍ରା ବୁଧବାର କୁବେରେଶ୍ୱର ଧାମରୁ ଚିତାବଲିଆ ହେମା ଗ୍ରାମ ପର୍ଯ୍ୟନ୍ତ କାଉଡ଼ି ଯାତ୍ରା ବାହାର କରିବେ। ଏଥିରେ ସାମିଲ ହେବା ପାଇଁ ଦିନକ ପୂର୍ବରୁ ଲୋକେ ଭିଡ଼ ଜମାଇଛନ୍ତି। ଲୋକଙ୍କ ସଂଖ୍ୟା ଏତେ ବଢ଼ି ଯାଇଥିଲା ଯେ ଖାଇବା, ରହିବା ଏବଂ ଦର୍ଶନ ପାଇଁ ସ୍ଥାନାଭାବ ଦେଖା ଦେଇଥିଲା। ଏଥିଯୋଗୁଁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ଅନେକ ସ୍ଥାନରେ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। ତିନି ଜଣ ତଳେ ପଡ଼ି ଯାଇଥିଲେ। ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ଅନ୍ୟମାନଙ୍କୁ ଦଳି ଚାଲି ଯାଇଥିଲେ। ତେବେ ଆହତଙ୍କୁ ମେଡିକାଲକୁ ନେବାରେ ବିଳମ୍ବ ହୋଇଥିଲା। ଭିଡ଼ ପାଇଁ ଜିଲ୍ଲା ଟ୍ରମା ସେଣ୍ଟରକୁ ନେବା ପାଇଁ ଦେଢ଼ ଘଣ୍ଟା ସମୟ ଲାଗିଥିଲା। ତିନି ଘଣ୍ଟା ପରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମୃତକଙ୍କୁ ଚିହ୍ନଟ କରିଥିଲା। ଏ ବିଷୟରେ କିଛି କହିବାକୁ ଡାକ୍ତର ମନା କରିଦେଇଛନ୍ତି।

### କ୍ଷମତା ପରିବର୍ତ୍ତନ ଷଡ଼ଯନ୍ତ୍ର

## ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଗୃହବନ୍ଦୀ

ରିଓ ଡି ଜେନେରିଓ, ୫।୮ (ଏଜେନ୍ସି): ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାର ବୋଲସୋନାରୋଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଏବେ ତାଙ୍କୁ ଗୃହବନ୍ଦୀ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ପଦକ୍ଷେପ ନିଆଯାଇଛି। ୨୦୨୨ର ସାଧାରଣ ନିର୍ବାଚନରେ ପରାଜୟ ସତ୍ତ୍ୱେ ସେ କ୍ଷମତାରେ ରହିବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ସୁପ୍ରିମକୋର୍ଟ ଉପରେ ଆକ୍ରମଣ ଷଡ଼ଯନ୍ତ୍ର, ରାଷ୍ଟ୍ରପତି ଲୁଲା ଡି ସିଲ୍‌ଭା ଓ ବିଚାରପତିଙ୍କୁ ହତ୍ୟା ଯୋଜନା, ସେନା ମାଧ୍ୟମରେ ସରକାର ପରିବର୍ତ୍ତନ କରିବାକୁ ପ୍ରୟାସ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ତାଙ୍କୁ ଗୃହବନ୍ଦୀ କରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ ମଧ୍ୟ ଉଲ୍ଲଙ୍ଘନ କରିଥିଲେ ବୋଲି କୋର୍ଟ କହିଛନ୍ତି। ସେ ନିଜର ତିନି ସାଂସଦ ପୁଅଙ୍କ ମାଧ୍ୟମରେ ସାର୍ବଜନୀନ ବାର୍ତ୍ତା ପଠାଇ ଥିଲେ। ଗତ ରବିବାର ବୋଲ୍‌ସୋନାରୋ ରିଓ ଡି ଜେନେରିଓରେ ତାଙ୍କ ସମର୍ଥକଙ୍କ ରାଲି ହୋଇଥିଲା। ସେ ନିଜ ପୁଅର ଫୋନ୍‌ରୁ ସମର୍ଥକଙ୍କୁ ସମ୍ବୋଧନ କରିଥିଲେ। ଏହା ସ୍ୱାଧୀନତାର ଲଢ଼େଇ ବୋଲି କହିଥିଲେ। ଏପରି କରି ନିଜ ଉପରେ ଲାଗିଥିବା କଟକଣାକୁ ସେ ଉଲ୍ଲଙ୍ଘନ କରିଛନ୍ତି ବୋଲି କୋର୍ଟ କହିଥିଲେ। ଏହା ପରେ ତାଙ୍କୁ ଘରେ ଗୃହବନ୍ଦୀ କରି ରଖିବାକୁ, ହାତରେ ବନ୍ଧା ଯାଉଥିବା ଇଲେକ୍‌ଟ୍ରୋନିକ ମନିଟର ପିନ୍ଧିବାକୁ ଏବଂ ଘରର ସବୁ ମୋବାଇଲ ଜବତ କରିବାକୁ ବିଚାରପତି ଆଲେକଜାଣ୍ଡର ଡି ମୋରେସ୍ ନିର୍ଦ୍ଦେଶ ଦେଇଥିଲେ। ସାର୍ବଜନୀନ ଭାବେ ପୂର୍ବତନ ରାଷ୍ଟ୍ରପତି କିଛି କହିପାରିବେ ନାହିଁ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି

**ପୂର୍ବତନ ରାଷ୍ଟ୍ରପତିଙ୍କୁ ବଞ୍ଚାଇବାକୁ ଅଧିକ ଶୁଳ୍କ ଲଗାଇଥିଲେ ଟ୍ରମ୍ପ**



ଆମେରିକା ସହ ସହିତ ବାଣିଜ୍ୟ ଯୁଦ୍ଧର ସମ୍ମୁଖୀନ ହେଉଥିବା ବ୍ରାଜିଲରେ ଏହି ପ୍ରସଙ୍ଗର ଚର୍ଚ୍ଚାରେ ରହିଛି। ପୂର୍ବତନ ରାଷ୍ଟ୍ରପତି ବୋଲସୋନାରୋଙ୍କୁ ଟ୍ରମ୍ପଙ୍କ ଘନିଷ୍ଠ ବୋଲି କୁହାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ରାଜିଲ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଏହାକୁ ସେ ବୋଲସୋନାରୋଙ୍କ ବିରୋଧରେ ଚାଲିଥିବା ନ୍ୟାୟିକ ପ୍ରକ୍ରିୟା ସହ ଯୋଡ଼ି ଥିଲେ। ଡାହାଣୀ ଶିକାର ବୋଲି କହିଥିଲେ। ଏହାକୁ ନେଇ ବ୍ରାଜିଲରେ ଦେଶଭକ୍ତିର ମାହୋଲ ସରଗରମ ହୋଇଥିଲା। ସବୁ ରାଜନୈତିକ ଦଳ ଟ୍ରମ୍ପଙ୍କୁ ବିରୋଧ କରିଥିଲେ।

ବ୍ରାଜିଲର ସରକାରୀ ଓକିଲମାନେ ଅଭିଯୋଗ କରିଛନ୍ତି ଯେ ବୋଲସୋନାରୋ ଏକ ଅପରାଧିକ ସଂଗଠନର ନେତୃତ୍ୱ ନେଇଥିଲେ। ସେ ନିର୍ବାଚନ ଫଳାଫଳକୁ ପଲଟାଇବାକୁ ପ୍ରୟାସ କରିଥିଲେ।

## ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲ୍ଲିକଙ୍କ ପରଲୋକ



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସତ୍ୟପାଳ ମଲ୍ଲିକଙ୍କ ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ସେ ଦୀର୍ଘ ଦିନ ହେଲା ବୃକକ ଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ମେ' ୧୧ ତାରିଖରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେହି ଦିନଠାରୁ ତାଙ୍କର ଚିକିତ୍ସା ଜାରି ରହିଥିଲା। ଦୀର୍ଘ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସେ ହାରି ଯାଇଛନ୍ତି। ମଙ୍ଗଳବାର ଦ୍ୱିପହରେ ୧ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ଜମ୍ମୁ-କଶ୍ମୀର, ବିହାର, ଗୋଆ ଏବଂ ମେଘାଳୟର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ସେ ୨୦୧୮ ମାର୍ଚ୍ଚ ୨୧ରେ ଓଡ଼ିଶାର ଅତିରିକ୍ତ ଦାୟିତ୍ୱ ସମ୍ଭାଳି ଥିଲେ। ସେ ସେହି ବର୍ଷ ମେ' ୨୮ ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟପାଳ ଦାୟିତ୍ୱରେ ଥିଲେ।

୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ସେ ଜମ୍ମୁ-କଶ୍ମୀରର ରାଜ୍ୟପାଳ ଥିବାବେଳେ ଆଜିର ଦିନରେ ହିଁ ଧାରା ୩୭୦ ଉଚ୍ଛେଦ କରାଯାଇଥିଲା। ସଂଯୋଗବଶତଃ ଆଜି ହିଁ ସତ୍ୟପାଳ ମଲ୍ଲିକଙ୍କ ପରଲୋକ ହୋଇଛି। ୧୯୪୬ ଜୁଲାଇ ୨୪ରେ ଉତ୍ତରପ୍ରଦେଶ ହିସାବଦା ଗାଁର ଏକ ଜାଟ ପରିବାରରେ ଜନ୍ମିତ ଦିବଂଗତ ମଲ୍ଲିକ ୧୯୭୪-୭୭ ମଧ୍ୟରେ ଉତ୍ତରପ୍ରଦେଶ ବିଧାନସଭା ସଦସ୍ୟ ହୋଇ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ସେ ପ୍ରଥମେ ଜନତା ଦଳ ପରେ କଂଗ୍ରେସ ପୁଣି ଜନତା ଦଳକୁ ପ୍ରତ୍ୟାବର୍ତ୍ତନ କରି କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୨୦୦୪ରେ ସେ ବିଜେପିରେ ସାମିଲ ହୋଇଥିଲେ। ତେବେ ଦୁର୍ନୀତି ମାମଲା ମଧ୍ୟ ତାଙ୍କ ପିଛା ଛାଡ଼ି ନାହିଁ। ଗତ ମେ' ୨୨ ତାରିଖରେ ଜମ୍ମୁ-କଶ୍ମୀର କିରୁ ହାଇଡ୍ରୋପାୱାର ପ୍ରୋଜେକ୍ଟ ସମ୍ବନ୍ଧିତ ଦର୍ନୀତି ମାମଲାରେ ସତ୍ୟପାଳ ମଲ୍ଲିକଙ୍କ ସମେତ ୫ ଜଣଙ୍କ ବିରୋଧରେ ଆରୋପପତ୍ର ଦାଖଲ କରିଥିଲା। ଏଥିରେ ପ୍ରାୟ ୨୨୦୦ କୋଟି ଟଙ୍କାର 'ସିଭିଲ ୱାର୍କ୍ସ କଣ୍ଟ୍ରାକ୍ଟ'ରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏହି ଠିକା ଦେବା ପାଇଁ କୋଟି କୋଟି ଟଙ୍କା ଯଚା ଯାଇଥିଲା ବୋଲି ସତ୍ୟପାଲ ଅଭିଯୋଗ କରିଥିଲେ। ଏଥିରେ ଜଣେ ବଡ଼ ଉଦ୍ୟୋଗପତି, ପିଡିପି ମୁଖ୍ୟ ମେହବୁବା ମୁଫତି ଏବଂ ବିଜେପି ମେଣ୍ଟ ସରକାରରେ ମନ୍ତ୍ରୀ ଥିବା ଜଣେ ବ୍ୟକ୍ତି ସାମିଲ ଥିବା କହିଥିଲେ। ମାତ୍ର ତାଙ୍କୁ ହିଁ ମାମଲାରେ ଅଭିଯୁକ୍ତ କରିଦିଆଯାଇଥିଲା। ଏହି ମାମଲାରେ ୨୦୨୪ ଫେବୃଆରୀ ୨୨ ସିବିଆଇ ସତ୍ୟପାଲଙ୍କ ଠିକଣାରେ ଚଢ଼ଉ କରିଥିଲା। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୀବ୍ର ସମାଲୋଚନା କରିଥିଲେ। ପୁଲୱାମା ଆକ୍ରମଣକୁ ନେଇ ମୋଦୀ ତାଙ୍କୁ ଚୁପ୍ କରାଇ ଦେଇଥିବା ମଲ୍ଲିକ ଅଭିଯୋଗ କରିଥିଲେ।

## ୮ରେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତାର ଶୁଣାଣି

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତାକୁ ଫେରାଇ ଦେବା ପାଇଁ କେନ୍ଦ୍ର ସରକାର ବିଲ୍ ଆଣିପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହା ମଧ୍ୟରେ ସୁପ୍ରିମକୋର୍ଟ ୮ ତାରିଖରେ ଏହି ମାମଲାର ଶୁଣାଣି କରିବାକୁ ଯାଉଛନ୍ତି। ଜମ୍ମୁ-କଶ୍ମୀରର ପ୍ରଫେସର ଜହୁର ଅହମ୍ମଦ ଭଟ୍ଟ ଏବଂ ସମାଜସେବୀ ଖୁର୍ସିଦ ଅହମ୍ମଦ ମାଲିକ ଏହି ଆବେଦନ ଦାଖଲ କରିଛନ୍ତି। ଏଥିରେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଆବେଦନରେ ଯୁକ୍ତି ଦିଆଯାଇଛି ଯେ ଜମ୍ମୁ-କଶ୍ମୀରରେ ପଞ୍ଚାୟତ ନିର୍ବାଚନ ଏବଂ ପୌର ନିର୍ବାଚନ ଅନୁଷ୍ଠିତ ହୋଇଛି। ବର୍ତ୍ତମାନର ସୁରକ୍ଷା ଏବଂ ପ୍ରଶାସନିକ ପରିସ୍ଥିତି ରାଜ୍ୟ ମାନ୍ୟତା ଫେରାଇ ଆଣିବା ପାଇଁ ଅନୁକୂଳ। ଦୀର୍ଘ ସମୟ ଧରି ରାଜ୍ୟ ମାନ୍ୟତା ଫେରାଇ ନ ଆଣିବା ନାଗରିକ ଅଧିକାରର ଉଲ୍ଲଂଘନ। ଧାରା ୩୭୦ ହଟାଇବା ପରେ କେନ୍ଦ୍ର ସରକାର ଏହାକୁ ଏକ କେନ୍ଦ୍ରଶାସିତ ଅଞ୍ଚଳ କରିଥିଲେ। ଏହା ପରେ, କେନ୍ଦ୍ରର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଡିସେମ୍ବର ୨୦୨୩ରେ ସୁପ୍ରିମକୋର୍ଟ ରାଜ୍ୟରୁ ଧାରା ୩୭୦ ହଟାଇବା ଏବଂ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଉଚ୍ଛେଦକୁ ସମର୍ଥନ କରିଥିଲେ।

## ୩୦୦ କୋଟି ଟଙ୍କା କ୍ଲବରେ 'ସାଇୟାରା'

ନୂଆଦିଲ୍ଲୀ, ୫।୮(ଏଜେନ୍ସି): ଆହାନ ପାଣ୍ଡେ ଓ ଅନୀତ ପଡ୍ଡାଙ୍କ ଅଭିନୀତ ସିନେମା 'ସାଇୟାରା' ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି। ଏହି ସିନେମା ଏବେ ୩୦୦ କୋଟି ଟଙ୍କା କ୍ଲବରେ ସାମିଲ ହୋଇଛି। ମୁକ୍ତିଲାଭ କରିବାରର ୧୮ ଦିନରେ ଅର୍ଥାତ ସୋମବାର ଏହି ଫିଲ୍ମ ୩୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟ କରିଛି। ଏହା ମୋଟ୍ ଉପରେ ୩୦୦.୧୧ କୋଟି ଟଙ୍କା ଆୟ କରିଛି। ମୋହିତ ସୂରୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିନେମା (ନୂଆ କଳାକାରଙ୍କୁ ନେଇ) ପ୍ରଥମ ଚଳଚିତ୍ର ଭାବେ ୩୦୦ କୋଟି କ୍ଲବରେ ସାମିଲ ହୋଇଛି। ୟଶରାଜ ଫିଲ୍ମସ ହେଉଛି ଏହାର ପ୍ରଯୋଜକ। ସାଇୟାରା ଏହିକ୍ରମରେ ୱାର, ବଜରଙ୍ଗୀ ଭାଇଜାନ, ସୁଲତାନ ଭଳି ସିନେମାକୁ ପଛରେ ପକାଇଛି। ପ୍ରଥମ ଦିନରେ ହିଁ ସାଇୟାରା ୨୧.୫ କୋଟି ଟଙ୍କା ଆୟ କରିଥିଲା। ଏହି ସିନେମା ୫୦ରୁ ୬୦ କୋଟି ଟଙ୍କା ମଧ୍ୟରେ ନିର୍ମିତ ହୋଇଥିଲା।

## ଆଡଭାନୀଙ୍କ ରେକର୍ଡ ଭାଙ୍ଗିଲେ ଶାହା

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଙ୍ଗଳବାର ନୂଆ ରେକର୍ଡ କରିଛନ୍ତି। ସେ ଦୀର୍ଘ ଦିନ ପର୍ଯ୍ୟନ୍ତ ଏହି ପଦରେ ରହି ପୂର୍ବତନ ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବିଜେପି ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି। ଶାହା ଏହି ପଦରେ ୨୨୫୮ ଦିନ ହେଲା ଅଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ୨୦୧୯ ମେ' ୩୦ରେ ସ୍ୱରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୨୦୨୪ ଜୁନ୍ ୯ରେ ଶାହାଙ୍କ ପ୍ରଥମ କାର୍ଯ୍ୟକାଳ ଶେଷ ହୋଇଥିଲା। ୨୦୨୪ ଜୁନ୍ ୧୦ରେ ସେ ପୁଣି ସ୍ୱରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ସେବେଠାରୁ ଏହି ପଦରେ ଅଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ବ୍ୟତୀତ ସେ ଦେଶର ପ୍ରଥମ ସହଯୋଗ ମନ୍ତ୍ରୀ ହୋଇଥିଲେ। ଏହା ପୂର୍ବରୁ ସେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ଗୁଜରାଟ ଗୃହମନ୍ତ୍ରୀ ଥିଲେ। ସଂଯୋଗବଶତଃ ଅଗଷ୍ଟ ୫ରେ ଶାହା ଦୀର୍ଘ ସମୟ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ରହିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏହି ଦିନ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ଧାରା-୩୭୦ ଉଚ୍ଛେଦ କରାଯାଇଥିଲା।

## ଗାଁରେ ବିବାହ କରିବା ମନା

ଅମୃତସର, ୫।୮ (ଏଜେନ୍ସି): ପଞ୍ଜାବର ଏକ ଗାଁରୁ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଅନେକ ଗାଁରେ ଯୁବକଯୁବତୀମାନେ ନିଜ ଗାଁରେ ବିବାହ କରୁଥିବାରୁ ଏହାକୁ ରୋକିବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ପଞ୍ଚାୟତଗୁଡ଼ିକ ସମ୍ବିଧାନ ଦେଇଥିବା ଅଧିକାରକୁ ଉଲ୍ଲଙ୍ଘନ କରି ଏଭଳି ବିବାହ ଉପରେ କଟକଣା ଲଗାଇ ଦେଇଛି। ମାତ୍ର ସାମାଜିକ ଦୃଷ୍ଟିକୋଣରୁ ପଞ୍ଚାୟତଗୁଡ଼ିକ ଏପରି ନିଷ୍ପତ୍ତିକୁ ଉପଯୁକ୍ତ ବୋଲି ଲୋକେ କହୁଛନ୍ତି।

ସୂଚନାଅନୁଯାୟୀ ବଠିଣ୍ଡା ଜିଲ୍ଲାର କୋଟଶମିରଗ୍ରାମ, ଫରିଦକୋଟର ଗ୍ରାମ ସିରସଡ଼ି ଏବଂ ଅନୋଖପୁରା ତଥା ମାନସା ଜିଲ୍ଲାର ସୈଦେୱାଲା ଗ୍ରାମ ପଞ୍ଚାୟତ ବୈଠକରେ ଏପରି ପ୍ରସ୍ତାବ ପାରିତ ହୋଇଛି। କୌଣସି ଯୁବକ/ଯୁବତୀ ନିଜ ଗାଁରେ ବିବାହ କିମ୍ବା ପ୍ରେମ ବିବାହ କରି ପାରିବେ ନାହିଁ ବୋଲି କୁହାଯାଇଛି। ଏହି ନିୟମ ଭଙ୍ଗ କଲେ ସାମୂହିକ ଭାବରେ ବର୍ଜନ କରାଯିବ ବୋଲି ନିୟମ ରହିଛି। **ଏହି ପ୍ରସ୍ତାବକୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ପଞ୍ଜାବ ସରକାରଙ୍କ ନିକଟେର ସରପଞ୍ଚମାନେ ଦାବି କରିଛନ୍ତି। ବିଧାନସଭାରେ ଏହି ପ୍ରସଙ୍ଗ ଉପରେ ବିଚାର କରିବାକୁ ମଧ୍ୟ ଆବେଦନ କରିଛନ୍ତି।**

କୋଟକାପୁରା ବିଧାନସଭା ନିର୍ବାଚନମଣ୍ଡଳୀର ସିରସଡ଼ି ଗାଁର ସରପଞ୍ଚ ଜ୍ଞାନ କୌର ଏବଂ ଅନୋଖପୁରା ଗାଁର ସରପଞ୍ଚ ବଲଜିତ ସିଂହଙ୍କ ଅନୁଯାୟୀ ନିଜ ଗାଁରେ ବିବାହ କରିବା ଦ୍ୱାରା ସାମାଜିକ ମୂଲ୍ୟବୋଧ ଦୁର୍ବଳ ହେଉଛି। ଏଥିପାଇଁ ଅନର କିଲିଂ ମାମଲା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହା ସହିତ ଅନେକ ଅସୁବିଧା ମଧ୍ୟ ହେଉଛି। ଏହା ବଂଶାନୁକ୍ରମିକ ସମସ୍ୟା ବୃଦ୍ଧି କରିପାରେ। ଗାଁରେ ରହିବା ଯୋଗୁଁ ପରସ୍ପରର ଘରେ ହସ୍ତକ୍ଷେପ ମଧ୍ୟ ବୃଦ୍ଧି ପାଇବ। ଏହା ଦ୍ୱାର ସମ୍ପର୍କ ତିକ୍ତ ହୋଇଯିବ। ଗୋଟିଏ ପରିବାରେ ଯେପରି ବିବାହ ହୁଏ ନାହିଁ ସେପରି ଗାଁ ମଧ୍ୟ ଏକ ବଡ଼ ପରିବାର। ପୁଅ ଏବଂ ଝିଅ ପାଇଁ ଗୋଟିଏ ଗାଁରେ ବିବାହ କରିବା ଉଚିତ ନୁହେଁ।



# ଶୋଭନା ମହାନ୍ତି ମହିଳା କମିଶନ, ବବିତା ପାତ୍ର ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା

## ମହିଳା କମିଶନରେ ୪ ଓ ଶିଶୁ ଅଧିକାର ଆୟୋଗରେ ୬ ସଦସ୍ୟ

**ଭୁବନେଶ୍ୱର,୫।୮ (ସମିସ):** ଦୀର୍ଘ ଦିନ ଧରି ଖାଲି ପଡ଼ିବା ପରେ ରାଜ୍ୟ ସରକାର ମହିଳା କମିଶନ ଓ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ପଦ ପୂରଣ କରିଛନ୍ତି।

ରାଜ୍ୟର ନୂଆ ମହିଳା କମିଶନ ଅଧ୍ୟକ୍ଷା ରୂପେ ନିଯୁକ୍ତି ପାଇଛନ୍ତି ଶୋଭନା ମହାନ୍ତି। ସେହିପରି ବବିତା ପାତ୍ରଙ୍କୁ ରାଜ୍ୟ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ମଙ୍ଗଳବାର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମହିଳା କମିଶନ ଓ ଶିଶୁ ସୁର୪କ୍ଷା ଅଧିକାର ଆୟୋଗଙ୍କ କାର୍ଯ୍ୟକାଳ ୩ ବର୍ଷ ଧାର୍ଯ୍ୟ କରାଯାଇଛି।

ମହିଳା କମିଶନର ସଦସ୍ୟା ଭାବରେ ପ୍ରତିଭା ଶତପଥୀ, ଉର୍ମିଳା ମହାପାତ୍ର, କଳ୍ପନା ମଲ୍ଲିକ ଓ ମୁକ୍ତା ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ଭାବରେ କେନ୍ଦୁଝରର ସୁକେଶୀ ଓରାମ, ରାଉରକେଲାର କଳ୍ପନା ଲେଙ୍କା, ଭୁବନେଶ୍ୱରର ଚନ୍ଦନା ଦାସ, ଭୁବନେଶ୍ୱରର କସ୍ତୁରୀ ମିଶ୍ର, ଭଦ୍ରକର ମନସ୍ମିତା ଖୁଣ୍ଟିଆ ଓ ଭୁବନେଶ୍ୱରର ସୁଜାତା ନାୟକଙ୍କୁ ନିଯୁକ୍ତି ମିଳିଛି।

ଶୋଭନା ମହାନ୍ତିଙ୍କ ଘର ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ କରଞ୍ଜିଆ ଗ୍ରାମରେ। ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏପରି ଗୁରୁଦାୟିତ୍ୱ ମିଳିଥିବାରୁ ଖୁସି ଅନୁଭବ କରୁଛି। ରାଜ୍ୟ ସରକାର ଯେଉଁ ଦାୟିତ୍ୱ ଦେଇଛନ୍ତି, ତାକୁ ଠିକ୍ ଭାବେ ତୁଲାଇବି। ମହିଳାଙ୍କୁ ଠିକ ଭାବେ ନ୍ୟାୟ ଦେବାକୁ ଉଦ୍ୟମ କରିବି। ଆମ ସରକାରରେ ମହିଳାଙ୍କୁ ଉଚିତ ନ୍ୟାୟ ମିଳିବ। ନିଜ ଦଳ ହୁଅନ୍ତୁ ବା ଅନ୍ୟ କେଉଁ ଦଳର ହୁଅନ୍ତୁ




ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନୁରୂପ ଭାବରେ ବବିତା ପାତ୍ର ତାଙ୍କ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଶିଶୁ ଅଧିକାର ଓ ସୁରକ୍ଷା ସୁନିଶ୍ଚିତ ହେବ। ଶିଶୁ ନିର୍ଯାତନା କମାଇବାକୁ ରୋଡ଼ ମ୍ୟାପ ପ୍ରସ୍ତୁତ କରିବୁ। ମହିଳା ଓ ଶିଶୁ ବିକାଶ ବିଭାଗ ସହ ମିଶି ଶିଶୁ ଚାଲାଣ ଓ ଶିଶୁ ଶ୍ରମିକ ରୋକିବୁ। ବିଜେପି ସରକାରରେ ଶିଶୁଙ୍କ କଲ୍ୟାଣ ହେବା ସହ ନାବାଳିକା ଦୁଷ୍କର୍ମ, ଶିଶୁ ନିର୍ଯାତନା ଉପରେ କଠୋର ବ୍ୟବସ୍ଥା କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ହାତୀଙ୍କ ପାଇଁ ଜଙ୍ଗଲ ଭିତରେ ହେବ ଧାନ ଚାଷ

**ଭୁବନେଶ୍ୱର,୫।୮ (ସମିସ):** ରାଜ୍ୟରେ ପ୍ରତିବର୍ଷ ହାତୀ ମୁନୁଷ୍ୟ ଲଢ଼େଇ ଯୋଗୁଁ ଶତାଧିକ ଲୋକଙ୍କ ଜୀବନ ଯାଉଛି। ଅନେକ ସମୟରେ ହାତୀ-ମଣିଷ ଲଢ଼େଇରେ ଓଡ଼ିଶାର ମୃତକଙ୍କ ସଂଖ୍ୟା ସାରା ଦେଶରେ ଅଧିକ ରହୁଛି। ମୁଖ୍ୟତଃ ହାତୀମାନଙ୍କୁ ଜଙ୍ଗଲରେ ଖାଦ୍ୟ ଅଭାବ ହେଉଥିବା ଯୋଗୁଁ ସେମାନେ ବାହାରକୁ ଆସୁଛନ୍ତି ଓ ହାତୀ-ମଣିଷ ସଂଘର୍ଷ ବୃଦ୍ଧି ପାଉଛି। ତେଣୁ ଏହାକୁ ରୋକିବାକୁ ଜଙ୍ଗଲ ଭିତରେ ଧାନ ଚାଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ବନ ବିଭାଗକୁ ପରାମର୍ଶ ଦେଇଛନ୍ତି।

ମଙ୍ଗଳବାର ଲୋକସେବା ଭବନ କନ୍‌ଭେନ୍ସନ୍ ସେଣ୍ଟରରେ ଆୟୋଜିତ ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ବନଖଣ୍ଡ ଅଧିକାରୀମାନଙ୍କ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବନୀକରଣ କାର୍ଯ୍ୟକ୍ରମରେ ଜନବସତି ଅଞ୍ଚଳରେ ଏପରି ଗଛ ଲଗାଇବା ଉଚିତ, ଯାହା ଲୋକଙ୍କୁ ଫଳ, ପୁଷ୍ପ ପ୍ରଦାନ କରୁଥିବା ସହିତ ଛାୟା ପ୍ରଦାନ କରିପାରିବ। ତେବେ ଯାଇ ଲୋକମାନେ ଏସବୁ ବୃକ୍ଷର ଉପଯୁକ୍ତ ଯତ୍ନ ନେବେ। ସେହିଭଳି ପଥପାର୍ଶ୍ୱର୍ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଲୋକମାନଙ୍କ କାମରେ ଲାଗିଲା ଭଳି ଗଛ ରୋପଣ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଏକ-ଚତୁର୍ଥାଂଶ ଲୋକ ହେଉଛନ୍ତି ଆଦିବାସୀ ସଂପ୍ରଦାୟର ଲୋକ। ସେମାନେ ମୁଖ୍ୟତଃ ବଣ ଜଙ୍ଗଲ ଏବଂ



■ ବନୀକରଣ ବେଳେ ଫଳ, ପୁଷ୍ପ ପ୍ରଦାନକାରୀ ଗଛ ଲଗାଇବାକୁ ପରାମର୍ଶ
■ ଦୁର୍ନୀତିରୁ ଦୂରରେ ରହିବାକୁ ଅଧିକାରୀ ମାନଙ୍କୁ ସତର୍କ କରାଇଲେ ମୁଖ୍ୟମନ୍ତ୍ରୀ

ଏହାର ଆଖପାଖ ଅଞ୍ଚଳରେ ବସବାସ କରନ୍ତି। ତେଣୁ ବନ ଅଧିକାରୀମାନେ ଗରିବ, ଆଦିବାସୀ, ଦଳିତ ବର୍ଗ ଲୋକଙ୍କ ସହିତ ଜଙ୍ଗଲ ସୁରକ୍ଷା ନିୟମ ପାଳନ ସମୟରେ ସମ୍ବେଦନଶୀଳତା ସହ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କାର୍ଯ୍ୟକ୍ରମରେ କହିଛନ୍ତି ଯେ ଓଡିଶାରେ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ଯାହା ବି ଅଭିବୃଦ୍ଧି ହୋଇଛି ଏହାର ଶ୍ରେୟଜଙ୍ଗଲ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କର। ତେଣୁ ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରି ଲୋକଙ୍କ ସହ ଯୋଡିହୋଇ କାମ କରି ବିଭାଗ ପାଇଁ ସୁନାମ ଆଣିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଜଙ୍ଗଲ ସମ୍ପଦର ସୁରକ୍ଷା ସହିତ ଜଙ୍ଗଲ ଭିତରେ ଏବଂ ଜଙ୍ଗଲ ନିକଟରେ ରହୁଥିବା ଲୋକଙ୍କୁ ଜଙ୍ଗଲ ସଂରକ୍ଷଣ ପ୍ରତି ସଚେତନ କରିବା ଓ ଜଙ୍ଗଲ ମଧ୍ୟରେ ରହୁଥିବା ଲୋକଙ୍କ ଜୀବନ ଜୀବିକା ବୃଦ୍ଧି ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଭିଦ ଗବେଷଣା କେନ୍ଦ୍ର, ଉଦ୍ୟାନ କୃଷି ବିଭାଗ ଏବଂ ଓଡିଶା ରାଜ୍ୟ ବିହନ ନିଗମ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା। ଏହାଦ୍ୱାରା ରାଜ୍ୟର କୃଷକ ମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଫଳ ଚାରା ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ ଉପସ୍ଥିତ ଥିଲେ।

## କଣ୍ଟିସାହି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅଘଟଣ

# ପାଣିଟାଙ୍କି ସଫେଇ ବେଳେ ଛାତରୁ ଖସି ଛାତ୍ରୀ ଗୁରୁତର

**ଶୁଳିଆପଦା,୫।୮ (ସମିସ):** ଦୁଇ ମହଲା କୋଠା ଉପରେ ଚଢ଼ି ହଷ୍ଟେଲ ପାଣିଟାଙ୍କି ସଫା କରୁଥିବା ବେଳେ ଛାତରୁ ଖସି ଜଣେ ଛାତ୍ରୀ ଗୁରୁତର। ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ୍ କଣ୍ଟିସାହି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଏପରି



■ ୩୦ ଫୁଟ୍ ତଳକୁ ଖସି ପଡ଼ିଲେ ଛାତ୍ରୀ
■ ଘଟଣା ଚାପିଦେବାକୁ ଛାତ୍ରୀଙ୍କୁ ରାଣନିୟମ
■ ଅଭିଭାବକମହଲରେ ତୀବ୍ର ଅସନ୍ତୋଷ
■ ଥାନାରେ ଏତଲା ଦେଲେ ଛାତ୍ରୀଙ୍କ ମା'

ଏକ ଅଘଟଣ ଘଟିଛି। ଗୁରୁତର ଛାତ୍ରୀଜଣଙ୍କ ହେଲେ, ସପ୍ତମ ଶ୍ରେଣୀର ପଢୁଥିବା ପିଙ୍କି ମହାନ୍ତ। ୩ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ ଛାତ୍ରୀଙ୍କୁ ରାଣ ନିୟମ ପକାଇ ହଷ୍ଟେଲ ୱାର୍ଡେନ୍ ଘଟଣାକୁ ଚାପିଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପରିବାରଲୋକ ବାରମ୍ବାର ପଚାରିବା ପରେ ଆଜି ଘଟଣା ପଦାକୁ ଆସିଛି। ପିଙ୍କିଙ୍କୁ ପ୍ରଥମେ ବାରିପଦା ପିଆରଏମ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ପରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରିବାରଲୋକ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ପିଙ୍କିଙ୍କ ମା' ପ୍ରମିଳା ମହାନ୍ତଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ସତ୍ୟନାରାୟଣ ବଳ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଗତ ରବିବାର ହଷ୍ଟେଲ ଜଗୁଆଳି ୬ଜଣ ଅନ୍ତେବାସିନୀଙ୍କୁ ଦୁଇ ମହଲା କୋଠା ଉପରେ ଚଢ଼ି ପାଣିଟାଙ୍କି ସଫା କରିବାକୁ କାମ ବରାଦ କରିଥିଲେ। ତାଙ୍କ କଥା ମାନି ଅନ୍ତେବାସିନୀମାନେ କୋଠା ଉପରେ ଚଢ଼ି ବିପଜ୍ଜନକ ଭାବରେ ଟାଙ୍କି ସଫେଇ କରୁଥିବା ବେଳେ ଗୋଡ଼ ଖସିଯିବାରୁ ପିଙ୍କି ତଳେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ପିଆରଏମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

ହଷ୍ଟେଲ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ମହାନ୍ତ କହିଛନ୍ତି ଯେ ପିଲାମାନେ ଛାତ ଉପରକୁ ଯିବା ଘଟଣାରେ ୱାର୍ଡେନ୍ ଏବଂ ଜଗୁଆଳିଙ୍କ ଭୁଲ୍ ରହିଛି। ୱାର୍ଡେନଙ୍କ କହିବା ମୁତାବକ, ୩୦ ଫୁଟ୍ ଉଚ୍ଚରୁ ପଡ଼ିଲା ପରେ ମଧ୍ୟ ଛାତ୍ରୀଜଣଙ୍କ ସଂପୂର୍ଣ୍ଣ ସୁସ୍ଥ ଥିଲେ। ଯଦି ଛାତ୍ରୀଜଣଙ୍କ ସୁସ୍ଥ ଥିଲେ ତେବେ କାହିଁକି ଛାତ୍ରୀ ନିବାସରୁ ମାତ୍ର ୫ଶହ ମିଟର ଦୂରରେ ଶୁଳିଆପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ନଯାଇ ୩୦ କିମି ଦୂର ବାରିପଦାକୁ କିପରି ନିଆଗଲା ବୋଲି ଲୋକେ ଅଭିଯୋଗ କରିଛନ୍ତି। ଘଟଣାର ୩ଦିନ ପରେ ବି ଶୁଳିଆପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏ ବିଷୟରେ ଅବଗତ ନାହାନ୍ତି।

■ ସାଇବର୍ ଠକଙ୍କ କରାମତି

# ଅଶ୍ଳୀଳ ଫଟୋ ଭାଇରାଲ ଧମକ ଦେଇ ଲୁଟିନେଲେ ୬ଲକ୍ଷ

**ବାରିପଦା, ୫।୮ (ସମିସ):** ଜଣେ ଯୁବତୀଙ୍କ ସହ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଧମକ ଦେଇ ସାଇବର୍ ଠକ ଜଣେ ଯୁବକଙ୍କଠାରୁ ୬ଲକ୍ଷ ୧୪ହଜାର ୫୦୦ଟଙ୍କା ଲୁଟି ନେଇଛନ୍ତି। ଠକେଇର ଶିକାର ଯୁବକ ହେଲେ, ବିଶୋଇ ଥାନା ଅନ୍ତର୍ଗତ ସାନମଣଦା ଗ୍ରାମର ନନ୍ଦିରାମ ନାଏକ। ଏ ସଂପର୍କରେ ସେ ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରଥମେ ଏକ ଅଜଣା ନମ୍ବରରୁ ତାଙ୍କୁ ଫୋନ୍ ଓ ହ୍ୱାଟ୍ସ-ଆପ୍ କଲ୍ ଆସିଥିଲା। ପରେ ବ୍ୟକ୍ତିଜଣଙ୍କ ତାଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଜଣେ ମହିଳାଙ୍କ ସହ ତାଙ୍କର ଆପତ୍ତିଜନକ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ନନ୍ଦିରାମ ପର୍ଯ୍ୟାୟକ୍ରମେ ଦୁଇଟି ବ୍ୟାଙ୍କ ଆକାଉଣ୍ଟରୁ ସମୁଦାୟ ୬ ଲକ୍ଷ ୧୪ ହଜାର ୫୦୦ ଟଙ୍କା ଦେଇଦେଇଥିଲେ। ପରେ ସେ ଏନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

■ ଏମ୍‌କେସିଜିରେ ଗୋଟିଏ ସିଲିଣ୍ଡରରୁ ୨ ନବଜାତକଙ୍କୁ ଅକ୍ସିଜେନ୍ ଦେବା ଘଟଣା

# ଅଧୀକ୍ଷକଙ୍କୁ ରିପୋର୍ଟ ତଲବ କଲେ ଡିଏମ୍‌ଇଟି ଓ ଆର୍‌ଡିସି

**ବ୍ରହ୍ମପୁର,୫।୮ (ସମିସ):** ଏମ୍‌କେସିଜି ମେଡିକାଲ ଶିଶୁବିଭାଗରେ ଚିକିତ୍ସିତ ଦୁଇ ନବଜାତ ଶିଶୁଙ୍କୁ ଗୋଟିଏ ସିଲିଣ୍ଡରରୁ ଅକ୍ସିଜେନ ଦିଆଯିବା ଘଟଣାକୁ ଉଭୟ ଡିଏମ୍‌ଇଟି ଓ ଦକ୍ଷିଣାଞ୍ଚଳ ଆର୍‌ଡ଼ିସି ଗୁରୁତର ସହ ନେଇଛନ୍ତି। ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ଓ ପ୍ରସାରଣ ପରେ ଏନେଇ ଉଭୟ ଅଧିକାରୀ ତତ୍ପରତା ପ୍ରକାଶ କରି ଏମ୍‌କେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀଙ୍କୁ ରିପୋର୍ଟ ତଲବ କରିଛନ୍ତି। କାହିଁକି ଓ କେଉଁଭଳି ପରିସ୍ଥିତିରେ ଶିଶୁବିଭାଗ ପକ୍ଷରୁ ଏଭଳି ନିଷ୍ପତି ନିଆଗଲା ସେ ସମ୍ପର୍କରେ ତଦନ୍ତ କରିବା ସହ କିପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଜଣାଇବାକୁ ମଧ୍ୟ କୁହାଯାଇଛି।

ଅନ୍ୟପକ୍ଷରେ ଘଟଣା ସମୟର ଭିଡ଼ିଓ ଏବଂ ଫଟୋ ଭାଇରାଲ ପରେ ଘଟଣାକୁ ନେଇ ମେଡ଼ିକାଲ ଅଧୀକ୍ଷକ ମଧ୍ୟ ଶିଶୁବିଭାଗ ମୁଖ୍ୟଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଯଦି ଉଭୟ ରୋଗୀଙ୍କୁ ସମାନ ପରିମାଣର ଅକ୍ସିଜେନ ଆବଶ୍ୟକ ଥାଏ ତେବେ ଏଭଳି ପରିସ୍ଥିତିରେ ଗୋଟିଏ ସିଲିଣ୍ଡରରୁ ଏକାଧିକ ରୋଗୀଙ୍କୁ ଅକ୍ସିଜେନ ପ୍ରଦାନ କରାଯାଇ ପାରିବ ବୋଲି ଶିଶୁବିଭାଗ ପକ୍ଷରୁ ଅଧୀକ୍ଷକଙ୍କୁ କୁହାଯାଇଥିବା ଜଣାପଡିଛି। ଏନେଇ ପାଠ୍ୟପୁସ୍ତକରେ ମଧ୍ୟ ଉଲ୍ଲେଖ ଥିବା ଦର୍ଶାଯାଇଛି। ଅପରପକ୍ଷରେ କେଉଁ ପାଠ୍ୟପୁସ୍ତକରେ ଏଭଳି ଉଲ୍ଲେଖ ଅଛି ତାହା ପ୍ରମାଣ ସହ ଉପସ୍ଥାପନ କରିବାକୁ ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ ଶିଶୁବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ପାଇବା ପରେ ଦକ୍ଷିଣାଞ୍ଚଳ ଆର୍‌ଡ଼ିସିଙ୍କ ସମେତ ଡିଏମ୍‌ଇଟିଙ୍କୁ ପ୍ରଦାନ କରାଯିବ ବୋଲି ଡ଼ା. ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ମେଡ଼ିକାଲର ଶିଶୁରୋଗ ବିଭାଗ ଏସ୍‌ଏନ୍‌ସିୟୁ(ସ୍ପେଶାଲ୍ ନ୍ୟୁବର୍ଣ୍ଣ କେୟାର ୟୁନିଟ୍)ରେ କିଛିଦିନ ଧରି ପାତ୍ରପୁର ବ୍ଲକ ପଦାଦିଗି ଗ୍ରାମର କୌଶଲ୍ୟା ସାହୁଙ୍କ ୮ଦିନର ଶିଶୁପୁତ୍ର ଓ ଗଜପତି ଜିଲ୍ଲା ନୂଆଗଡ ବ୍ଲକ ବଦପଦା ଗ୍ରାମର ପଦ୍ମାଳୟା ବେହେରାଙ୍କ ୧୪ଦିନର ଶିଶୁ କନ୍ୟା ଚିକିତ୍ସିତ ହେଉଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ଉଭୟ ଶିଶୁଙ୍କୁ ମେଡ଼ିକାଲ ପରିସରରେ ଥିବା ସୁପର ସ୍ପେସିଆଲିଟି କୋଠାକୁ ଇକୋ ପରୀକ୍ଷା ପାଇଁ ନିଆଯାଇଥିଲା। ୱାର୍ଡରେ ଥିବା ଆଟେଣ୍ଡାଣ୍ଟ ଗୋଟିଏ ଅକ୍ସିଜେନ୍ ଭର୍ତ୍ତି ସିଲିଣ୍ଡରରୁ ଉଭୟ ଶିଶୁଙ୍କୁ ଅକ୍ସିଜେନ୍ ଲଗାଇ ନେଉଥିବାବେଳେ ସେମାନଙ୍କ ମାଆ ଓ ସମ୍ପର୍କୀୟମାନେ ଶିଶୁଙ୍କୁ କୋଳରେ ଧରି ଯାଉଥିବା ଦୃଶ୍ୟ ଭାଇରାଲ ହୋଇଥିଲା।

# ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ୧୦ରୁ

**ଭୁବନେଶ୍ୱର, ୫।୮ (ସମିସ):** ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ(ଏମ୍‌ଡିଏ) ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ। ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ୧କୋଟି ୭ ଲକ୍ଷ ଜଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ। ଅନୁଗୋଳ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡ଼ା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲାରେ ୧୦ରୁ ୧୯ ତାରିଖ ମଧ୍ୟରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସହିତ ଜାତୀୟ କୃମିନାଶକ ଦିବସ(ଏନ୍‌ଡିଡି) କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଫାଇଲେରିଆ ନିରାକରଣ ପାଇଁ ଏହି ୧୨ଟି ଜିଲ୍ଲାର ୧୧୫ଟି କାର୍ଯ୍ୟାନ୍ୱୟନ ୟୁନିଟ୍‌ରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ ବୋଲି ଆଜି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅଧୀନରେ ୩ଟି ଔଷଧ ଯଥା ଡିଇସି, ଆଲବେଣ୍ଡାଜୋଲ ଓ ଆଇଭରମେକ୍ଟିନ ବଟିକା ଖାଇବାକୁ ଦିଆଯିବ। ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥଙ୍କୁ ଏହି ଔଷଧ ଖାଇବାରୁ ବାରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୪୧ ହଜାର ଡ୍ରଗ ଆଡ୍‌ମିନିଷ୍ଟ୍ରେଟର ନିୟୋଜିତ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୪୧ଶହ ଜଣ ପର୍ଯ୍ୟବେକ୍ଷକ ରହିଛନ୍ତି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଶା, ଅଙ୍ଗନୱାଡି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟ ସ୍ୱେଚ୍ଛାସେବୀଙ୍କୁ ଡ୍ରଗ୍ ଆଡମିନିଷ୍ଟ୍ରେଟର ଘରକୁ ଘର ଯାଇ ଔଷଧ ଖୁଆଇବେ ବୋଲ କୁହାଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର , ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଦିଲୀପ କୁମାର ପଣ୍ଡା , ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡା. ସୁଚିତ୍ରା ସାସମଲ, ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଭାକର ସାହୁ , ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରମିଳା ବରାଳ, ଯୁଗ୍ମ ନିର୍ଦ୍ଦେଶକ ଶୁଭାଶିଷ ମହାନ୍ତିଙ୍କ ସହିତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାପ କାମୁଡାରେ ୨ ମୃତ

**ରାଇରଙ୍ଗପୁର,୫।୮ (ସମିସ):** ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣୀ ଥାନା ଅଧୀନ କୁକୁଡିମୁଣ୍ଡି ଗ୍ରାମର ଗୋମିଆ ମୁଣ୍ଡା (୬୭) ସୋମବାର ରାତିରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି, ଝାଡ଼ଖଣ୍ଡ ରାଜ୍ୟର ମଝିଗାଁ ଥାନା ଅନ୍ତର୍ଗତ ନଙ୍ଗଳକଟା ଗ୍ରାମର ଜୟକିଶୋର ବିଶ୍ୱଙ୍କ ଝିଅ ବହାମୈହି ବିଶ୍ୱଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ତାଙ୍କର ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଅପରପକ୍ଷେ, ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟିକରପଡା ଗ୍ରାମର ଯଶାଇ ଟୁଡୁ(୪୫)ଙ୍କୁ ଏକ ଗୋଖର ସାପ କାମୁଡ଼ିଦେବାରୁ ପରିବାରଲୋକ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି।

# ପାଣିରେ ବୁଡି ଏମ୍‌ପିସି କଲେଜ ଛାତ୍ରଙ୍କ ମୃତ୍ୟୁ

**ବାରିପଦା, ୫।୮ (ସମିସ):** ପୁଣି ପାଣିରେ ବୁଡ଼ି ମଙ୍ଗଳବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ, ଦାରୋଗାଡାହି ଅଞ୍ଚଳର ରାଜେନ୍ଦ୍ର ଜେନାଙ୍କ ପୁଅ କ୍ରିଷ୍ଣା(୧୯) । ସେ ଏମପିସି କଲେଜରେ ପଢୁଥିଲେ। ତକତପୁର ନିକଟରେ ସୁବର୍ଣ୍ଣରେଖା କେନାଲକୁ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ହେଲେ ସେଠାରେ ଅସାବଧାନତା କାରଣରୁ ପାଣିରେ ବୁଡ଼ି ଯାଇଥିଲେ। ପରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ସ୍ତ୍ରୀର ଶବ ଦେଖି ଜୀବନ ହାରିଲେ ସ୍ୱାମୀ!

**ଉମରକୋଟ,୫।୮ (ସମିସ):** ସ୍ତ୍ରୀର ଝୁଲନ୍ତା ଶବ ଦେଖି ଜୀବନ ହାରିଲେ ସ୍ୱାମୀ। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଧୋଡ୍ରା ପଞ୍ଚାୟତ ଅନ୍ତର୍ଗତ ଭିମାଗୁଡ଼ାଠାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଝରିଗାଁ ବ୍ଲକ୍ ଅନ୍ତର୍ଗତ ଧୋଡ୍ରା ପଞ୍ଚାୟତ ସାନଭୀମାଗୁଡ଼ା ଗ୍ରାମର ସୁତମ ଭତରା (୩୨) ଓ ଫୁଲମଣି ଭତରା (୨୭)। ସୁତମଙ୍କ ଶବ ଗଛରେ ଝୁଲୁଥିବା ବେଳେ ଫୁଲମଣିଙ୍କ ଶବ ଘର ଭିତରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାରଲୋକଙ୍କଠାରୁ ଖବର ପାଇ ଉମରକୋଟ ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହରୁ ଦୁହେଁ ଏପରି ଚରମ ପଦକ୍ଷେପ ନେଇଥିବା ଆଲୋଚନା ହେଉଛି। ସୂଚନାନୁସାରେ,

**ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର**

ଗତ ରାତିରେ ସୁତମ ଓ ଫୁଲମଣି ଖାଇ ପିଇ ଶୋଇବାକୁ ଯାଇଥିଲେ। ଆଜି ସକାଳେ ଘର ଭିତରେ ଏକ ଲୁହା ପାଇପରେ ଫୁଲମଣି ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ସେହିପରି ସୁତମଙ୍କ ଶବ ଘର ନିକଟରେ ଥିବା ଏକ ତେନ୍ତୁଳି ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତେବେ ଫୁଲମଣି ଆତ୍ମହତ୍ୟା କରିବା ଦେଖି ଏଥିରେ ମାନସିକ ଭାରସାମ୍ୟ ହରାଇ ସୁତମ ଆତ୍ମହତ୍ୟା କରିଥିବା କୁହାଯାଉଛି।

ଉଲ୍ଲେଖଯୋଗ୍ୟ, ସୁତମ ଓ ଫୁଲମଣି ୧୦ବର୍ଷ ତଳେ ରୀତିନୀତି ଅନୁସାରେ ବିବାହ କରି ଘର ସଂସାର କରି ଆସୁଥିଲେ। ସେମାନଙ୍କର କୌଣସି ସନ୍ତାନ ନଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଗୋପାଳପୁରରେ ଖଣିମନ୍ତ୍ରୀଙ୍କ ପୁତୁରାର ଆତଙ୍କରାଜ

# ଶାସକ ଦଳ ପ୍ରୋତ୍ସାହନରେ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ ପାଲଟିଛି: ବିଜେଡି

**ଭୁବନେଶ୍ୱର,୫।୮ (ସମିସ):** ଗଞ୍ଜାମରେ ଲଗାତାର ଭାବେ ଅପରାଧ ଉପରମୁହାଁ ହୋଇଥିଲା ବେଳେ ଶାସକ ଦଳ ଏବଂ ମନ୍ତ୍ରୀଙ୍କ ପୁତୁରାଙ୍କ ଆତଙ୍କରାଜକୁ ଦୃଢ଼ ନିନ୍ଦା କରିଛି ବିଜେଡି। ମଙ୍ଗଳବାର ଶଙ୍ଖଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ବଡ଼ ଭାଇଙ୍କ ପୁଅ ଦୀପକ ଜେନା ସ୍ପଷ୍ଟ ଦିବାଲୋକରେ ଜଣେ ଓକିଲ ଓ ତାଙ୍କ ପରିବାର ଉପରେ ଯେଉଁଭଳି ନୃଶଂସ ଆକ୍ରମଣ କଲେ, ତାହା ଅମାନବୀୟ। ଏହା ଜନସାଧାରଣଙ୍କ ସୁରକ୍ଷା ପାଇଁ ଶପଥ ନେଇଥିବା ଜଣେ ମନ୍ତ୍ରୀଙ୍କ ପଦ ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି ବୋଲି ଉଭୟେ ଅଭିଯୋଗ କରିଛନ୍ତି।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ଗତ ଜୁଲାଇ ୨୯ ତାରିଖ ଅପରାହ୍ନ ୪ଟା ବେଳେ ଗୋଳନ୍ଥରା ଚଟି ଛକରେ ଆଡଭୋକେଟ ଟି.ଭାନୁମୂର୍ତ୍ତିଙ୍କ ଗାଡ଼ି ଜଣେ ମୋଟରସାଇକେଲ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଗୋଟିଏ ଗ୍ରୋସରୀ ଦୋକାନ ସାମ୍ନାରେ ପଡିଥିବା ସିମେଣ୍ଟ କଂକ୍ରିଟ ପ୍ଲେଟ ଉପରେ ଚଢ଼ିଯାଇଥିଲା। ତତ୍‌କ୍ଷଣାତ ଘଟଣାସ୍ଥଳରେ ମନ୍ତ୍ରୀଙ୍କ ପୁତୁରା ନିଜ ସହଯୋଗୀଙ୍କ ସହ ପହଞ୍ଚି ଟି.ଭାନୁମୂର୍ତ୍ତି ଓ ତାଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରୁ ମହିଳାମାନେ ମଧ୍ୟ ବାଦ୍ ପଡ଼ିନଥିଲେ, ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ



ଉପଲବ୍ଧ ଅଛି। ପ୍ରାଣ ଭୟରେ ଓକିଲଙ୍କ ଭଣଜା ରାସ୍ତାରେ ଯାଉଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ବସରେ ଚଢ଼ି ପଳାଇଲା ବେଳେ ମନ୍ତ୍ରୀଙ୍କ ଘର 'ବନ୍ଦେ ମାତରଂ ଭବନ' ନିକଟରେ ବସକୁ ଅଟକାଇ ଓକିଲ ଟି.ଭାନୁମୂର୍ତ୍ତିଙ୍କ ଭଣଜାଙ୍କୁ ଗାଡି ଭିତରୁ ଘୋଷାଡ଼ି ଆଣି ମନ୍ତ୍ରୀଙ୍କ ପୁତୁରା ଓ ତାଙ୍କ ସହଯୋଗୀମାନେ ସ୍କ୍ରୁଡ୍ରାଇଭରରେ ତାଙ୍କ ପେଟକୁ ବାରମ୍ବାର ଭୁଶିଥିଲେ। ଦୁର୍ଭାଗ୍ୟର କଥା ଘଟଣାସ୍ଥଳର ଅତି ନିକଟରେ ପୁଲିସ ଷ୍ଟେସନ ଥିଲେ ମଧ୍ୟ ଖବର ପାଇ ପୁଲିସ ପହଞ୍ଚିନଥିଲେ। ଗୁରୁତର ଅବସ୍ଥାରେ ଓକିଲଙ୍କ ଭଣଜା ଏମକେସିଜିରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଓକିଲଙ୍କ ସ୍ତ୍ରୀ, ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରାଙ୍କ ସମେତ ୯ ଜଣଙ୍କ ନାଁରେ ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଆଜିଯାଏଁ ଗିରଫ ହୋଇନାହାନ୍ତି। ଓକିଲ

■ ଓକିଲଙ୍କ ପରିବାର ଉପରେ ବର୍ବୋରଚିତ ଆକ୍ରମଣ
■ ବସ୍ରୁ ଭିଡିଆଣି ସ୍କ୍ରୁଡ୍ରାଇଭରରେ ପେଟକୁ ଭୁଶିଲେ
■ ୮ଦିନ ପରେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁନି ପୁଲିସ

ଟି.ଭାନୁମୂର୍ତ୍ତି ଲିଖିତ ଭାବେ ଏ ବିଷୟ ଗଂଜାମ ବାର୍ ଆସୋସିଏସନକୁ ଜଣାଇଲା ପରେ ବାର୍ ଆସୋସିଏସନ ପକ୍ଷରୁ କୌଣସି ଅଭିଯୁକ୍ତଙ୍କ ସପକ୍ଷରେ ନଲଢିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓକିଲ ସମାଜର ପ୍ରତିକ୍ରିୟା ଦେଖି ଉପରଠାଉରିଆ ଭାବେ ପୁଲିସ ୪ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ, ମନ୍ତ୍ରୀଙ୍କ ବଡ ଭାଇର ପୁଅ ଦୀପକ ଜେନା ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି।

ଡ. ମହାନ୍ତି କହିଥିଲେ ଯେ ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟରେ ଆଇନଶୃଙ୍ଖଳାର ଦ୍ରୁତ ଅବନତି ଘଟିଛି। ବିଏମସିରେ ଅଫିସରଙ୍କୁ ଚିଲିକା ଏବଂ ପିପିଲିରେ ସାମ୍ବାଦିକଙ୍କୁ ଓ ଗୋପାଳପୁରରେ ଓକିଲଙ୍କୁ ବିଜେପି କର୍ମୀଙ୍କ ମରଣାନ୍ତକ ଆକ୍ରମଣ ରାଜ୍ୟରେ ଗୁଣ୍ଡାରାଜ ପ୍ରତିଷ୍ଠାର ଗୋଟିଏ ଗୋଟିଏ ନମୁନା। ଗଞ୍ଜାମ ଜିଲ୍ଲାରେ ଖଣି ମନ୍ତ୍ରୀଙ୍କ ପ୍ରୋତ୍ସାହନରେ ବାଲି, ମୋରମ ଆଦି ଚୋରା ଚାଲାଣ ଲାଗି ସରକାରୀ ରାଜସ୍ୱ ଅଧା କମିଯାଇଥିବା ବେଳେ ମାଫିଆଙ୍କ ଦୌରାତ୍ମ୍ୟ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ନିକଟରେ ଉପବାଚସ୍ପତି ଚିଠି ଲେଖି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ଓ ଅପରାଧ ଅହେତୁକ ବୃଦ୍ଧି ଘଟିଛି ବୋଲି କହିବା ସହିତ ୟୁପି ମଡେଲକୁ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ ଓଡ଼ିଶାରେ ପ୍ରଚଳିତ ଆଇନ ବ୍ୟବସ୍ଥାରେ ମନ୍ତ୍ରୀଙ୍କ ବଡ଼ଭାଇଙ୍କ ପୁଅ ଦୀପକ ଜେନା ଗିରଫ ହେବେ ନା ରାଜ୍ୟ ବିଜେପି ସରକାର ୟୁପି ମଡେଲ ଆଣିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ବୋଲି ଡ. ମହାନ୍ତି ପ୍ରଶ୍ନ କରିଥିଲେ।

# ଥାନା ଆଗରେ ପୂର୍ବତନ କାଉନସିଲରଙ୍କୁ ମରଣାନ୍ତକ ଆକ୍ରମଣ

## ଗୁରୁତରଙ୍କୁ କଟକ ସ୍ଥାନାନ୍ତର, ଜଣେ ଗିରଫ

**ବାଲେଶ୍ୱର, ୫।୮ (ସମିସ):** ସୋମବାର ବିଳମ୍ବିତ ରାତିରେ ବାଲେଶ୍ୱର ପୌରପରିଷଦ ୭ ନମ୍ବର ୱାର୍ଡର ପୂର୍ବତନ କାଉନସିଲର୍ ସାକିର ଖାଁଙ୍କୁ ଟାଉନ୍ ଥାନା ସମ୍ମୁଖରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।



ଏକ ବିବାଦର ସମାଧାନ ପାଇଁ ସାକିର ସୋମବାର ରାତିରେ ଥାନାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଥାନା ସମ୍ମୁଖରେ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀଙ୍କ ପୁଅ କ୍ଷିତୀଶ ଦାସ ଓ ତା'ର କିଛି ସହଯୋଗୀ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ସାକିରଙ୍କୁ ପ୍ରଥମେ ବାଲେଶ୍ୱର ମେଡିକାଲ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ୍ ଏକ ମାମଲା ରୁଜୁ କରି କ୍ଷିତୀଶକୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷେ, ଥାନା ସମ୍ମୁଖରେ ଏଭଳି ଘଟଣା ଘଟିଥିବାରୁ ବୁଦ୍ଧିଜୀବୀମହଲରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଲାଣି ଏବଂ ଅପରାଧୀମାନେ ଉପରମୁହାଁ ହୋଇଗଲେଣି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ସହ ପୂର୍ବତନ କାଉନସିଲରଙ୍କ ପରିବାରକୁ ସୁରକ୍ଷା ଯୋଗାଇବାକୁ ସ୍ଥାନୀୟ ଅଞ୍ଚଳର ସେକ୍ ଆଝାରୁଦ୍ଦିନ, ସେକ ଆଜାଦ, ମାଜୋ ବିବି, ହମେଦା ବିବି, ସାହେବା ଅଖତାର, ସେକ ଉମର ଫାରୁକ ପ୍ରମୁଖ ଦାବି କରିଛନ୍ତି।

ସକାଳ
THE SAKALA

ମୟୂରଭଞ୍ଜ
www.sakalaepaper.com

### ବେଆଇନ ବାଲି ଉତ୍ତୋଳନରେ ବ୍ୟବହୃତ ଡଙ୍ଗା ଜବତ

## ଖସିଗଲେ ମାଫିଆ; ନେଇଗଲେ ଜେସିବି



**ବାରିପଦା, ୫।୮ (ସମିସ):** ବାରିପଦା ସହରରୁ ଅନତିଦୂର ତଥା ବେତନଟୀ ଥାନା ଅଧୀନ କାଞ୍ଚନପାଳ ନିକଟ ବୁଢାବଳଙ୍ଗ ନଦୀରୁ ଏକ ମୋଟର ଚାଳିତ ଡଙ୍ଗା ସହାୟତାରେ ବେଆଇନ ବାଲି ଉତ୍ତୋଳନ ଏବଂ ଚାଲାଣ ସମ୍ପର୍କିତ ଏକ ଖବର ପ୍ରକାଶ ପରେ ଖଣି ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜିଲ୍ଲା ଖଣି ନୀରିକ୍ଷକ ଉଦୟଭାନୁ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୋଟରଚାଳିତ ଡଙ୍ଗାକୁ ଜବତ କରି ବେତନଟୀ ପୁଲିସକୁ ଜିମା ଦେଇଛନ୍ତି। ତେବେ ଡଙ୍ଗା ପରିଚାଳନା କରୁଥିବା ରଙ୍ଗାମାଟିଆ ଗ୍ରାମର ମେଘରାଏ ମୁର୍ମୁଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ସେ ନିଜ ଦୋଷ ସ୍ୱୀକାର କରିଥିବାରୁ ବାଲି ଚୋରି ବାବଦରେ ଜରିମାନା ଆଦାୟ ହେବ ବୋଲି ଶ୍ରୀ ସାହୁ କହିଛନ୍ତି। ଭରାନଈରୁ ଯନ୍ତ୍ର ଚାଳିତ ଡଙ୍ଗା ଦ୍ୱାରା ମେଘରାଏ ଓ ତାଙ୍କର ସହଯୋଗୀମାନେ ବାଲି ଉଠାଣ କରି ପଠାରେ ଠୁଳ କରିଥିଲେ। ପରେ ସେଠାରୁ ଜେସିବି ମାଧ୍ୟମରେ ଟ୍ରାକ୍ଟର, ଟ୍ରକ ଓ ଡମ୍ପର ସହାୟତାରେ ଦୈନିକ ୨୦୦ରୁ ଅଧିକ ଟ୍ରିପ୍ ବାଲି ବେଆଇନ ଭାବେ ଚାଲାଣ କରୁଥିଲେ। ପରନ୍ତୁ ଚଢଉ ବେଳେ ସେମାନେ ଖସିଯିବାରେ ସକ୍ଷମ ହୋଇଥିବା ବେଳେ ସହଯୋଗୀ ମାନେ ମଧ୍ୟ ଚତୁରତାର ସହିତ ଖସି ପଳାଇଛନ୍ତି। ମାସମାସ ଧରି ସମ୍ପୃକ୍ତ ଅଞ୍ଚଳରେ ଏପରି ଚୋରାଚାଲାଣ ଚାଲିଥିବା ବେଳେ ଖଣି, ପୁଲିସ, ବନ ଓ ରାଜସ୍ୱ ବିଭାଗର ଅଧିକାରୀ/କର୍ମଚାରୀ ମାଫିଆଙ୍କ ସହିତ ସଲାସୁତୁରା କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିଲେ। ତେବେ ଏ ସମ୍ପର୍କରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ପ୍ରଶାସନ ନଜରରେ ମୋଟର ଚାଳିତ ଡଙ୍ଗା ନ ଥିବା ବେଳେ ଡଙ୍ଗାରୁ କେବଳ ଜରିମାନା ଆଦାୟ କରି ଛାଡି ଦିଆଗଲେ ପୁନର୍ବାର ବାଲି ଚୋରିକୁ ପ୍ରୋତ୍ସାହିତ କରିବା ସହିତ ସମାନ ହେବ। ଏଣୁ ଡଙ୍ଗାକୁ ଜବତ ସହିତ ମାଲିକଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଦାବି କରିଛନ୍ତି।

### ଭୂମିହୀନଙ୍କୁ ମିଳିଛି ସରକାରୀ ଜମି; କିନ୍ତୁ ମିଳୁନି ଦଖଲ

# ହାଇକୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ହେଉନି ମାପଚୁପ

**ବାରିପଦା, ୫।୮ (ସମିସ)**

ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଦୁଧିଆଶୋଳ ଗ୍ରାମରେ ସରକାରୀ ଜମି ବଣ୍ଟନ ହୋଇଛି; କିନ୍ତୁ ଲୋକଙ୍କୁ ଦଖଲ ମିଳିନାହିଁ। ବହୁ ବର୍ଷ ପୂର୍ବରୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ପ୍ରଦାନ କରାଯାଇଥିଲା; ହେଲେ ଦଖଲ ଦେବାରେ ବିବାଦ ଲାଗି ରହିଛି। ଦଖଲ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ମାପଚୁପ ହୋଇ ଜମି ହସ୍ତାନ୍ତର କରାଯାଇପାରିନାହିଁ। ଫଳରେ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିବା ବେଳେ ଜମି ନ ଥିବାରୁ ତାହା ହୋଇପାରୁନାହିଁ। ଏନେଇ ଦୁଧିଆଷୋଳ ଅଞ୍ଚଳର ସୁଲୋଚନା ଦାସ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଉକ୍ତ ଗ୍ରାମର ଭୂମିହୀନ ଗରିବ ଓ ଅସହାୟଙ୍କୁ ରାଜ୍ୟ ସରକାର ବସୁନ୍ଧରା ଯୋଜନାରେ ୪ ଡେସିମିଲ ଜମି ପଟ୍ଟା ପ୍ରଦାନ କରିଥିଲେ; କିନ୍ତୁ ଶ୍ୟାମାଖୁଣ୍ଟା ତହସିଲ କର୍ମଚାରୀଙ୍କ ଅବହେଳା ପାଇଁ ପଟ୍ଟା ମିଳିବାର ୫ ବର୍ଷ ପରେ ବି ଜମି ଚିହ୍ନନ କରି ଦଖଲ ଦିଆଯାଇନାହିଁ। କିନ୍ତୁ ସରକାରଙ୍କୁ ଖଜଣା ଲଗାତାର ଦେଇ ଆସୁଛନ୍ତି ସମ୍ପୃକ୍ତ ହିତାଧିକାରୀ। ଏମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ପତ୍ର ମଧ୍ୟ ମିଳିଛି। କିନ୍ତୁ ଏ ପର୍ଯ୍ୟନ୍ତ ଜାଗା ଚିହ୍ନଟ ହୋଇପାରୁ ନ ଥିବାରୁ ଗୃହ ତିଆରି କରିପାରୁନାହିଁ ବୋଲି ସୁଲୋଚନା ପ୍ରକାଶ କରିଛନ୍ତି। ସେ ଅନୁସୂଚିତ ଜାତି ବର୍ଗର ହୋଇଥିବା ବେଳେ ମୂଳ ଲାଗିଲେ ଘର ଚଳିଥାଏ। ଜମି ବାଡି କିଛି ନାହିଁ। ସରକାରୀ ଜମି ଖଣ୍ଡକ ଭରସା ଥିବା ବେଳେ ତାହା ମିଳୁନି। ଯାହା ଫଳରେ ସମସ୍ତ ପରିବାର ସଦସ୍ୟଙ୍କ ପାଇଁ ଘର ରହିବାକୁ ଜାଗା ନାହିଁ। ବିଧାୟକ, ତହସିଲ, ମନ୍ତ୍ରୀ ସମେତ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଅଭିଯୋଗ ଜଣାଇବା ପରେ କୌଣସି ସମାଧାନ ନହେବାରୁ ଶେଷରେ ୧୦ ଜଣ ଭୂମିହୀନ ପରିବାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଜମି ଚିହ୍ନଟ ନିମନ୍ତେ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବ୍ଲକ କିମ୍ବା ଜିଲ୍ଲା ପ୍ରଶାସନ ପାଳନ କରୁନାହାନ୍ତି। ଫଳରେ ଆଗାମୀ ଦିନରେ କାର୍ଯ୍ୟାଦେଶ ଫେରିଯିବା ଆଶଙ୍କା ରହିଛି। ତେଣୁ ସମସ୍ୟାର ସମାଧାନ ପାଇଁ ତୁରନ୍ତ ଜମି ଦଖଲ ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିବା ପରେ ଜମି ମାପଚୁପ କରି ଚିହ୍ନଟ ଦେବାକୁ ଶ୍ୟାମାଖୁଣ୍ଟା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ୧୦ଦିନ ମଧ୍ୟରେ ସମାଧାନ ନ ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

**ଆବାସ ଗୃହ ନିର୍ମାଣରୁ ବଞ୍ଚିତ ଗ୍ରାମବାସୀ**

**ଜମି ଦଖଲ ନ ମିଳିଲେ ଆତ୍ମାହୁତି ଚେତାବନୀ**




## ଫାଇଲେରିଆ ନିରାକରଣ ଅଭିଯାନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ




**ବାରିପଦା, ୫।୮ (ସମିସ):** ଫାଇଲେରିଆ ରୋଗର ନିରାକରଣ ଅଭିଯାନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ସଚେତନତା ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହଇଯାଇଛି। ଜିଲ୍ଲାରେ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଡା ଶ୍ରୀ ଆଚାର୍ଯ୍ୟ ବିସ୍ତୃତ ଭାବେ ବର୍ଣ୍ଣନା କରିବା ସହିତ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ସମସ୍ତ ଜନସାଧାରଣଙ୍କୁ ଏହି ଔଷଧ ଖାଦ୍ୟ ଖାଇସାରି ଖାଇବା ପାଇଁ ଅନୁରୋଧ କରିଥିଲେ। ଏହି ସାମୂହିକ ଔଷଧରେ ଡିଇସି, ଆଲବେଣ୍ଡାଜଲ ଏବଂ ଆଇଭରମେକ୍ଟିନ ବଟିକା ସମ୍ପୂର୍ଣ୍ଣ ନିରାପଦ ଓ ସୁରକ୍ଷିତ। ଏହି ଔଷଧ ସେବନ କଲେ ଶରୀରରେ ଲୁଚିରହିଥିବା ଫାଇଲେରିଆ ପରଜୀବୀ କୀଟାଣୁକୁ ମାରି ବାତଜ୍ୱର, ଗୋଡ ଫୁଲିବା, ହାତ ଫୁଲିବା ଅଣ୍ଡକୋଷ ଫୁଲିବା ଓ ଗୋଦର ଗୋଡ ହେବାକୁ ଦେଇ ନ ଥାଏ। ଜିଲ୍ଲା ଭେକ୍ଟର ବାହିତ ରୋଗ ଅଧିକାରୀ ଡା ବିଜୟ କୁମାର ଦାଶ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ଘରକୁ ଘର ବୁଲି ଏହି ଔଷଧ ଖୁଆଇବେ ବୋଲି କହିଥିଲେ। ବୟସ ଅନୁସାରେ ଉଦ୍ଦିଷ୍ଟ ଔଷଧ ସେବନ ସମ୍ପର୍କରେ ସୂଚନା ଦେଇଥିଲେ। ଏହା ବ୍ୟତୀତ ଗର୍ଭବତୀ, ୨ ବର୍ଷରୁ କମ ବୟସର ଶିଶୁ, ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତି ଏବଂ ଶିଶୁ ପ୍ରସବ କରିଥିବା ମା'ମାନଙ୍କୁ ଏକ ସପ୍ତାହ ମଧ୍ୟରେ ଏହି ଔଷଧ ଦିଆଯିବ ନାହିଁ ବୋଲି ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ତପନ କୁମାର ସାହୁ କହିଥିଲେ। ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଯକ୍ଷ୍ମା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ରୋଟାରି କ୍ଲବର ସଦସ୍ୟ ସଦସ୍ୟ, ବିଭିନ୍ନ ବେସରକାରୀ ସଂସ୍ଥା ଓ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଚେକ୍ ବାଉନ୍ସ ମାମଲାରେ ଏକ ବର୍ଷ ଜେଲ୍

**ବାରିପଦା, ୫।୮ (ସମିସ):** ବେତନଟୀ ଜେଏମଏଫସି କୋର୍ଟରେ ଏକ ଚେକ ବାଉନ୍ସ ମାମଲାରେ ଏକ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରାଯାଇଛି। ବିଚାରପତି ଏହାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ କାରାଦଣ୍ଡ ସହ ୩ ଲକ୍ଷ ୬୦ ହଜାର ଟଙ୍କା ଜୋରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନାଦେୟ ଅଧିକ ୨ ମାସର କାରାଦଣ୍ଡ ଭୋଗିବେ। ଆସାମୀ ଜଣକ ହେଲେ ବେତନଟୀ ଥାନା ଅନ୍ତର୍ଗତ ମଧୁନଣ୍ଡା ଅଞ୍ଚଳର ପ୍ରମୋଦ ମହାନ୍ତି। ଶ୍ରୀ ମହାନ୍ତି ବ୍ୟବସାୟ ନିମନ୍ତେ ବେତନଟୀସ୍ଥିତ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରୁ ୧ ଲକ୍ଷ ୮୦ ହଜାର ଟଙ୍କା ଋଣ ନେଇଥିଲେ। ଋଣ ପରିଶୋଧ ନିମନ୍ତେ ୨ ଲକ୍ଷ ୧୩ ହଜାର ୯୩୨ ଟଙ୍କାର ଏକ ବ୍ୟାଙ୍କ ଚେକ ପ୍ରଦାନ କରିଥିଲେ। ତେବେ ଉକ୍ତ ଚେକର ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନ ଥିବାରୁ ବାଉନ୍ସ ହୋଇଯାଇଥିଲା। ତେବେ ଏହାକୁ ନେଇ ପରିଚାଳନା ନିର୍ଦ୍ଦେଶକ ଏସଡିଜେଏମ କୋର୍ଟରେ ମାମଲା ରୁଜୁ ହୋଇଥିଲା। ପ୍ରମାଣକୁ ଭିତ୍ତିକରି ବିଚାରପତି ଶୁଣାଣି କରିଥିଲେ। ଉକ୍ତ ମାମଲାକୁ ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ପରିଚାଳନା କରୁଥିଲେ।

## ଦେଶୀମଦ ସହ ବାଇକ୍ ଜବତ; ୨ ଗିରଫ

**ରାଇରଙ୍ଗପୁର, ୫।୮ (ସମିସ):** ମୟୂରଭଞ୍ଜ ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶ ଓ ରାଇରଙ୍ଗପୁର ଅବକାରୀ ଉପ-ଅଧୀକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ସହରାଞ୍ଚଳ ଥାନା ଅନ୍ତର୍ଗତ ମହିଷାନେଦା ଗ୍ରାମରେ ଚଢଉ କରାଯାଇ ୧୦୦ ଲିଟର ଦେଶୀ ରନ୍ଧାମଦ ଏବଂ ଗୋଟିଏ ବାଇକ୍ ଜବତ ହୋଇଛି। ଏହି କାରବାରରେ ସାମିଲ ଥିବା ପିଠାକୁଟଣୀ ଗ୍ରାମର ମକରା ମାହାଲି ଓ ଗୁରୁବା ମାହାଲିଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

## ତାଲା ଭାଙ୍ଗି ଦୋକାନରୁ ଚୋରି

**ବାରିପଦା, ୫।୮ (ସମିସ):** ରାତିରେ ଦୋକାନରୁ ଚୋରି ହୋଇଥିବା ନେଇ ସୁନଗଡ଼ିଆ ଅଞ୍ଚଳର ସରୋଜ କୁମାର ସେଠୀ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ପ୍ରତିଦିନ ଭଳି ରାତିରେ ଦୋକାନ ବନ୍ଦ କରିଥିଲେ। ରାତିରେ ଜନଶୂନ୍ୟ ଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଦୋକାନର ତାଲା ଭାଙ୍ଗି ଟଙ୍କା ଓ ସାମଗ୍ରୀ ନେଇ ପଳାଇଛନ୍ତି। ସକାଳୁ ଶ୍ରୀ ସେଠୀ ଦୋକାନ ଖୋଲିବା ବେଳକୁ ଚୋରି ନେଇ ଜାଣିବାକୁ ପାଇଥିଲେ। ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

## ବାରୁଣେଶ୍ୱର ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ




**ବାରିପଦା, ୫।୮ (ସମିସ):** ମଧୁବନ ବାରୁଣେଶ୍ୱର ଦୁର୍ଗା ମଣ୍ଡପ ସଭା ଗୃହରେ ଦୁର୍ଗାପୂଜା କମିଟିର ସଭାପତି ଡ.କୁଞ୍ଜବନ ପୃଷ୍ଟିଙ୍କ ପୌରୋହିତ୍ୟ ଏବଂ ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ସୁପରିଚାଳନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ କମିଟିର ଶତାଧିକ ସଦସ୍ୟ ଯୋଗଦେଇ ଚଳିତ ବର୍ଷ ଦୁର୍ଗାପୂଜା ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ପାତ୍ର ଗତବର୍ଷ ପୂଜାର ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଅଷ୍ଟମୀ ଓ ନବମୀ ଦୁଇ ଦିନ ଭଜନ ସନ୍ଧ୍ୟା ଆୟୋଜନର ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ରଘୁନାଥ ପଣ୍ଡା, ଉପସଭାପତି ନନୀଗୋପାଲ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ, ବିଜୟ କୁମାର ଲେଙ୍କା, ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନା, ଅର୍ଥ ପରାମର୍ଶଦାତା ରବୀନ୍ଦ୍ର ନାୟକ ପ୍ରମୁଖ ସୁଚିନ୍ତିତ ମତାମତ ଦେଇଥିଲେ। ମୟୂରଭଞ୍ଜ ବରିଷ୍ଠ ନାଗରିକ କମିଟି ସଭାପତି ଡ଼.ଯୋଗେନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## 'ବିକଶିତ ଗାଁ ବିକଶିତ ଓଡ଼ିଶା'ରେ ସରପଞ୍ଚଙ୍କୁ ଅଣଦେଖା

# ଜିଲ୍ଲାପାଳଙ୍କୁ ଫେରାଦ ହେଲା ସଂଘ



**ବାରିପଦା, ୫।୮ (ସମିସ):** ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପଗୁଡିକରେ ସରପଞ୍ଚମାନଙ୍କୁ ପ୍ରଶାସନ ସ୍ତରରେ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଯାହାକୁ ନେଇ ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୭ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ପ୍ରତି ପଞ୍ଚାୟତରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' (ବିଜିବିଓ) ପ୍ରକଳ୍ପ ନିମନ୍ତେ ୫୦ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି। ଏହି ଅର୍ଥରେ ପ୍ରତି ଗ୍ରାମରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ପଲ୍ଲୀସଭା ଓ ଗ୍ରାମସଭା ଆୟୋଜନ କରାଯାଇଥିଲା। ଏଥିରେ ଲୋକଙ୍କ କଲ୍ୟାଣ ପାଇଁ ତୃଣମୂଳ ସ୍ତରରୁ ପ୍ରକଳ୍ପ ସଂଗ୍ରହ କରାଯାଇ ମଞ୍ଜୁର ନିମନ୍ତେ ବ୍ଲକ ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଥିଲା। ପ୍ରକଳ୍ପ ଗୁଡିକ ମଞ୍ଜୁର ହୋଇ ଆସିବା ପରେ ବ୍ଲକ ପ୍ରଶାସନ ଜରିଆରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ସରକାରଙ୍କ ପକ୍ଷରୁ ପିଆରଆଇ ମେମ୍ବରମାନଙ୍କୁ ଏଡାଇ ଦେବା ଅତ୍ୟନ୍ତ ଦୁଃଖଦାୟକ ବୋଲି ଅଭିଯୋଗପତ୍ରରେ ଦର୍ଶାଇଯାଇଛି। ପ୍ରକଳ୍ପ ଗୁଡିକର ସଫଳତା ପାଇଁ ସରପଞ୍ଚଙ୍କୁ ପ୍ରାଥମିକତା ଦିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଜିଲା ସଭାପତି ଖଗେଶ୍ୱର ସିଂ, ଉପସଭାପତି ସମବାରୀ ସିଂ, ହରିଶଚନ୍ଦ୍ର ମୁର୍ମୁ, ଦାନ୍ଧୁ ମୁର୍ମୁ, ଅନୁପ ସିଂ, ପୂର୍ବତନ ସରପଞ୍ଚ ନରେନ୍ଦ୍ର ସିଂ ଓ ଲୋକେଶ୍ୱର ନାଏକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## କ୍ଷୁଦ୍ର ଚଳଚ୍ଚିତ୍ର 'ଆନ୍ଦୋଳନ'ର ପ୍ରଥମ ପୋଷ୍ଟର ଓ ସଙ୍ଗୀତ ରିଲିଜ



**ବାରିପଦା, ୫।୮ (ସମିସ):** ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଶିମିଳିପାଳ ସୁରକ୍ଷାର ବାର୍ତ୍ତା ଦେଇ ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର 'ଆନ୍ଦୋଳନ' ପ୍ରଥମ ପୋଷ୍ଟର ଓ ସଙ୍ଗୀତ ରିଲିଜ ହୋଇଛି। ମଧୁବନସ୍ଥିତ ମା' ଭୈରବୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ପୂଜାର୍ଚ୍ଚନା କରି କଳିଙ୍ଗ କେଶରୀ ଜେନାଙ୍କ ଦ୍ୱାରା ରିଲିଜ ହୋଇଛି। ଜିଲ୍ଲାର ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟର ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ଅଞ୍ଚଳର କିପରି ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ସେନେଇ ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ଜନସଚେତନତା ଉଦ୍ଦେଶ୍ୟରେ ଏହି ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି। ଆସନ୍ତା ୨୦ ତାରିଖରେ ଏହି ଚଳଚ୍ଚିତ୍ର ରିଲିଜ ହେବାକୁ ଯାଉଛି। ଏଥିରେ ସଂଗଠନ ପଦାଧିକାରୀଙ୍କ ସହ ଚଳଚ୍ଚିତ୍ର ଲେଖକ, ନିର୍ଦ୍ଦେଶକ ଏବଂ କଳାକାର ଉପସ୍ଥିତ ଥିଲେ।

## ପାଞ୍ଚପୀଢ଼କୁ ଜିଲ୍ଲା ଘୋଷଣା ଦାବିରେ ଗଣଧାରଣା ଜାରି




**କରଞ୍ଜିଆ, ୫।୮ (ସମିସ):** ପାଞ୍ଚପୀଢ଼କୁ ଜିଲ୍ଲା ଘୋଷଣା ଦାବିରେ ପ୍ରଗତି ମଞ୍ଚ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଛି। ଠାକୁରମୁଣ୍ଡା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ପଦ୍ମଲୋଚନ ନନ୍ଦଙ୍କ ନେତୃତ୍ୱରେ ମାରୱାଡ଼ି ଯୁବାମଞ୍ଚର ସଭାପତି ଅଭିଷେକ ଅଗ୍ରୱାଲା ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ସବିତା ମହାନ୍ତି ପ୍ରମୁଖ ଧାରଣା ଦେଇଥିଲେ। ଉପଖଣ୍ଡର ସଦର ମହକୁମାରେ ଏଡିଏମ୍, ଏଆରଟିଓ, ଅତିରିକ୍ତ ଏସ୍‌ପି କାର୍ଯ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଆଦି ଖୋଲିବା ସହିତ ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇ ଦେବାକୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ ଶୁଣୁ ନ ଥିବା ମଞ୍ଚ ଅଭିଯୋଗ କରିଛି। ଦାବି ପୂରଣ ନ ହେବାରୁ ମଞ୍ଚ ପକ୍ଷରୁ ଗତ ୨ ତାରିଖରୁ ଗଣଧାରଣା ଚାଲିଛି। ଆଜି ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ସଂଘର ସର୍ବେଶ୍ୱର ମିଶ୍ର, ଅଭିମନ୍ୟୁ ତ୍ରିପାଠୀ, ନଳିନ ଚନ୍ଦ୍ର ଘଣା, ଗୋରୀଶଙ୍କର ସିନା, ଦୁର୍ଗାପ୍ରସାଦ ଦାସ, ଇଟରନିଟିର ସମ୍ପାଦକ ହରେକୃଷ୍ଣ ମହାନ୍ତ, ଗୌରାଙ୍ଗ ବାରିକ, ସିଦ୍ଧାର୍ଥ ରାୟ, ଆଇନଜୀବୀ ଜଗମୋହନ ମହାନ୍ତ ପ୍ରମୁଖ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ରହି ପାଞ୍ଚପିଢ଼କୁ ଜିଲ୍ଲା ଘୋଷଣା ଦାବି ଆନ୍ଦୋଳନରେ ସାମିଲ ହୋଇଥିଲେ।

### ବାହାର ଜିଲ୍ଲା ଶିକ୍ଷକଙ୍କ ଓଡ଼ିଆ ବୁଝିପାରୁନାହାନ୍ତି ଆଦିବାସୀ ପିଲା

# ଅଧାରୁ ପାଠ ଛାଡୁଛନ୍ତି ଛାତ୍ରଛାତ୍ରୀ

**ବାରିପଦା, ୫।୮ (ସମିସ):** ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣାତ୍ମକ ବିକାଶ ଲାଗି ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି; ହେଲେ ଶିକ୍ଷକ/ଶିକ୍ଷୟିତ୍ରୀ ଅଭାବରୁ ଶିକ୍ଷାର ମାନ ବୃଦ୍ଧି ହେବା ପରିବର୍ତ୍ତେ ନିମ୍ନଗାମୀ ହେବାରେ ଲାଗିଛି। ମୟୂରଭଞ୍ଜ ଜିଲ୍ଲାରେ ଜନସଂଖ୍ୟାର ସିଂହଭାଗ ଏଠି ଆଦିବାସୀଙ୍କ ସଂଖ୍ୟା। ତେବେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ପ୍ରାଥମିକ ସ୍କୁଲରେ ନିଯୁକ୍ତି ପ୍ରାପ୍ତ ବାହାର ଜିଲ୍ଲା କିମ୍ବା ରାଜ୍ୟର ଅନ୍ୟ ଅଞ୍ଚଳର ଅଧିକାଂଶ ଶିକ୍ଷକ-ଶିକ୍ଷୟତ୍ରୀ ନିଜ ଭାଷାରେ ଦେଉଥିବା ଶିକ୍ଷାଦାନକୁ ବୁଝିପାରନ୍ତି ନାହିଁ ସ୍ଥାନୀୟ ବିଦ୍ୟାର୍ଥୀ। ତେଣୁ ଅନେକ ପିଲା ଅଧାରୁ ପାଠ ଛାଡି ଦିଅନ୍ତି କିମ୍ବା ସ୍କୁଲକୁ ଯାଆନ୍ତି ନାହିଁ। ଜିଲ୍ଲାର ଆଦିବାସୀ ପିଲାଙ୍କୁ ତାଙ୍କ ଭାଷାରେ ବୁଝାଇ ସ୍କୁଲ ପର୍ଯ୍ୟନ୍ତ ନେବାରେ ଜିଲ୍ଲାର ଶିକ୍ଷକଶିକ୍ଷୟିତ୍ରୀ ପାରଙ୍ଗମ। ମାସ୍ ଆଦିବାସୀ ରିଭଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସେନ୍ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ଦାବି ଅନୁସାରେ ମାରିସା ୫୦ ଜଣ ସ୍ୱେଚ୍ଛାସେବୀ ସ୍ଥାନୀୟ ପିଲାଙ୍କୁ ମାଗଣାରେ ଟ୍ୟୁସନ ଦେଇ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରୁଛି। ମୟୂରଭଞ୍ଜ ଭଳି ଆଦିବାସୀ ଅଞ୍ଚଳରେ ଶିକ୍ଷାଦାନ ସ୍ଥିତି ଅତି ନୈରାଶଜନକ। ଆଦିବାସୀ ଭାଷା କହୁଥିବା ଯୁବ ଗୋଷ୍ଠୀଙ୍କୁ ଶିକ୍ଷକ ଭାବରେ ନିଯୁକ୍ତି ବଦଳରେ ବାହାରୁ ଶିକ୍ଷକ ଆସୁଥିବା ପ୍ରାଥମିକ ସ୍କୁଲରେ ଭାଷାଗତ ସମସ୍ୟା ଲାଗି ରହୁଛି। ଏଥିପ୍ରତି ସରକାର ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଅବସ୍ଥା ଆହୁରି ଗୁରୁତର ହେବ ବୋଲି ଶ୍ରୀ ମୁର୍ମୁ କହିଛନ୍ତି। ସୂଚନା ଥାଉକି, ଅଧାରୁ ପାଠ ଛାଡ଼ିବାରେ ଓଡ଼ିଶା ଦେଶରେ ପ୍ରଥମ ଏବଂ ମୟୂରଭଞ୍ଜ ରାଜ୍ୟରେ ପଞ୍ଚମ। ଏଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାନୀୟ ଅଞ୍ଚଳର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପିଲା କମୁଥିବା ସ୍କୁଲରେ ନିଯୁକ୍ତି ଦେବା ଜରୁରୀ ବୋଲି ସେ କହିଛନ୍ତି।






### ମାଝୀ-ପାର୍ଗାନା ସ୍ୱଶାସନ ସମ୍ବିଧାନ ବ୍ୟବସ୍ଥା ମାନୁନାହିଁ

# ସେଙ୍ଗେଲ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, ୫।୮ (ସମିସ): ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ମାର୍ଗଦର୍ଶନରେ ଆଦିବାସୀ ସେଙ୍ଗେଲ ଅଭିଯାନ ସହ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡୱା ଓଡ଼ିଶା ପ୍ରଦେଶ କମିଟି



ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାଏଙ୍କୁ ମଙ୍ଗଳବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଦିବାସୀ ସମାଜରେ ପ୍ରଚଳିତ ସ୍ୱ-ଶାସନ ବ୍ୟବସ୍ଥା, ବିଶେଷକରି ସାନ୍ତାଳ ସମାଜରେ ପ୍ରଚଳିତ ବ୍ୟବସ୍ଥା, ସ୍ୱ-ଶାସନ ଯାଗାରେ ସ୍ୱ-ଶୋଷଣର ପ୍ରତୀକ ପାଲଟିଛି। ଏହା ଏବେ ଗୁଣ୍ଡାଗିରି ଏବଂ ସ୍ୱେଚ୍ଛାଚାରିତାର ଏକଛତ୍ରବାଦୀ ରୂପ ନେଇଛି। ମାଝୀ-ପାର୍ଗାନା ବ୍ୟବସ୍ଥାଟି ସମ୍ବିଧାନ ଏବଂ ଗଣତନ୍ତ୍ରର ବିରୋଧୀ। ଏହି ବ୍ୟବସ୍ଥାଟି ବଂଶବାଦୀ। ମାଝୀ-ପାର୍ଗାନା ବ୍ୟବସ୍ଥାର ଅଧିକାଂଶ ଗ୍ରାମର ମୁଖ୍ୟମାନେ ନିରକ୍ଷର ଏବଂ ମଦ୍ୟପ। ସେମାନେ ଗାଁର ସମସ୍ତ ଲୋକଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ନାହିଁ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅନୁପସ୍ଥିତିରେ ଗାଁରେ ଉପଲବ୍ଧ ଶିକ୍ଷିତ ଲୋକେ ଅଂଶଗ୍ରହଣ କରିବାର ସୁଯୋଗ ପାଆନ୍ତି ନାହିଁ। ସାମାଜିକ ବହିଷ୍କାରର ଧମକ ଯୋଗୁଁ ବାକି ନିରୀହ ଲୋକେ ଗୁଲାମିର ଜୀବନଯାପନ କରିବାକୁ ବାଧ ହେଉଛନ୍ତି ବୋଲି ଶ୍ରୀ ମୁର୍ମୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛନ୍ତି। ତେଣୁ ସମସ୍ତଙ୍କ ପାଇଁ ବିକାଶ ଏବଂ ସମାନତା ପାଇଁ, ମାଝୀ-ପାର୍ଗାନା ବ୍ୟବସ୍ଥାକୁ ଅବିଳମ୍ବେ ଜନତାନ୍ତ୍ରିକୀକରଣ କରାଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ଉକ୍ତ ମାଝୀ-ପାର୍ଗାନା ବ୍ୟବସ୍ଥାର ମୁଖ୍ୟମାନେ ସମ୍ବିଧାନ, ଆଇନ ଏବଂ ମାନବାଧିକାରକୁ ମାନନ୍ତି ନାହିଁ। ଏହି ବ୍ୟବସ୍ଥାର ବାହକମାନେ ହିଁ ଅନ୍ଧବିଶ୍ୱାସ, ମଦ୍ୟପାନ, ଜରିମାନା, ସାମାଜିକ ବହିଷ୍କାର, ଡାହାଣୀ ହତ୍ୟା, ପ୍ରତାରଣା, ଭୋଟ କିଣାବିକା, ମହିଳା ବିରୋଧୀ ମାନସିକତା, ଈର୍ଷା, ଘୃଣା ଆଦିକୁ ଦୂର କରିବା ପରିବର୍ତ୍ତେ ସେମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଏହାକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି କହିଛନ୍ତି। ପ୍ରତ୍ୟେକ ଆଦିବାସୀ ଗ୍ରାମର ନାଗରିକଙ୍କୁ ଏହି ଅପରାଧ ଏବଂ ହିଂସାରୁ ଅବିଳମ୍ବେ ମୁକ୍ତ କରିଯିବା ଦାବି ହୋଇଛି। ଏଥିସହିତ ସମ୍ବିଧାନ, ଆଇନ ଏବଂ ମାନବାଧିକାରକୁ ସୁରକ୍ଷା ଦେବା କାର୍ଯ୍ୟପାଳିକାର ଦାୟିତ୍ୱ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ତେଣୁ ପୁଲିସ ଏବଂ ପ୍ରଶାସନ ଏହାକୁ ତୁରନ୍ତ ତଦନ୍ତ କରି ବନ୍ଦ କରିବା ଆବଶ୍ୟକ ବୋଲି ଦାବି ହେଉଛି। ପ୍ରଦେଶ ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁ, ବିକାଶ ଚନ୍ଦ୍ର ହେମ୍ବ୍ରମ, ଉଦୟନାଥ ହେମ୍ବ୍ରମ, ଶିବୁ ହେମ୍ବ୍ରମ, ମାଝୀଆ ହାଁସଦା, ବୁଧିରାମ ଟୁଡୁ ପ୍ରମୁଖ ନେତା ଦାବିପତ୍ର ସମୟରେ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କୁ ଅସଦାଚରଣ ଘଟଣା

# ୨ ସପ୍ତାହ ପରେ ବି ଅଭିଯୁକ୍ତକୁ ଧରୁନି ପୁଲିସ

ବୈଶିଙ୍ଗା, ୫।୮ (ସମିସ): ବେତନଟୀ ବ୍ଲକ ପ୍ରତିମାଦେଇପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ମହାନ୍ତ ଗତ ୨୧ ତାରିଖରେ ୭/୮ ଜଣ ଛାତ୍ରୀଙ୍କୁ ଗେଲ କରିବା ବାହାନାରେ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବିଇଓ ତାଙ୍କୁ ସଂଗେ ସଂଗେ ନିଲମ୍ବନ କରିଥିଲେ; ହେଲେ ଇତିମଧ୍ୟରେ ଦୁଇ ସପ୍ତାହ ବିତି ଯାଇଥିଲେ ହେଁ ପୁଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇପାରିନାହିଁ। ତେବେ ପ୍ରମୋଦ ନିଲମ୍ବନ ଦିନଠାରୁ ବେତନଟୀ ଉପକଣ୍ଠ ନଣ୍ଡାଶୋଳ ଘରେ ରହି ଅନ୍ୟାୟସରେ ବୁଲାବୁଲି କରୁଥିବାବେଳେ ତାଙ୍କ ନାଁରେ ଅଭିଯୋଗ ହେବାପରେ ସେ ଫେରାର ହୋଇଯାଇଛନ୍ତି। ଏନେଇ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସଙ୍କୁ ଯୋଗାଯୋଗ କରିବାରୁ ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଛି। ଖୁବ ଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ବ୍ଲକ ଆଇସିସି କମିଟିର ୬ ସଦସ୍ୟ/ସଦସ୍ୟା ମଧ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ନିକଟରୁ ବୟାନ ସଂଗ୍ରହ କରି ବେତନଟୀ ବିଇଓଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏଭଳି ଜଣେ ଅଭିଯୁକ୍ତକୁ ଧରିବାରେ ପୁଲିସର କାଳକ୍ଷେପଣ ନୀତିକୁ ସାଧାରଣରେ ସମାଲୋଚନା କରାଯାଇଛି।





# ବିଧବା ବୁଦୁଜ ଭତ୍ତା ନ ପାଇ ହନ୍ତସନ୍ତ

ରାଇରଙ୍ଗପୁର, ୫।୮ (ସମିସ): ସରକାର ଗରିବଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଜନକଲ୍ୟାଣ ଯୋଜନା ପ୍ରଣୟନ କରିଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ପ୍ରକୃତ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ବିଧବା, ଦିବ୍ୟାଙ୍ଗ, ବରିଷ୍ଠଙ୍କ ନିମନ୍ତେ ସରକାର ବହୁ ଯୋଜନା କରିଛନ୍ତି; କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅବହେଳା ହେଉ କିମ୍ବା ସଚେତନତା ଅଭାବରୁ ଠିକ ସମୟରେ ଯୋଜନାର ସଫଳତା ମିଳିପାରୁନାହିଁ। ବିଜାତଳା ବ୍ଲକ ଚଡେଇପାହାଡି ପଞ୍ଚାୟତ କଙ୍କଡାବେଡା ଗ୍ରାମର ବିଧବା ବୁଦୁଜ ସୋରେନ ବିଧବା ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହେବାର ଇତିମଧ୍ୟରେ ୮ ବର୍ଷ ବିତିଯାଇଥିଲେ ହେଁ ତାଙ୍କୁ ଆଜଯାଏ ଭତ୍ତା ମିଳୁନି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



କୁଆମରା, ୫।୮ (ସମିସ): ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡ଼ିଓ ପୃଥ୍ୱୀରାଜ ପରିଡ଼ା, ସହକାରୀ ଯନ୍ତ୍ରୀ ଅଭିଷେକ କାପୁଣ୍ଡିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ବେହେରାଙ୍କ ସମେତ ଶିକ୍ଷା ବିଭାଗ, ଯୋଗାଣ ବିଭାଗ, ଜଳ ଓ ପରିମଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମାଜସେବୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବିଭିନ୍ନ ପଦାଧିକାରୀ, ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତରହି ସ୍ୱାଧୀନତା ଦିବସ ପାଳନ ଉପରେ ଆଲୋଚନା କରିଥିଲେ। ସକାଳ ୯ଟାରେ ମିନି ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ ହେବ। ଏଥି ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ କନିଷ୍ଠ ଓ ବରିଷ୍ଠ ଦୁଇ ଭାଗରେ ବିଭକ୍ତ କରାଯାଇ ପ୍ରବନ୍ଧ, ସଙ୍ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ୟୁଏଏସ୍ ଯୋଜନାକୁ ଶିକ୍ଷକ ସଂଘର ବିରୋଧ



ଉଦଳା, ୫।୮ (ସମିସ): ଉଦଳା ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ସରକାରଙ୍କ ତରଫରୁ ପ୍ରଚଳିତ ୟୁନିୟାଏଡ ଅଟୋମେସନ ସିଷ୍ଟମ (ୟୁଏଏସ)କୁ ବିରୋଧ କରାଯାଇ ସୋମବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତଭୂମିର ଅଭାବ, ମୋବାଇଲ ନେଟୱର୍କ ସୁବିଧା ନ ଥିଲେ ମଧ୍ୟ ଏହି ଯୋଜନା ଶିକ୍ଷକ ସମାଜ ଉପରେ ବାଧ୍ୟତାମୂଳକ ଲଦି ଦିଆଯାଉଛି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଆଗାମୀ ଦିନରେ ଏହି ଯୋଜନାକୁ ପ୍ରତ୍ୟାହାର କରାନଗଲେ ଶିକ୍ଷକମାନେ ମାନସିକ ଚାପଗ୍ରସ୍ତ ହେବେ। ଫଳରେ କାର୍ଯ୍ୟପନ୍ଥା କଠୋର କରିବା ପାଇଁ ବାଧ୍ୟ ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ସମୟରେ ସଭାପତି ବୀରେନ୍ଦ୍ର ନାଥ ମଢେଇ, ମିନାକ୍ଷୀ ମିଶ୍ର, ଆଦ୍ୟାଶା ଦାସ, ବୈଶାଖୀ ସାହୁ, ରଜତ କୁମାର ମହାପାତ୍ର, ନବୀନ କୁମାର ବେହେରା, ସୁଧାଂଶୁ ବେହେରା ପ୍ରମୁଖ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା ଉପଲକ୍ଷେ ପ୍ରଥମ ପ୍ରସ୍ତୁତି ବୈଠକ

ମୋରଡା, ୫।୮ (ସମିସ): ମୋରଡା ବ୍ଲକ ଚିତ୍ରଡାଠାରେ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ରବିବାର ରାତିରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟିର କର୍ମକର୍ତ୍ତା ଯୋଗଦେଇ ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ଯୋଜନା ପ୍ରସ୍ତୁତ କରିବା ଲାଗି ଏକ ପ୍ରସ୍ତାବ ଆଗତ କରିଥିଲେ। ବୈଠକରେ ପୂଜା ବଜେଟ, ସାଜସଜ୍ଜା, ମନୋରଞ୍ଜନ ଆଦି ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଗୁରୁତ୍ୱ ଦିଆଯିବ ବୋଲି କର୍ମକର୍ତ୍ତାମାନେ କହିଥିଲେ। ଦୁର୍ଗାପୂଜା କମିଟି ସଦସ୍ୟ ମୃତ୍ୟୁଞ୍ଜୟ ସେନାପତି, ଅମରେନ୍ଦ୍ର ସିଂବାବୁ, ଅମ୍ବୁଜ କୁମାର ମହାନ୍ତ, ଜୟନ୍ତ ବେହେରା, ହରିଆ ପାତ୍ର, ସ୍ମାରକ ମାଜି, ମନୁ ଦାସ, ସେକ ମୁସ୍ତୋଫା, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଆସନ୍ତା ଦ୍ୱିତୀୟ ବୈଠକ ବୁଧବାର ଅନୁଷ୍ଠିତ ହେବ। ସେହିପରି ଆଞ୍ଚଳିକ ଦୁର୍ଗାପୂଜା କମିଟିର ସଦସ୍ୟମାନେ ସ୍ଥାନୀୟ ସାପ୍ଲାଇ ଛକ ନିକଟରେ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲେ।

## ଶିମିଳିପାଳ ଚିତ୍ରକଳା ଶିବିର ଉଦଯାପିତ — ମହାରାଜା ଜିଲ୍ଲା ଆର୍ଟିଷ୍ଟ ସଂଘର ସଭାପତି



ବାରିପଦା, ୫।୮ (ସମିସ): ମୟୂରଭଞ୍ଜ ଆର୍ଟିଷ୍ଟ ସଂଘ ଆନୁକୂଲ୍ୟରେ ଚାଲିଥିବା ଶିମିଳିପାଳ ଚିତ୍ରକଳା ଶିବିର ଉଦଯାପିତ ହୋଇଯାଇଛି। ଶିବିର ପ୍ରଥମ ୨ ଦିନ କାକରପାଣି ଶିମିଳିପାଳ ଇକୋ ରିଟ୍ରେଟରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଉଦଯାପନୀ ଉତ୍ସବ ବାରିପଦା ସ୍ଥିତ ଲାୟନ୍ସ କ୍ଲବରେ ଆୟୋଜିତ ହୋଇଥିଲା। ଚିତ୍ରଶିଳ୍ପୀ ଚାରୁ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମଧ୍ୟରେ ଚିତ୍ରଶିଳ୍ପୀ ସ୍ୱର ବିହାରୀ ଦାସ ଏବଂ ଚିତ୍ର ଶିଳ୍ପୀ କଲ୍ୟାଣ ବାରିକ ଉପସ୍ଥିତ ଥିଲେ। ଏହି ଅବସରରେ ସର୍ବସମତି କ୍ରମେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କୁ ସଂଘ ସଭାପତି ରୂପେ ଚୟନ କରାଯାଇଥିଲା। ଶିମିଳିପାଳର କଳାବାଘ ନେଇ ଚିତ୍ରକଳାର ବିଷୟବସ୍ତୁ ଥିଲା। ସମସ୍ତ ଚିତ୍ରଶିଳ୍ପୀଙ୍କ ମଧ୍ୟରେ କଳା ବାଘ ପ୍ରତି ଚିନ୍ତାଧାରାକୁ ରଙ୍ଗତୁଳିରେ ଜୀବନ୍ତ ରୂପ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅମ୍ରିତା ପଟ୍ଟନାୟକ, ଦିଲୀପ ସିଂ, ଦିବ୍ୟରଞ୍ଜନ ରାଉତ, ମହେନ୍ଦ୍ର ନାଥ ଦଣ୍ଡପାଟ୍ଟ, ମାନସ ପତି, ନିବେଦିତା ମହାନ୍ତ, ଶଶିବ ଦାସ, ସ୍ୱରୂପ କୁମାର ପଲେଇ, ସ୍ୱରୂପ ନାୟକ, ସ୍ୱୟମ ଆଦିତ୍ୟ ମହାପାତ୍ର, ଶୁଭସ୍ମିତା ଭାରତୀ ହୋତା, ଶପଥ ଦାସ, ଅମୋରେଶ ବଂଶୁରୀ, ହୃଦାନନ୍ଦ ପଟ୍ଟନାୟକ, ସୁଧା ପଟ୍ଟନାୟକ, ରାଜେଶ କେଶରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଭୀମକୁଣ୍ଡ ଉନ୍ନତିକରଣ କାମ ତଦାରଖ କଲେ ଟିମ୍

ଠାକୁରମୁଣ୍ଡା, ୫।୮ (ସମିସ): ଠାକୁରମୁଣ୍ଡା ବ୍ଲକ ଅଧୀନରେ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳରେ ଚାଲିଥିବା ଉନ୍ନତି କରଣ କାମକୁ ସୋମବାର ତଦାରଖ କରିବା ସହିତ ପରିଦର୍ଶନ କରିଛନ୍ତି ଫେରିଛନ୍ତି ଏକ ଟିମ୍। କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ନିର୍ବାହୀ ଯନ୍ତ୍ରୀ ସୁମିତ ସୌରଭ କୁମାର ସାହୁ, କରଞ୍ଜିଆ ଡିଏଫଓ ବୈଦ୍ୟନାଥ ମାଝୀ, ଏସିଏଫ ମଦନମୋହନ ମହାନ୍ତ, ପ୍ରଭାତ କୁମାର କୁଅଁର, ସହକାରୀ ଯନ୍ତ୍ରୀ ଶ୍ୟାମାସୁନ୍ଦର ହେମ୍ବ୍ରମ, ଜେଇ ସୁଧାଂଶୁ ଶେଖର ନାୟକ, ପଡ଼ିଆବେଡା ସରପଞ୍ଚ ଧର୍ମାନନ୍ଦ ନାଏକ, ଠାକୁରମୁଣ୍ଡା ରେଞ୍ଜର ଉମାକାନ୍ତ ବେହେରା ସମେତ ସ୍ଥାନୀୟ



ଲୋକେ ଭୀମକୁଣ୍ଡରେ ଚାଲିଥିବା ଉନ୍ନତିକରଣ କାର୍ଯ୍ୟ ଦେଖିଥିଲେ। ପୂର୍ତ୍ତ ବିଭାଗ ରାଇରଙ୍ଗପୁର ଡିଭିଜନ ଅଧୀନରେ ୪ କୋଟି ୩୮ ଲକ୍ଷ ୭୯ ହଜାର ଟଙ୍କା ବ୍ୟୟ ଅଟକଳରେ ଭୀମକୁଣ୍ଡର ଉନ୍ନତିକରଣ କାମ ଚାଲୁରହିଛି। ଏହି ଅବସରରେ ଉକ୍ତ ଟିମ୍ କାମ ସୁଚାରୁରୂପେ କରିବା, ଠିକ ପରିମାଣରେ ଭାଗମାପ ଦେବା ଓ ସୁପରିଚାଳନା ପାଇଁ ଅଧିକାରୀଙ୍କୁ ଟିମ୍ ପରାମର୍ଶ ଦେଇଥିଲେ।

## କରଞ୍ଜିଆରେ କଂଗ୍ରେସ ସମ୍ମିଳନୀ; ଯୋଗଦେଲେ ବହୁ ନେତା

କରଞ୍ଜିଆ, ୫।୮ (ସମିସ): ସୋମବାର କରଞ୍ଜିଆରେ କଂଗ୍ରେସର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିସିସ ସଭାପତି ଭକ୍ତଚରଣ ଦାସଙ୍କ ଉପସ୍ଥିତିରେ ମୟୂରଭଞ୍ଜ ଜିଲ୍ଲାର ଶତାଧିକ ଜେଏମଏମ ଏବଂ ବିଜେଡ଼ି କର୍ମୀ କଂଗ୍ରେସରେ ଯୋଗଦାନ କରିଥିଲେ। ଦିବଂଗତ ଆଦିବାସୀ ରାଜନେତା ଶିବୁ ସୋରେନଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଗତ ନିର୍ବାଚନରେ ବାଙ୍ଗିରିପୋଷିରୁ ପ୍ରାର୍ଥୀ ହୋଇଥିବା ବିଷ୍ଣୁ ସିଂ, ଜିଲ୍ଲା ଜେଏମଏମର କାର୍ଯ୍ୟନିର୍ବାହୀ ସଦସ୍ୟ ସୁନାରାମ ସୋରେନ୍, ବର୍ଷା ହେମ୍ବ୍ରମ, ଠାକୁରା ସୋରେନ, ୪୯ ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦେବେନ୍ଦ୍ର ସିଂ, ଶ୍ୟାମାଖୁଣ୍ଟା ବ୍ଲକର ବରିଷ୍ଠ ନେତା ଭାସ୍କର ପାତ୍ର, ଶ୍ୟାମାଖୁଣ୍ଟା ବ୍ଲକର ଉପସଭାପତି ଶମ୍ଭୁନାଥ ମହାନ୍ତ, ରାଜୁ ସିଂ ଦଳରେ ଯୋଗଦେଇଥିଲେ। ରାହୁଲ ଗାନ୍ଧୀଙ୍କ ସମ୍ବିଧାନ ସୁରକ୍ଷା ଅଭିଯାନ, ଆଦିବାସୀଙ୍କୁ ବନବାସୀ ପରିବର୍ତ୍ତେ ଆଦିବାସୀ ଜୋର ଦେଇ କହିବା ଏବଂ ଆଦିବାସୀ ବର୍ଗର ଜଳ, ଜଙ୍ଗଲ ଆଉ



ଜମି ଉପରେ ସୁରକ୍ଷା ପାଇଁ ପ୍ରତିବଦ୍ଧତା ଯୋଗୁଁ କଂଗ୍ରେସ ଦଳରେ ଯୋଗ ଦେଲେ ବୋଲି ନୂତନ ଭାବରେ ଯୋଗ ଦେଇଥିବା କର୍ମୀମାନେ ମତପ୍ରକାଶ କରିଛନ୍ତି। ସେହିପରି ବିସ୍ଥାପନ ବିରୋଧୀ ନେତ୍ରୀ ସିନଗ ହେମ୍ବ୍ରମଙ୍କ ନେତୃତ୍ୱରେ ୩୦ରୁ ଅଧିକ ଯୋଗ ଦେଇଛନ୍ତି। ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଲଢେଇ ଜାରି ରହିବ ବୋଲି ନୂତନ କର୍ମୀମାନେ କହିଛନ୍ତି। ଏହି ଅବସରରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଂଯୋଜକ ଭୁବନ ବିହାରୀ ସାହୁ, ପୂର୍ବ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଂଯୋଜକ ଅରବିନ୍ଦ ଦାସ, ରାଇରଙ୍ଗପୁର କଂଗ୍ରେସର ବରିଷ୍ଠ ନେତା ରୂପକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରଛାତ୍ରୀଙ୍କୁ ଚଷମା ଓ ପୁସ୍ତକ ବଣ୍ଟନ ଶିବିର

କୁଳିଅଣା, ୫।୮ (ସମିସ): ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ସ୍ୱଳ୍ପ ଦୃଷ୍ଟି ବାଧିତ ଶିକ୍ଷାର୍ଥୀଙ୍କୁ ଚଷମା ଓ ପୁସ୍ତକ ବିତରଣ କରାଯାଇଛି। କୁଳିଅଣା



ଏବିଇଓ ସରସ୍ୱତୀ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ କୁଳିଅଣା ଗୋଷ୍ଠୀ ଚିକିତ୍ସା କେନ୍ଦ୍ରର ଡ଼ଃ ଦେବାଶିଷ ଘଡେଇ, ବିପିଏମ୍ ଦେବୀଅର୍ଚ୍ଚନା ମହାପାତ୍ର, ଏବିଇଓ ଗୌରୀମଣି ସେଠୀ, ବ୍ଲକ ଶିକ୍ଷକ ସଙ୍ଘ ସଭାପତି ଦିଲ୍ଲୀପ କୁମାର ପାତ୍ର ପ୍ରମୁଖ ଯୋଗଦେଇ ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ସ୍ୱଳ୍ପ ଦୃଷ୍ଟି ବାଧିତ ୧୧୦ ଜଣଙ୍କୁ ଚଷମା ଓ ୧୫ ଜଣଙ୍କୁ ବଡ଼ ଅକ୍ଷର ଥିବା ପୁସ୍ତକ ବଣ୍ଟନ କରିଥିଲେ। ଶିକ୍ଷକ ହାଡିବନ୍ଧୁ ଜେନା ମଞ୍ଚ ପରିଚାଳନା ଓ ଏନପିଏସ ଶିକ୍ଷକ ସଙ୍ଘ ଜିଲ୍ଲା ସଭାପତି ହରେକୃଷ୍ଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ୮୬ ଛାତ୍ରଛାତ୍ରୀଙ୍କୁ ଚଷମା ଓ ପୁସ୍ତକ ବଣ୍ଟନ




ରାଇରଙ୍ଗପୁର, ୫।୮ (ସମିସ): ଅଖିଳ ଭାରତ ସେବା ସଂସ୍ଥାନ ତଥା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲାର କୁସୁମୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଶିକ୍ଷା ସମାଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିଡିପିଓ ସାକରା ହାଁସଦାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସୁପରଭାଇଜର ରୁମାଲ ମହାନ୍ତ, ପଡ଼ିଆ ସ୍କୁଲର ପ୍ରଧାନଶିକ୍ଷକ ବୀରେନ୍ଦ୍ର ବାରିକ ଏବଂ ଗୋଷ୍ଠୀ ସମ୍ବଳ ଅଧିକାରୀ କୃଷ୍ଣଚନ୍ଦ୍ର ସେନାପତି ଯୋଗଦେଇ ପିଲାମାନଙ୍କୁ ଚକ୍ଷୁର ଯତ୍ନ ଏବଂ ଚଷମାର ବ୍ୟବହାର ଉପରେ ବୁଝାଇଥିଲେ। ଏହି ଅବସରରେ କୁସୁମି ବ୍ଲକର ୮୬ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ଓ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥିବା ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଆରସି ଓମ୍ ପ୍ରକାଶ ସେଠୀ, ଚକ୍ରଧର ଗିରି, ସୁମିତ୍ରା ତିରିଆ, ଶିକ୍ଷକ ସଂଗ୍ରାମ ଗିରି ପ୍ରମୁଖ ସହଯୋଗ କରିଥିଲେ।

## ସୁନିନ୍ଦାରେ ଭୋଗ ମଣ୍ଡପର ଭିତ୍ତିପ୍ରସ୍ତର



ଠାକୁରମୁଣ୍ଡା, ୫।୮ (ସମିସ): ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଠାକୁରମୁଣ୍ଡା ବ୍ଲକ ଦିଗଧର ଗ୍ରାମପଞ୍ଚାୟତ ସୁନିନ୍ଦା ଗ୍ରାମର ଶିବ ମନ୍ଦିର ନିକଟରେ ୫ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଭୋଗ ମଣ୍ଡପ ସୋମବାର କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ଅବସରରେ ଦିଗଧର ସରପଞ୍ଚ ମଳୟ କୁମାର ପରିମାଣିକ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ଏବିଡ଼ିଓ ଟଙ୍କଧର ମହାନ୍ତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭ୍ରା ସ୍ୱାଇଁ, ସହକାରୀ ଯନ୍ତ୍ରୀ ବିକ୍ରମ କୁମାର ସାମଲ ସମେତ କମିଟିର ସଦସ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅନ୍ୟ ଦଳରୁ ଶତାଧିକ କଂଗ୍ରେସରେ ଯୋଗଦାନ

ବାରିପଦା, ୫।୮ (ସମିସ): ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭାପତି ଭକ୍ତ ଦାସଙ୍କ ଉପସ୍ଥିତିରେ ମୟୁରଭଞ୍ଜ ଜିଲ୍ଲା ସଂଯୋଜକ (ପୂର୍ବ) ଅରବିନ୍ଦ ଦାସଙ୍କ ନେତୃତ୍ୱରେ ବାଙ୍ଗରିପୋଷି ନିର୍ବାଚନମଣ୍ଡଳୀର ଜେଏମଏମର ବିଧାୟକ ପ୍ରାର୍ଥୀ ବିଷ୍ଣୁ ସିଂ ନିଜ ଶତାଧିକ ସମର୍ଥକଙ୍କ ସହ ସୋମବାର ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି। ସେହିପରି ସରସକଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ସରପଞ୍ଚ ଅଞ୍ଜଳି ସାମତ ଶତାଧିକ ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ପିସିସି ସଭାପତି ଶ୍ରୀ ଦାସ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରିବା ସହ କଂଗ୍ରେସ ଦଳ ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସୁଖ ଦୁଃଖର ସାଥି ହେବା ସହ ଦଳକୁ ମଜଭୁତ କରିବାର ମନ୍ତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୟୁରଭଞ୍ଜ ଜିଲ୍ଲା ପ୍ରଭାରୀ ତଥା ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ଜିଲ୍ଲା ସଂଯୋଜକ (ପଶ୍ଚିମ) ଭୁବନ ସାହୁ, ମହିଳା ନେତ୍ରୀ ମନୀଷା ଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ନ୍ୟାୟିକ ପ୍ରକ୍ରିୟା ପାଇଁ ହୋଇପାରୁନି ସମାଧାନ

# ୩୪ ବର୍ଷ ହେଲା ଜମିପଟ୍ଟା ପାଉନାହାନ୍ତି ଭୋଗବାଟିବାସୀ

ବୈଶିଙ୍ଗା, ୫।୮ (ସମିସ): ଗତ ୧୯୯୧ ମସିହାରୁ ନ୍ୟାୟିକ ପ୍ରକ୍ରିୟା ପାଇଁ ଭୋଗବାଟି ମୌଜାର ଲୋକେ ଆଜକୁ ୩୪ ବର୍ଷ ଧରି ଜମିପଟ୍ଟା ପାଇବାରୁ ବଞ୍ଚିତ ରହିଛନ୍ତି। ବେତନଟୀ ବଜାର ସଂଲଗ୍ନ ଭୋଗବାଟି ମୌଜାରେ ବ୍ଲକ, ତହସିଲ କାର୍ଯ୍ୟାଳୟ, ବ୍ୟାଙ୍କ, ରେଞ୍ଜ କାର୍ଯ୍ୟାଳୟ, ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ଥାନା, ଅବକାରୀ ଥାନା, ଟ୍ରେଜେରୀ, ପାୱାର ହାଉସ, ଏମପିସି ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଅଫିସ ରହିଛି। ତେବେ ବେତନଟୀ ବଜାରର ପ୍ରମୁଖ ଅଂଶ ଭୋଗବାଟି ମୌଜା ଅଧୀନରେ ଆସୁଥିବାବେଳେ ଏକ ନିର୍ଦ୍ଦିଷ୍ଟ ବିବାଦୀୟ ଜମିକୁ ନେଇ ଏକ ମାମଲା ହାଇକୋର୍ଟଙ୍କ ନିକଟରେ ବିଚାରାଧୀନ ଥିବାବେଳେ ଏହି ନ୍ୟାୟିକ ପ୍ରକ୍ରିୟା ପାଇଁ ୧୯୯୧ରୁ ଜମିପଟ୍ଟା ଅନୁମୋଦନ ଉପରେ ରହିତାଦେଶ ବଳବତ୍ତର ରହିଛି। ଫଳରେ ଆଜକୁ ୩୪ ବର୍ଷ ହେଲା କିଣିଥିବା ଜମିକୁ ନିଜ ନାମରେ ହୋଇପାରୁନାହିଁ। ଫଳରେ ବ୍ୟାଙ୍କରୁ ଋଣ ନେବାରେ ମଧ୍ୟ ସମସ୍ୟା ଦେଖାଦେଇଛି। ଏପରିକି ନିଜ ନାଁରେ ଜମି ନ ଥିବାରୁ ବିଭିନ୍ନ ପ୍ରମାଣ ପତ୍ର ମଧ୍ୟ ହାତେଇବାରେ ବାଧକ ସାଜିଛି। ସରକାରଙ୍କୁ ରାଜସ୍ୱ ଦେଇ ବହୁମୂଲ୍ୟ ଜମି କିଣିଥିବା କ୍ରେତାମାନେ ଦଲିଲ ଆଧାରରେ ଜମି ପଟ୍ଟା ପାଇପାରୁନାହାନ୍ତି। ବେତନଟୀ ଅଞ୍ଚଳବାସୀଙ୍କ ଏନଏସି ମାନ୍ୟତା ଏବଂ ଭୋଗବାଟି ମୌଜାର ଅଧିବାସୀଙ୍କୁ ଜମିପଟ୍ଟା ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ରହିଛି। ଏ ନେଇ ବଡସାହି ବିଧାୟକ ସନାତନ ବିଜୁଳି ବିରୋଧୀ ଦଳରେ ଥିବା ସମୟରେ ବାରମ୍ବାର ତଥ୍ୟଭିତ୍ତିକ ଯୁକ୍ତି ଉପସ୍ଥାପନ କରିଥିଲେ। ଏବେ ଡବଲ ଇଞ୍ଜିନ ସରକାରରେ ମଧ୍ୟ ରାଜସ୍ୱମନ୍ତ୍ରୀଙ୍କ ସହିତ ଘନଘନ ଆଲୋଚନା କରିଥିବା ନେଇ ସୂଚନା ଦେଇଛନ୍ତି।



କେବଳ ଅର୍ଥ ଓ କ୍ଷମତା ସୁଖ ଦେଇପାରିବ ନାହିଁ, ଏହାର ପ୍ରକୃତ ଉତ୍ସ ହେଉଛି ହୃଦୟବତ୍ତା।
-ଦଲାଇଲାମା

# ଦାଦନ ଯାତନା

ନିଜ ଭିଟାମାଟି ଓ ପରିବାରକୁ ଛାଡ଼ି ଦିନମଜୁରିଆ ଭାବେ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିବା ଶ୍ରମଜୀବୀଙ୍କୁ ଆମେ ‘ଦାଦନ’ ଭାବେ ଗ୍ରହଣ କରିଥାଉ। ଏମାନଙ୍କ ସଂଖ୍ୟା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ଏତେ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସତ୍ତ୍ୱେ ସେମାନଙ୍କ ଦୁଃଖ ଦୂର ହୋଇନି। ଆମ ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳରେ କିଛି ଜିଲ୍ଲାରେ ଏବେ ମଧ୍ୟ ଉତ୍କଟ ଦାରିଦ୍ର୍ୟ ରହିଛି। ଶ୍ରମଦାନ କରିବାକୁ ପ୍ରସ୍ତୁତ ଥିବା ଏହି ଦାଦନଙ୍କୁ ଯଦି ସ୍ଥାନୀୟ ଅଞ୍ଚଳରେ କାମ ଧନ୍ଦା ଯୋଗାଇ ଦିଆଯାଆନ୍ତା ତେବେ ସେମାନେ କର୍ମସଂସ୍କୃତି ବିବର୍ଜିତ ଓ ବିପଜ୍ଜନକ ପରିସ୍ଥିତିରେ କାମ କରିବାକୁ ଘରୁ ଗୋଡ଼ କାଢ଼ି ବାହାରି ଯାଆନ୍ତେ ବା କାହିଁକି? ଏକଥା ଯେ ପ୍ରଶାସନ ବୁଝିନି ଏକଥା ନୁହେଁ। ସେହିଭଳି କୃଷିଭିତ୍ତିକ କାମଧନ୍ଦା ଜଳସେଚନ ଅଭାବରୁ ଏକ ସ୍ୱଳ୍ପମିଆଦୀ ବ୍ୟବସ୍ଥାରେ ପରିଣତ ହୋଇଛି। ଅନ୍ୟପକ୍ଷରେ କୃଷି ବିଶେଷ ଲାଭଜନକ ହେଉ ନ ଥିବାରୁ ଚାଷଜମି ପଡ଼ିଆ ପଡୁଛି। ବିକଳ୍ପ ଚାଷ ଓ ଲାଭଜନକ ଫସଲ କେବଳ ସ୍ଲୋଗାନରେ ରହିଯାଇଛି। ତେଣୁ ଭୟଙ୍କର ଅଭାବବୋଧରେ ଥିବା ଏହି ବର୍ଗଙ୍କୁ ସହାୟତା ଯୋଗାଇଦେବାରେ ପଛଘୁଞ୍ଚା ଦେଇ ନ ଥା’ନ୍ତି ଶ୍ରମିକ ଠିକାଦାର। ମାଛ ଧରିବା ପାଇଁ କେଉଟ ଯେଭଳି ଜାଲ ବିଛାଇ ଜଗି ବସିଥାଏ ସେହିଭଳି ଏହି ଠିକାଦାରମାନେ ଦାଦନ ଶ୍ରମିକଙ୍କୁ ନାନା ପ୍ରଲୋଭନ ଦେଖାଇ ଯୋଗାଡ଼ କରିଥା’ନ୍ତି। ଯେଉଁଠି ବ୍ୟବସ୍ଥା ବିଫଳ ସେଠି ପୁଣି ଭୋଟ ପାଇଁ ସେମାନଙ୍କୁ ଲୋଡ଼ା ପଡ଼େ। ସେହି ଶ୍ରମିକ ଠିକାଦାର ମାନେ ହିଁ ସେମାନଙ୍କୁ କର୍ମକ୍ଷେତ୍ରରୁ ଆଣି ଭୋଟ ପରେ ପୁଣି ପଠାଇବାର ବ୍ୟବସ୍ଥା କରିଥାନ୍ତି। ବିଚିତ୍ର ବ୍ୟବସ୍ଥା।

ଏଠାରେ ଏକଥା ଉଲ୍ଲେଖକରିବାର ଉଦ୍ଦେଶ୍ୟ ହେଲା, ନିକଟରେ ଆନ୍ଧ୍ରପ୍ରଦେଶର ବାପତାଲା ଜିଲ୍ଲା ଅନ୍ତର୍ଗତ ବାଲିକୁରଭା ମଣ୍ଡଳର ଏକ ପଥର ଖାଦନରେ କାମ କରୁଥିବା ଅବସ୍ଥାରେ ଦୁର୍ଘଟଣାରେ ସମ୍ମୁଖୀନ ହୋଇ ୬ ଜଣ ଓଡ଼ିଆ ଶ୍ରମିକଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ୧୫ ଜଣଙ୍କୁ ଆହତ ଅବସ୍ଥାରେ ଚିକିତ୍ସା କରାଯାଇଛି। ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ପଥର କ୍ୱାରୀ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବାରୁ ଉପର ଭାଗ ପଥରର ସ୍ଥିତି ଦୁର୍ବଳ ହୋଇଯାଇଥିଲା। କର୍ମରତ ଶ୍ରମିକଙ୍କ ଉପରେ ସେହି ପଥରଖଣ୍ଡ ଓଜାଡ଼ି ହୋଇପଡ଼ିଥିଲା। ପଥରଖଣି ମାଲିକ ବର୍ଷା ପରିବର୍ତ୍ତୀ ସ୍ଥିତି ଯାଞ୍ଚ କରିଥିଲେ ଏଭଳି ଏକ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥା’ନ୍ତା। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଗତ ୧୫ ମାସ ମଧ୍ୟରେ ଆମ ରାଜ୍ୟରୁ ଦାଦନ ଖଟିବାକୁ ଯାଇଥିବା ୧୫୦ ଊର୍ଦ୍ଧ୍ୱ ପ୍ରାଣ ହରାଇ ଲେଣି। ଆମକୁ ଏଠାରେ କହିବାକୁ ପଡୁଛି ଯେ ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶରେ କାର୍ଯ୍ୟରତ ଏହି ଶ୍ରମିକଙ୍କୁ କେବଳ ଶୋଷଣ କରାଯାଉନାହିଁ। ସର୍ବନିମ୍ନ ସୁବିଧା ସୁଯୋଗ ଉପଲବ୍ଧ ନଥିବା ବେଳେ ଅତି ବିପଜ୍ଜନକ ଅବସ୍ଥାରେ ସେମାନଙ୍କୁ ଦିନ ରାତି ଖଟିବାକୁ ପଡୁଛି। ସେମାନଙ୍କ ଭଲ ମନ୍ଦ ନେଇ ଉଭୟ ପକ୍ଷ ନିରବ। ଏକ୍ଷେତ୍ରରେ ଯଥେଷ୍ଟ ସଜାଗ ଓ ସତର୍କତା ଅବଲମ୍ବନ କରାଯାଇପାରନ୍ତା। ଏଠାରେ ପୁଣି ଥରେ କହିବା ଯେ ବ୍ୟବସ୍ଥା ନିରବ। ଏହା ଯେ ଏକ ମାନବୀୟ ଅପରାଧ ଏକଥା କେହି ଗ୍ରହଣ କରିବାକୁ ନାରାଜ।

ଗତ ନିର୍ବାଚନରେ ଦାଦନ ଶ୍ରମିକଙ୍କ ସମସ୍ୟାଙ୍କୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଥିଲା। ଏହାକୁ ରାଜ୍ୟର ସ୍ୱାଭିମାନ ଓ ସମ୍ମାନର ପ୍ରସଙ୍ଗ ରୂପେ ଗ୍ରହଣ କରାଯାଉଥିଲା। ଓଡ଼ିଶାରୁ ଅନ୍ୟରାଜ୍ୟକୁ କେହି ଦାଦନ ଖଟିବାକୁ ଯିବେ ନାହିଁ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ମିଳିଥିଲା। ଏବେ ବର୍ଷକ ମଧ୍ୟରେ ଗୋଟିକ ପରେ ଗୋଟିଏ ଅଘଟଣ ଘଟିଥିବାରୁ ଆମେ ବିଜେପି ନେତାଙ୍କ ପ୍ରତିଶ୍ରୁତି ମନେ ପକାଇ ଦେବାକୁ ଚାହୁଁ। ସରକାର ଯେ କିଛି କରିନାହାନ୍ତି ଏକଥା ନୁହେଁ। ଦାଦନ ସମସ୍ୟାର ନିରାକରଣ ପାଇଁ ଟାସ୍କ ଫୋର୍ସ ଗଠନ କରାଯାଇଛି। ଯେଉଁ ଅଞ୍ଚଳରୁ ଅଧିକ ସଂଖ୍ୟାରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି, ସେଠାରୁ ପ୍ରତିନିଧିତ୍ୱ କରୁଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହି କମିଟିର ଅଧ୍ୟକ୍ଷ ଅଛନ୍ତି। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଞ୍ଚାୟତରାଜ ମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ସଦସ୍ୟ ଅଛନ୍ତି। ଖୋଦ ମୁଖ୍ୟସଚିବଙ୍କ ସହ ବହୁ ଅଧିକାରୀଙ୍କୁ ଟାସ୍କଫୋର୍ସରେ ସାମିଲ କରାଯାଇଛି। ଦାଦନ ସମସ୍ୟାର ଆଶୁ ସମାଧାନ ସକାଶେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ହେଉଛି ଟାସ୍କଫୋର୍ସର ମୁଖ୍ୟ କାର୍ଯ୍ୟ। ଏକ୍ଷେତ୍ରରେ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବା ଆଗକୁ କ’ଣ କରାଯିବ ସେ ସଂପର୍କରେ ସମୀକ୍ଷା ସକାଶେ ପ୍ରତି ୬ ମାସ ବ୍ୟବଧାନରେ ଟାସ୍କ ଫୋର୍ସ ବୈଠକ କରିବା କଥା। କିନ୍ତୁ ତାହା ସମ୍ଭବ ହେଲା ନାହିଁ। ମାତ୍ର ଗୋଟିଏ ବୈଠକରେ ଯାହା ପ୍ରାରମ୍ଭିକ ଆଲୋଚନା ହୋଇଥିଲା ସେହିଥିରେ ହିଁ ତାହା ସୀମିତ ରହିଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ କୌଣସି ପ୍ରସଙ୍ଗକୁ ନିର୍ବାଚନ ରାଜନୀତିରେ ଉତ୍ଥାପନ କରି ଜନମତକୁ ନିଜ ସପକ୍ଷରେ ଆଣିବା ସହଜ, କିନ୍ତୁ ତାହାର ସମାଧାନ ସକାଶେ ଯେଉଁ ଆନ୍ତରିକତା ଲୋଡ଼ା, ତାହାର ଅଭାବ ଏବେ ମଧ୍ୟ ଅନୁଭୂତ ହେଉଛି।

ଘଟଣାକ୍ରମ ନେଇ ଆମ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆନ୍ଧ୍ରମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଦୁଃଖ, କ୍ଷୋଭ ଓ ଶୋକ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ ମୃତକଙ୍କ ପରିବାରଙ୍କ ପାଇଁ ତୁରନ୍ତ ସହାୟତା ରାଶି ମଧ୍ୟ ଘୋଷଣା କରାଯାଇଛି। ଆମ ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୧୪ ଲକ୍ଷ ଟଙ୍କା ଦେବେ। ସେ ଯିଏ ବି ହେଉ ବା ଯେଉଁ ସ୍ତରର ହେଉ। ମଣିଷର ଜୀବନ ତ ଅମୂଲ ମୂଲ। ସେହି କ୍ଷତିକୁ କେହି ଭରଣା କରିପାରିବେ ନାହିଁ। ତେବେ ପାରିବାରିକ ଜଞ୍ଜାଳ ଓ ସାମାଜିକ ନିର୍ଯାତନାରୁ ମୁକ୍ତି ପାଇଁ ଉପାର୍ଜନ ଆଶାରେ ଘରବାଡ଼ି ଛାଡୁଥିବା ପରିବାରର ଆର୍ଥିକ ସ୍ଥିତିକୁ ସୁଧାରିବାରେ ଏହି ୧୮ ଲକ୍ଷ ଟଙ୍କା କେତେଦୂର ସହାୟକ ହେବ ତାହା ମଧ୍ୟ ଚିନ୍ତା କରିବାର କଥା। ହେଲେ ଜୀବନ ବିନିମୟରେ ତ ଏହା ଆଦୌ ଗ୍ରହଣୀୟ ନୁହେଁ।

# ଆମେରିକା ନିକିତିରେ ଭାରତ-ପାକିସ୍ତାନ

ଗୌରୀ ପ୍ରସାଦ ମହାପାତ୍ର

ଭାରତୀୟ ଉତ୍ପାଦ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୫% ଆମଦାନୀ ଶୁଳ୍କ ଧାର୍ଯ୍ୟ ଭାରତ-ଆମେରିକା ସମ୍ପର୍କ ଉପରେ ପ୍ରଶ୍ନବାଚୀଟିଏ ଲଗାଇ ନଥା’ନ୍ତା ଯଦି ସମାନ୍ତରାଳ ଭାବେ ପାକିସ୍ତାନର ତୈଳ କୂପଗୁଡ଼ିକର ବିକାଶ ପାଇଁ ଆର୍ଥିକ ସହାୟତା ଘୋଷଣା କରାଯାଇ ନଥା’ନ୍ତା। ଟ୍ରମ୍ପଙ୍କ ଦୃଷ୍ଟିରେ ଭାରତ ପାଇଁ ରୁଷ୍ ପ୍ରୀତି ଏକ ଅପରାଧ। ଏହି ଅପରାଧ ପାଇଁ ଭାରତକୁ ବର୍ଦ୍ଧିତ ଶୁଳ୍କ ସମେତ ଅତିରିକ୍ତ ଜୋରିମାନା ମଧ୍ୟ ଦେବାକୁ ପଡ଼ିବ। ଅପରପକ୍ଷରେ ଆମେରିକାର ଶିଳ୍ପପତି ତଥା ଟ୍ରମ୍ପଙ୍କ ବିଗତ ଦିନର ବନ୍ଧୁ ଏଲନ୍ ମସ୍କ ଏବଂ ଆମେରିକୀୟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସଙ୍କ ମତରେ କ୍ରମବର୍ଦ୍ଧିଷ୍ଣୁ ଅର୍ଥନୈତିକ ମହାଶକ୍ତି ରୂପେ ଭାରତ ଉଭା ହେଉଥିବାରୁ ଟ୍ରମ୍ପଙ୍କ ଭୟ ଓ ଈର୍ଷା ତାଙ୍କର ଶୁଳ୍କ ନୀତିରେ ପ୍ରତିଫଳିତ ହୋଇଛି। କାରଣ ଯାହା ବି ହେଉନା କାହିଁକି ଆମେରିକାର ଏହି ସମାନ୍ତରାଳ ଘୋଷଣା ପରେ ଭାରତ-ପାକିସ୍ତାନ ପ୍ରସଙ୍ଗରେ ଆମେରିକା ଦୃଷ୍ଟିକୋଣର ସିଂହାବଲୋକନର ଅବକାଶ ସୃଷ୍ଟି ହୋଇଛି।

ସାମଗ୍ରିକ ପୃଷ୍ଠଭୂମିରେ ଆମ ଅତି ପରିଚିତ ‘ବିରାଡ଼ିଙ୍କ ପିଠାକଳି’ କଥାଟିର ସାରମର୍ମ(ଦୁଇଜଣଙ୍କ ବିବାଦରେ ତୃତୀୟ ପକ୍ଷର ଲାଭ) ଅବତାରଣା ପ୍ରାସଙ୍ଗିକ ମନେ ହୁଏ, ଯେଉଁଥିରେ ଦୁଇଟି ବିରାଡ଼ି ଗଉଡ଼ ସାହିରୁ ପାଇଥିବା ଛେନାପୋଡ଼ ଖଣ୍ଡିକର ଭାଗବଣ୍ଟା ସମାଧାନ ପାଇଁ ହନୁମାଙ୍କଡ଼ ପାଖକୁ ଯାଆନ୍ତି। ହନୁମାଙ୍କଡ଼ ଜାଣିଶୁଣି ପିଠାକୁ ଛୋଟବଡ଼ ଦୁଇ ଭାଗ କରି ନିକିତିର ଦୁଇପଲାରେ ରଖେ। ଯେଉଁ ପଲା ଭାରି ହୁଏ ସେଥିରୁ ଏମିତି ପୁଳାଏ ଖାଇଦିଏ ଯେ ଆର ପଲାଟି ଭାରି ହୋଇଯାଏ। ପୁଣି ଆରପାଖରୁ ପୁଳାଏ ଖାଇ ଦେଇ ଏପାଖଟିକୁ ଓଜନିଆ କରିଦିଏ। ଏହିକ୍ରମରେ ପିଠାଟିକୁ ସମ୍ପୂର୍ଣ୍ଣ ଉଦରସ୍ଥ କରିଦିଏ। ଶେଷରେ ବିରାଡ଼ି ଦୁଇଟି ଖାଲି ହାତରେ ଘରକୁ ଫେରନ୍ତି। ୨୦୪୭ ମସିହା ପରେ ଆମେରିକା ଏଭଳି ଏକ ନିକିତି ଧରି ବସିଛି, ଯାହାର ଦୁଇପଲାରେ ଭାରତ ଓ ପାକିସ୍ତାନକୁ ରଖିଛି। ହ୍ୟାରି ଟ୍ରୁମ୍ୟାନ୍ ହୁଅନ୍ତୁ କି ରିଚାର୍ଡ ନିକ୍ସନ୍ କିମ୍ବା ରୋନାଲ୍ଡ ରେଗନ୍ ହୁଅନ୍ତି କି ବିଲ୍ କ୍ଲିଣ୍ଟନ୍ କିମ୍ବା ବର୍ତ୍ତମାନର ଡୋନାଲ୍ଡ ଟ୍ରମ୍ପ, ରାଷ୍ଟ୍ରପତି ପଦରେ ଯିଏ ବା ବସନ୍ତୁ ନା କାହିଁକି ଭାରତ ଓ ପାକିସ୍ତାନକୁ ଆମେରିକାର ସ୍ୱାର୍ଥ ଓ ସୁବିଧା ପାଇଁ ପରିସ୍ଥିତି ଅନୁଯାୟୀ ନିକିତି ତଉଲ କରି ଆସିଛନ୍ତି। ୧୯୪୭ ମସିହାରେ ଭାରତ ସମ୍ମୁଖୀନ ହୋଇଥିବା ପ୍ରଥମ ଛାୟାଯୁଦ୍ଧରୁ ସଦ୍ୟତମ ଅଘୋଷିତ ଯୁଦ୍ଧ ‘ଅପରେସନ୍ ସିନ୍ଦୂର’ ପର୍ଯ୍ୟନ୍ତ ଆମେରିକାର ଏହି ନିକିତି ତଉଲ କାର୍ଯ୍ୟକଳାପକୁ ତର୍ଜମା କଲେ ଟ୍ରମ୍ପଙ୍କ ସାମ୍ପ୍ରତିକ ଭାରତ ବିରୋଧୀ କିମ୍ବା ପାକିସ୍ତାନ ସପକ୍ଷବାଦୀ ଆଭିମୁଖ୍ୟ ସେଭଳି ଆଶ୍ଚର୍ଯ୍ୟଜନକ କିମ୍ବା ଅସ୍ୱାଭାବିକ ମନେ ହେବ ନାହିଁ।

ସ୍ୱାଧୀନତାର ମାତ୍ର ଦୁଇମାସ ପରେ ପାକିସ୍ତାନ ପ୍ରାୟୋଜିତ ଓ ସମର୍ଥିତ ଅନୁପ୍ରବେଶକାରୀଙ୍କ ବିରୋଧରେ ଭାରତ ସମ୍ମୁଖୀନ ହୋଇଥିବା ଯୁଦ୍ଧର ସଫଳ ମୁକାବିଲା ପରେ ତତ୍କାଳୀନ ଭାଇସରୟ ଲର୍ଡ ମାଉଣ୍ଟବ୍ୟାଟେନ୍‌ଙ୍କ ପରାମର୍ଶକ୍ରମେ ୧୯୪୮ ଜାନୁଆରୀ ୧ ତାରିଖରେ ଜାତିସଂଘରେ ଫେରାଦ ହେଲା। କିନ୍ତୁ ବ୍ରିଟିଶ୍ ସରକାର ପୁଣି ଥରେ ବିଶ୍ୱାସଘାତ କରି ଭାରତକୁ ସମର୍ଥନ ତ କଲା ନାହିଁ, ଅଧିକନ୍ତୁ ତା’ର ସୁପାରିସକ୍ରମେ ସୁରକ୍ଷା ପରିଷଦ ଚତୁରତାର ସହିତ କାଶ୍ମୀର ସମସ୍ୟାକୁ ଭାରତ-ପାକିସ୍ତାନ ବିବାଦର ରୂପ ଦେଲା। ଏ ସମ୍ପର୍କରେ ଆମେ ଅଳ୍ପେବହୁତ ଅବଗତ ଥିବାରୁ ଆଲୋଚନାର ବିଷୟବସ୍ତୁକୁ ଅଧିକ ବିଲମ୍ବିତ କରିବା ନିଷ୍ପ୍ରୟୋଜନ।

ସେହି ସମୟରେ ଆମେରିକା ଚାହୁଁଥିଲା କାଶ୍ମୀର ପ୍ରସଙ୍ଗ ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ସମାଧାନ ହେଉ। ଏହି ମର୍ମରେ ଆମେରିକାର ତତ୍କାଳୀନ ପରରାଷ୍ଟ୍ର ସଚିବ ଭାରତକୁ ଏକ ସରକାରୀ ପତ୍ର ଜରିଆରେ ପ୍ରତିଶ୍ରୁତି ଦେଇଥିଲେ ଯେ ଜାତିସଂଘରେ ଏ ସମ୍ପର୍କରେ ଗୃହୀତ ସଂକଳ୍ପକୁ ଆମେରିକା ସମର୍ଥନ କରିବ। ସେତେବେଳେ ଦକ୍ଷିଣ ବିଶ୍ୱର ବିଶାଳ ସ୍ୱାଧୀନ ରାଷ୍ଟ୍ର ଭାବେ ଉଭା ହୋଇଥିବା ଭାରତ ଯେପରି ତତ୍କାଳୀନ ସୋଭିଏତ୍ ସଂଘ ପଟକୁ ଢଳି ନ ଯିବ ସେଥିପାଇଁ ଏଭଳି ସମବେଦନା ଜରିଆରେ ଭାରତକୁ ବଶମ୍ବଦ କରି ରଖିବାକୁ ଆମେରିକା ଚାହୁଁଥିଲା। କିନ୍ତୁ ସେତେବେଳେ ଭାରତ ଗୋଷ୍ଠୀ ନିରପେକ୍ଷ ନୀତି ଆପଣେଇବାରୁ ଆମେରିକାର ଉଦ୍ଦେଶ୍ୟ ଚରିତାର୍ଥ ହେଲା ନାହିଁ। ତଥାପି ଆମେରିକାର ପ୍ରୟାସ ୧୯୬୫ ତାସ୍‌କେଣ୍ଟ ଚୁକ୍ତି ପର୍ଯ୍ୟନ୍ତ ଜାରି ରହିଥିଲା। ଏପରିକି ୧୯୬୨ରେ ଚୀନ୍ ସହିତ ଯୁଦ୍ଧ ବେଳେ ଭାରତକୁ ଆମେରିକା କେତେକାଂଶରେ ଯୁଦ୍ଧାସ୍ତ୍ର ପରିବହନରେ ସହାୟତା କରିଥିଲା। ଭାରତ-ଚୀନ୍ ଯୁଦ୍ଧର ଫାଇଦା ନେଇ କାଶ୍ମୀର ଆକ୍ରମଣ ପାଇଁ ପାକିସ୍ତାନର ତତ୍କାଳୀନ ସାମରିକ ଶାସକ ଆୟୁବ୍ ଖାଁ ସଜବାଜ ହେଉଥିବା ବେଳେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜେ ଏଫ୍ କେନେଡ଼ିଙ୍କ କଡ଼ା ଚେତାବନୀ ଯୋଗୁଁ ଓହରି ଆସିବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ଆୟୁବ୍ କୁଆଡ଼େ ଭାରତ ଉପରେ ଆକ୍ରମଣ ନ କରିବା ବାବଦ କ୍ଷତିଭରଣା ଦାବି କରିଥିଲେ। କିନ୍ତୁ କେନେଡ଼ିଙ୍କ ପୁଣି ଥରେ ତାଗିଦ୍ ପରେ ଚୁପ୍ ରହିଥିଲେ। କେନେଡ଼ିଙ୍କ ପ୍ରସ୍ତାବ ଅନୁଯାୟୀ ଭାରତ ପାକିସ୍ତାନ ସହିତ ୬ ଦଫା ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। କିନ୍ତୁ ୧୯୬୫ ତାସ୍‌କେଣ୍ଟ ଚୁକ୍ତିରେ ଆମେରିକା ବଡ଼ଭାଇ ପଣିଆ ସାବ୍ୟସ୍ତ କରିବାରେ କିଛିମାତ୍ରାରେ ସମର୍ଥ ହେଲା।

ଇତିମଧ୍ୟରେ ଶୀତଳଯୁଦ୍ଧ ଘନୀଭୂତ ହେଉଥିଲା। ତତ୍କାଳୀନ ଭୂରାଜନୈତିକ ସନ୍ଧିକ୍ଷଣରେ ସୋଭିଏତ୍ ସଂଘ ବିରୋଧରେ ଭାରତ ତୁଳନାରେ ପାକିସ୍ତାନକୁ ମୋହରା କରିବା ପାଇଁ ଆମେରିକା ନେତୃତ୍ୱାଧୀନ ପଶ୍ଚିମବିଶ୍ୱ ଅଧିକ ଆଗ୍ରହୀ ହେଲା। ତତ୍କାଳୀନ ପାକିସ୍ତାନର ସାମରିକ ଶାସକମାନେ ମଧ୍ୟ ଭାରତ ଉପରେ ଦାଉ ସାଧିବା ପାଇଁ ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ। ଏହିକ୍ରମରେ ଆଫ୍‌ଗାନିସ୍ତାନର ଗୃହ ଯୁଦ୍ଧ ପାକିସ୍ତାନକୁ ଆମେରିକାର ଅଧିକ ନିକଟତର କଲା। ଶୀତଳଯୁଦ୍ଧରେ ମଧ୍ୟପ୍ରାଚ୍ୟ ପ୍ରୟୋଗଶାଳା ହୋଇଥିବାରୁ ପାକିସ୍ତାନକୁ ଆମେରିକା ପ୍ରଚ୍ଛନ୍ନ ସାମରିକ ଘାଟି ରୂପେ ବିବେଚନା କଲା ଏବଂ ଆତଙ୍କ ଦମନ ନାମରେ ଏଫ୍୧୬ ଲଢୁଆ ବିମାନ ସମେତ ବିପୁଳ ସାମରିକ ଓ ଆର୍ଥିକ ସହାୟତା ଅଜାଡ଼ି ଦେଲା। ଏପରିକି ପରମାଣୁ ଅସ୍ତ୍ର ନିର୍ମାଣ ସୂତ୍ର ମଧ୍ୟ ଆମେରିକା ହିଁ ପାକିସ୍ତାନକୁ ଦେଇଥିବା ଚର୍ଚ୍ଚା ହୁଏ। ତେଣୁ ସ୍ୱାଭାବିକ ଭାବରେ ଆମେରିକା ନିକିତିରେ ରୁଷ୍-ବନ୍ଧୁ ଭାରତ ନ୍ୟୂନ ହୋଇପଡ଼ିଲା। ଆହୁରି ମଧ୍ୟ ଆମେରିକା-ଚୀନ୍ ସମ୍ପର୍କର ମୂଳଦୁଆ ସ୍ଥାପନାରେ ପାକିସ୍ତାନ ମଧ୍ୟସ୍ଥତା କରିଥିବାରୁ ଉପହାର ସ୍ୱରୂପ ୧୯୭୧ ଭାରତ ବିରୋଧ ଯୁଦ୍ଧରେ ପାକିସ୍ତାନକୁ ଆମେରିକା ପ୍ରତ୍ୟକ୍ଷ ସାମରିକ ସହାୟତା ଯୋଗାଇ ଦେଇଥିଲା।

ସୋଭିଏତ୍ ସଂଘର ବିଲୟ ପରେ ଆମେରିକା ନିକିତି ତଉଲ ପୁଣି ବଦଳିଗଲା। ୧୯୯୯ରେ କାରଗିଲ୍ ଯୁଦ୍ଧ ବେଳେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ପାକିସ୍ତାନର ସାମରିକ ସହାୟତା ଯାଚନାକୁ ପ୍ରତ୍ୟାଖ୍ୟାନ କରିଦେଇ ସୀମାପାର ଯୁଦ୍ଧ ପାଇଁ ପାକିସ୍ତାନକୁ ଭର୍ତ୍ସନା କଲେ। କୋଡ଼ିଏ ବର୍ଷର ବ୍ୟବଧାନ ପରେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଭାବେ ବିଲ୍ କ୍ଲିଣ୍ଟନ ଭାରତ ଗସ୍ତରେ ଆସି ପାଞ୍ଚ ଦିନ ଏବଂ ପାକିସ୍ତାନରେ ମାତ୍ର କିଛି ଘଣ୍ଟା ବିତାଇ ଏକ ଭିନ୍ନ ବାର୍ତ୍ତା ଦେଲେ। ୨୦୦୧ ପରେ ପୁଣି ପଟ୍ଟ ପରିବର୍ତ୍ତନ ହେଲା। ସେପ୍ଟେମ୍ବର ୧୧ ବିଶ୍ୱବାଣିଜ୍ୟ କେନ୍ଦ୍ର ଧ୍ୱଂସ ପରେ ଆଫ୍‌ଗାନିସ୍ତାନରେ ତାଲିବାନୀ ଶାସନର ବିଲୋପ ପାଇଁ ଆମେରିକା ପୁଣି ଥରେ ପାକିସ୍ତାନକୁ ସହଯୋଗର ହାତ ବଢ଼ାଇଲା। ଏପରିକି ପାକିସ୍ତାନରେ ଆଣବିକ ଅସ୍ତ୍ରଶସ୍ତ୍ରର ସୁରକ୍ଷା ଦାୟିତ୍ୱ ଆମେରିକା ବହନ କରିବାକୁ ପ୍ରସ୍ତାବ ଦେଲା। ସେବେଠାରୁ ପାକିସ୍ତାନରେ ଆମେରିକା ନିଜର ଗୁପ୍ତ ଆଣବିକ ବିକାଶ କେନ୍ଦ୍ର କାର୍ଯ୍ୟକ୍ଷମ କରିଛି। ଉପରଠଉରିଆ ଭାବେ ପାକିସ୍ତାନକୁ ଆତଙ୍କବାଦ-ରପ୍ତାନିକାରୀ ରାଷ୍ଟ୍ର ଭାବେ ନିନ୍ଦା କରୁଥିଲେ ହେଁ ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ଆମେରିକୀୟ ରାଜକୋଷରୁ ଆର୍ଥିକ ଅନୁଦାନ ଅଜାଡ଼ି ଦେବାକୁ ସୁପାରିସ ଏବେ ମଧ୍ୟ ଜାରି ରହିଛି।

ବିଗତ ଦଶନ୍ଧିର ଶେଷାର୍ଦ୍ଧରେ ଡୋନାଲ୍ଡ ଟ୍ରମ୍ପ ପ୍ରଥମ ପାଳିରେ ଚୀନ୍‌କୁ ରଣନୈତିକ ପ୍ରତିଦ୍ୱନ୍ଦ୍ୱୀ ଘୋଷଣା କରିବା ସହିତ ଆମେରିକା ନିକିତିରେ ଭାରତ ପୁଣି ଗୁରୁତ୍ୱ ପାଇଲା। କିନ୍ତୁ ଦ୍ୱିତୀୟ ପାଳିରେ ଟ୍ରମ୍ପଙ୍କ ଲୋଲୁପ ଦୃଷ୍ଟି ମଧ୍ୟପ୍ରାଚ୍ୟ ଓ ଆଫ୍‌ଗାନିସ୍ତାନ ଉପରେ ପଡ଼ିବାରୁ ପାକିସ୍ତାନ ପଲା ପୁଣି ଓଜନିଆ ହୋଇଗଲା। ସମ୍ପ୍ରତି ପାକିସ୍ତାନରେ ତୈଳ କୂପ ବିକାଶ ଯୋଜନା ପଛରେ ଆମେରିକାର ମୂଳ ଉଦ୍ଦେଶ୍ୟ ହେଉଛି ପାକିସ୍ତାନ-ଆଫ୍‌ଗାନିସ୍ତାନ-ଇରାନ୍ ସୀମା ନିର୍ଦ୍ଧାରଣ କରୁଥିବା ବେଲୁଚିସ୍ତାନରେ ତୈଳ ପ୍ରକଳ୍ପ ପ୍ରତିଷ୍ଠା କରିବା। ଏହାପରେ ତା’ର ସୁରକ୍ଷା ଆଳରେ ପାକିସ୍ତାନରେ ସୈନ୍ୟବାହିନୀ ମୁତୟନ ଏବଂ ସାମରିକ ଘାଟି ସ୍ଥାପନା କରି ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଏବଂ ଆଫ୍‌ଗାନିସ୍ତାନର ତାଲିବାନୀ କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିବା ଏବଂ ଏପଟେ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବା। ଏହିକ୍ରମରେ ବାଂଲାଦେଶର ଭାରତ ସପକ୍ଷବାଦୀ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଗାଦିଚ୍ୟୁତ କରି ସେଠାରେ ଅରାଜକତା ଓ ରାଜନୈତିକ ଅସ୍ଥିରତା ଦ୍ୱାରା ଶାନ୍ତି ବ୍ୟାହତ କରି ଆମେରିକା ପାକିସ୍ତାନକୁ ବନ୍ଧୁତା ଓ ସହଯୋଗର ପରୋକ୍ଷ ବାର୍ତ୍ତା ଦେଇଥିଲା। ଇତିମଧ୍ୟରେ କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ଜରିଆରେ ପାକିସ୍ତାନକୁ ବଶମ୍ବଦ କରି ରଖିବା ପାଇଁ ଯୋଜନା କରିଥିବା ଡୋନାଲ୍ଡ ଟ୍ରମ୍ପଙ୍କୁ ‘ଅପରେସନ୍ ସିନ୍ଦୂର’ ଭାବେ ଏକ ସୁଯୋଗ ମିଳିଗଲା। ରୁଷରୁ ଭାରତର ତୈଳ ଆମଦାନୀ ଏକ ବାହାନାମାତ୍ର। ଭାରତ-ପାକ୍ ଅସ୍ତ୍ରବିରତିର ସମ୍ପୂର୍ଣ୍ଣ ଶ୍ରେୟ ନେବାକୁ ଆତୁର ଟ୍ରମ୍ପଙ୍କୁ ଭାରତୀୟ ସଂସଦରେ ବିଧିବଦ୍ଧ ସ୍ୱୀକୃତି ନ ମିଳିବାରୁ ଭାରତ ପୁଣି ଥରେ ଆମେରିକାର ନିକିତି ତଉଲରେ ହାଲ୍‌କା ହୋଇ ଉପରକୁ ଉଠିଯାଇଛି।

ସର୍ବଶକ୍ତିମାନ ସାମରିକ ଓ ଅର୍ଥନୈତିକ ରାଷ୍ଟ୍ର ଆମେରିକାର ନିକିତି ମାପଦଣ୍ଡ ଅନେକମାତ୍ରାରେ ନିର୍ଭର କରୁଛି ‘ନାଟୋ’ର ସମାନ୍ତରାଳ ‘ବ୍ରିକ୍ସ’ର ଭବିଷ୍ୟତ ଉପରେ। ତେଣୁ ହୁଏତ ଆଜି ନିକିତି ତଉଲରେ ବିଶ୍ୱ ସନ୍ତୁଳନକୁ ବିଗାଡୁଥିବା ଆମେରିକାର ଦଶା ‘ବଡ଼େଇ-ମର୍କଟ’ କଥାର ସେହି ମର୍କଟ ତୁଲ୍ୟ ହୋଇଯିବ, ଯାହାର ଲାଞ୍ଜ ନିଜ କୃତକର୍ମରୁ କାଠଫାଙ୍କରେ ଚାପି ହୋଇଯିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ନିୟମରାଜାଙ୍କ ଉପାସକ

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଓଡ଼ିଶାର ଆଦିମ ଜନଜାତି, ବିଶେଷକରି କଳାହାଣ୍ଡିର ଜନଜାତିଙ୍କ ସଂସ୍କୃତି ସ୍ୱତନ୍ତ୍ର ଓ ଅନନ୍ୟ। ଶାରୀରିକ ସୁସ୍ଥତା ହେଉ ବା ସୁନେଲୀ ଫସଲ ପାଇଁ ନିୟମଗିରିର କନ୍ଧ ସମ୍ପ୍ରଦାୟ ‘ନିୟମ ରାଜା’ଙ୍କୁ ଆଦିମକାଳରୁ ପୂଜା ଆରି ଆସୁଛନ୍ତି। ତେଣୁ ପ୍ରତିବର୍ଷ ନିୟମଗିରିର ପୂର୍ବଭାଗ ପର୍ବତମାଳାରେ ପୂଜାର୍ଚ୍ଚନା କରିଥା’ନ୍ତି। ଏହା ହେଉଛି ସେମାନଙ୍କ ବିଶ୍ୱାସ, ଭରସା ଓ ସୁରକ୍ଷାର ଦେବସ୍ଥଳୀ। ‘ନିୟମଗିରି’ର ଗଛଲତାଠାରୁ ସ୍ରୋତସ୍ୱିନୀ ନଈ ମୁଣ୍ଡିଆ ଓ ଡଙ୍ଗର ପର୍ଯ୍ୟନ୍ତ ସବୁ ସେମାନଙ୍କ ପୂଜ୍ୟ। ପାରମ୍ପରିକ ବାଦ୍ୟନାଦ ଭିତରେ ଡଙ୍ଗରିଆ ଜନଜାତିର ଯୁବ ବର୍ଗ ପୂଜାର୍ଚ୍ଚନା ସହ ନାଚଗୀତରେ ମସଗୁଲ ହୋଇଥା’ନ୍ତି। ଢାପ ବାଜାର ଧ୍ୱନିରେ ପାଦକୁ ପାଦ ମିଶାଇ, ହାତରେ ହାତ ଛନ୍ଦି ଆଦିବାସୀ ଧାଙ୍ଗଡ଼ା ଧାଙ୍ଗିଡ଼ି ତଥାକଥିତ ସାଂପ୍ରତିକ ସମାଜର ବାହ୍ୟସ୍ଥିତି ଓ ଅସ୍ତିତ୍ୱକୁ ଭୁଲି ଏକାକାର ହୋଇଥା’ନ୍ତି।

କଳାହାଣ୍ଡି ନିୟମଗିରି ଉପରେ ବସବାସ କରିଥା’ନ୍ତି ଡଙ୍ଗରିଆ। ସେମାନେ ପୋଡୁ ଚାଷ ଓ ଉଦ୍ୟାନ କୃଷିରେ ବେଶ ଦକ୍ଷ। ହଳଦୀ, ସପୁରୀ ଓ କଦଳୀ ଚାଷ ନିମନ୍ତେ ଡଙ୍ଗରିଆ କନ୍ଧଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ଝରଣା କୂଳରେ ରହୁଥିବାରୁ ସେମାନେ ନିଜକୁ ‘ଝରଣିଆ’ ବୋଲି ମଧ୍ୟ କହିଥା’ନ୍ତି। ନିୟମଗିରି ପର୍ବତରେ କିମ୍ବଦନ୍ତୀ ‘ନିୟମ ରାଜା’ଙ୍କ ବଂଶଧର ଭାବେ ଡଙ୍ଗରିଆ କନ୍ଧମାନେ ନିଜକୁ ଅଭିହିତ କରିଥା’ନ୍ତି। ଦ୍ରାବିଡ଼ ଭାଷା ‘କୁଇ’ ହେଉଛି ଡଙ୍ଗରିଆ କନ୍ଧମାନଙ୍କର କଥିତ ଭାଷା। ଧରିତ୍ରୀ ଦେବୀ (ଧରଣୀ ପେନୁ) ସେମାନଙ୍କର ମହାନ ଦେବୀ, ଯିଏକି ଗାଁ ରାସ୍ତା ମଧ୍ୟଭାଗରେ ଅଧିଷ୍ଠିତ ହୋଇଥା’ନ୍ତି। ଡଙ୍ଗରିଆ ଜନଜାତିର ଉଭୟ ପୁରୁଷ ଓ ମହିଳା ଲମ୍ବା କେଶ ରଖିଥା’ନ୍ତି। କାନ ଓ ନାକକୁ ବିଭିନ୍ନ ଆଭୂଷଣରେ ସଜାଇଥା’ନ୍ତି। କୁଦୃଷ୍ଟିରୁ ରକ୍ଷା ପାଇବା ପାଇଁ ମହିଳାମାନେ ମୁହଁରେ ଚିତା କୁଟାଇଥା’ନ୍ତି। ସେମାନେ ଏକପ୍ରକାର ରଙ୍ଗୀନ ଶାଲ୍ ସିଲେଇ କରିଥା’ନ୍ତି, ଯାହାକୁ ‘କପଡ଼ା ଗଣ୍ଡା’ କୁହାଯାଏ। ‘କନିଆ ଝିକା’ ହେଉଛି ଡଙ୍ଗରିଆ କନ୍ଧଙ୍କର ଏକ ପରମ୍ପରା। ପରମ୍ପରା ଅନୁଯାୟୀ ବିବାହ ବୟସ ହୋଇଗଲେ ଡଙ୍ଗରିଆ ପୁଅ ନିଜ ପସନ୍ଦର କନ୍ୟାକୁ ଜୋର କରି ନିଜ ଘରକୁ ନେଇଯାଏ। ଏହାପରେ କନ୍ୟାଘରର ଲୋକ ଆସି ଝିଅକୁ ନେଇଯା’ନ୍ତି। ବରଯାତ୍ରୀଙ୍କୁ ନେଇ ବର ପହଞ୍ଚିବା ପରେ ‘ଧାଙ୍ଗଡ଼ି ବସା’ରେ କନ୍ୟାକୁ ଭେଟି ବିବାହ ପ୍ରସ୍ତାବ ଦିଏ। ଉଭୟ ବର ଓ କନ୍ୟା ରାଜି ହୋଇଯିବା ପରେ ଯଥାରୀତି ବିବାହ ସଂପନ୍ନ କରିବାର ପରମ୍ପରା ଦୀର୍ଘ ବର୍ଷ ହେଲା ଚାଲି ଆସିଛି।

ନିୟମଗିରିର ତଳି ଅଞ୍ଚଳରେ ମୁଖ୍ୟତଃ କୁଟିଆ କନ୍ଧମାନେ ବାସ କରନ୍ତି। ବନଜାତ ଦ୍ରବ୍ୟରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ଏମାନଙ୍କର ମୁଖ୍ୟ ପେସା। ଏହି ଜନଜାତି ମୁଖ୍ୟତଃ ପରିବେଶ ଓ ଅତି ପ୍ରାକୃତିକ ଶକ୍ତି ସହିତ ସଂପୃକ୍ତ। କୁଟିଆ କନ୍ଧ ଏକ ଛୋଟ ପରିବାରରେ ସୀମିତ ରହିବାକୁ ପସନ୍ଦ କରନ୍ତି। ପରିବାରକୁ କେନ୍ଦ୍ର କରି ସେମାନଙ୍କ ସାମାଜିକ, ଅର୍ଥନୈତିକ ତଥା ଧାର୍ମିକ ଜୀବନ ଅତିବାହିତ ହୋଇଥାଏ। ସେମାନେ ପ୍ରତୀକାତ୍ମକ ବା ସାଂକେତିକ ଧାର୍ମିକ ଚିହ୍ନରେ ସିନ୍ଦୂର ବ୍ୟବହାର କରିଥା’ନ୍ତି। ‘ଧରଣୀ ପେନୁ’ ମଧ୍ୟ ଏହି ଜନଜାତିର ମୁଖ୍ୟ ଦେବୀ। କୋଟିଆ କନ୍ଧଙ୍କ ପୋଷାକ ସ୍ୱତନ୍ତ୍ର। ବାହୁ ଓ ମୁହଁରେ ଚିତା କୁଟାଇ ଥା’ନ୍ତି। ପ୍ରକୃତିର ସଂଗୀତକୁ ବହୁତ ଭଲ ପାଆନ୍ତି। କୁଟିଆ କନ୍ଧମାନଙ୍କର ଅବିବାହିତା ଝିଅଙ୍କ ନାମ ମଧ୍ୟ ସ୍ୱତନ୍ତ୍ର। ତାଙ୍କୁ ଅତି ଶ୍ରଦ୍ଧାରେ ସମ୍ବୋଧନ କରନ୍ତି ‘ବୁଢ଼ି’। ସେମାନେ ବାପା-ମାଆଙ୍କୁ ଜୀବନ ଜୀବିକାରେ ସାହାଯ୍ୟ କରିବା ନିମିତ୍ତ ପତ୍ର ତୋଳା, ମହୁ ସଂଗ୍ରହ ହେଉ, ଜାଳେଣି କାଠ ସଂଗ୍ରହ କରିଥା’ନ୍ତି।

କରୁଣ ଜୀବନର ସରଳ ଆଦିବାସୀ ଜୀବନର ଧାରା ଦେଖିବାକୁ ମିଳେ ସେମାନଙ୍କ ଘରର ମାଟି-ଗୋବର ଲିପା କାନ୍ଥରେ। କି ଅପୂର୍ବ ଭାବତନ୍ମୟ କଳାଚାତୁର୍ଯ୍ୟ, ଯାହାକି ସାଧାରଣ ଲୋକର କଳ୍ପନାର ବାହାରେ। ସେମାନଙ୍କର ବାସନକୁସନରେ ‘ଲାଉତୁମ୍ବା’ ଦେଖିବାକୁ ମିଳିଥାଏ। ଓଡ଼ିଶାର ପର୍ଯ୍ୟଟନ ରାଜସ୍ୱରେ କୁଟିଆ କନ୍ଧଙ୍କ ଜନଜୀବନ ବଡ଼ ସହଯୋଗ ରଖିଥାଏ। ଆଧୁନିକତାର ଚାକଚକ୍ୟରୁ ବହୁଦୂରରେ ଏହି କୁଟିଆ କନ୍ଧ ଆଦିବାସୀଙ୍କ ଜୀବନ ଚିତ୍ର ଅତ୍ୟନ୍ତ ଭାବପୂର୍ଣ୍ଣ। ସକାଳୁ ସୂର୍ଯ୍ୟଦେବ ଉଠିବା ପୂର୍ବରୁ ହିଁ ବାସି ତୋରାଣି ପିଇ ଅଗନାଅଗନି ଜଙ୍ଗଲକୁ ଚାଲିଯାଆନ୍ତି, ଫେରନ୍ତି ସନ୍ଧ୍ୟା ପୂର୍ବରୁ। ଦିନଯାକର ଶାରୀରିକ ଶ୍ରମ ଭିତରେ ସଂଗ୍ରହ ହୋଇଥାଏ ମହୁ, ଶିଆଳି ପତ୍ର, ଝୁଣା, ମହୁଲଫୁଲ ଓ କାଠ ଆଦି। ସଂଧ୍ୟାରେ ସପରିବାର ଭାତ ହେଉ କି ମାଣ୍ଡିଆ ଜାଉ ଗଣ୍ଡାଏ ପାଟିରେ ଦେଇ ସଞ୍ଜ ଗଡ଼ିବା ପରେ ସଲପ ଗଛର ରସ କିମ୍ବା ଖଜୁରୀ ଟିକିଏ ସେମାନଙ୍କୁ ଦିନ ତମାମର ଥକାପଣକୁ ଠେଲି ଦେଇ ନାଚଗୀତର ମଉଜ ମଜଲିସ ଭିତରେ ବୁଡ଼ାଇ ଦିଏ। ମାଦଳ ଓ ଢାପ ବାଦ୍ୟର ତାଳେ ତାଳେ କୁଇ ଭାଷାରେ ଭାବପୂର୍ଣ୍ଣ ହୃଦୟ ଛୁଆଁ ଗୀତରେ ପ୍ରକମ୍ପିତ ହୋଇଥାଏ ସେମାନଙ୍କ ଜଙ୍ଗଲ ଭିତରର ନିଜ ଘର ପରିବେଶ।

ତେବେ ବର୍ତ୍ତମାନ ପିଢ଼ିର ଏହି ଜନଜାତି ପୂର୍ବପରି ଆଉ ଚିତାକୁଟା, ନାକକାନ ଫୋଡ଼ା ଓ ପିତ୍ତଳ ଅଳଙ୍କାର ଲଗାଇବାକୁ ପସନ୍ଦ କରୁନାହାନ୍ତି। ସେମାନଙ୍କ ଅଞ୍ଚଳରେ ଏବେ ବିକାଶ ପଶିଥିବାରୁ ସେମାନେ ବିସ୍ଥାପନ ହେବାକୁ ଯାଉଛନ୍ତି, ଯାହାଦ୍ୱାରା ସେମାନଙ୍କ ଚାଲିଚଳଣି, ସଂସ୍କୃତି ଓ ପରମ୍ପରା ବିପନ୍ନ ହେବାକୁ ବସିଛି।

ବାଲିଗୁଡ଼ା(କନ୍ଧମାଳ), ମୋ: ୯୪୩୭୨୪୨୩୧୭

# ବସୁଦେବଙ୍କ ପୁତ୍ରଲାଭ ବରପ୍ରାପ୍ତି

ସ୍ୱପ୍ନେଶ୍ୱର

**ଲୋକକଥାରେ ଲୋକଦେବତା**

ଦ୍ୱାପର ଯୁଗର ଧର୍ମ ପରାୟଣ ରାଜକୁମାର ବସୁଦେବ(ଶ୍ରୀକୃଷ୍ଣଙ୍କ ଜନ୍ମଦାତା ପିତା) ଭାରତର ବିଭିନ୍ନ ତୀର୍ଥଦର୍ଶନ ପରେ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ। କ୍ଷେତ୍ରରେ ପ୍ରବେଶ କରିବା ପରେ ତୀର୍ଥରାଜ ମହୋଦଧିରେ ସ୍ନାନ କଲେ ଏବଂ ମନ୍ଦିରରେ ମହାପ୍ରଭୁଙ୍କ ଅପୂର୍ବ ଶୋଭା ଦର୍ଶନ କରି ଅଭିଭୂତ ହେଲେ। ତା’ ପରେ ବିଧି ଅନୁସାରେ ପଞ୍ଚତୀର୍ଥରେ ସ୍ନାନ କରି କ୍ଷେତ୍ରରେ ବିରାଜମାନ କରୁଥିବା ସମସ୍ତ ଦେବାଦେବୀଙ୍କୁ ଦର୍ଶନ କଲେ। ବ୍ରାହ୍ମଣମାନେ ତାଙ୍କର ଦାନ ଓ ଭଦ୍ରୋଚିତ ବ୍ୟବହାରରେ ଏତେ ଖୁସି ହେଲେ ଯେ ତାଙ୍କୁ ନେଇ ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ ଓ ମନ୍ଦିର ପରିସରରେ ବିଜେ କରିଥିବା ସମସ୍ତ ଦେବଦେବୀଙ୍କୁ ଦର୍ଶନ କରାଇ ସେମାନଙ୍କର ମହିମା ଗାନ କଲେ।

‘ପ୍ରେମ ପଞ୍ଚାମୃତ’ରେ କବି ଭୂପତି ପଣ୍ଡିତ ବର୍ଣ୍ଣନା କରିଛନ୍ତି - ‘କପୋତେଶ୍ୱର ଶିବ ଥଳ, ନିକଟେ ପୁଣି ନୀଳାଞ୍ଚଳ / ଉଡ଼ଇ ନୀଳଚକ୍ରେ ନେତ, ଦେଉଳ ଦେଖିଲେ ସାକ୍ଷାତ / ଆନନ୍ଦେ ଉନମତ ହୋଇ, ପଦପଦକେ ପ୍ରଣମଇ / ସୁଖ ସମୁଦ୍ର ମଧ୍ୟେ ଭାସି, ତୁଳସୀ ଚଉରା ପ୍ରବେଶି / ପ୍ରଣାମ ପ୍ରଦକ୍ଷିଣ ସାରି, ଚଳିଲେ ବେଗ ବେଗ କରି / ଅଠର ନଳା ପାଶେ ଯାଇ, କ୍ଷେତ୍ରକୁ ପ୍ରଣମିତ ହୋଇ / ସେଠାରୁ କଲେ ଶୀଘ୍ରଗତି, ଦେଖିଲେ ଚାର ଗଣପତି।’

ବସୁଦେବ ମହାପ୍ରଭୁଙ୍କ ମହିମାରେ ପ୍ରଭାବିତ ହୋଇ କ୍ଷେତ୍ରରେ ଅବସ୍ଥାନ କରି ବାରମାସର ତେରଯାତ୍ରା ଦେଖିବା ପାଇଁ ସ୍ଥିର କଲେ। ଏହାପରେ ସମୁଦ୍ର କୂଳରେ ଏକ କୁଟୀର ନିର୍ମାଣ କରି ସମ୍ମୁଖରେ ଏକ ତୁଳସୀ ଚଉରା ସ୍ଥାପନା କଲେ। ରାଜବଂଶରେ ଜନ୍ମ ଲାଭ କରି ବିଳାସ ବ୍ୟସନରେ ଜୀବନ ଅତିବାହିତ କରିଥିଲେ ମଧ୍ୟ କ୍ଷେତ୍ରବାସ ସମୟରେ ଜଣେ ସନ୍ନ୍ୟାସୀର ଜୀବନ ଜିଇବାକୁ ଲାଗିଲେ ବସୁଦେବ। ପ୍ରତ୍ୟହ ପ୍ରଭାତରେ ମହୋଦଧିରେ ସ୍ନାନ କରି ସେ ତୁଳସୀ ସେବା କରି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ ଏବଂ ମହାପ୍ରସାଦ ସେବା କରି କୁଟୀରକୁ ଫେରୁଥିଲେ। ପୁଣି ସନ୍ଧ୍ୟା ଆଳତିଠାରୁ ପହୁଡ଼ ପର୍ଯ୍ୟନ୍ତ ସମସ୍ତ ନୀତି ଦର୍ଶନ କରି ରାତିରେ କୁଟୀରକୁ ଫେରୁଥିଲେ। ଝଡ଼, ବର୍ଷା, ଶୀତ କିମ୍ବା ଶାରୀରିକ ଅସୁସ୍ଥତା ବସୁଦେବଙ୍କ ଦୈନିକ କାର୍ଯ୍ୟକ୍ରମରେ କୌଣସି ବ୍ୟାଘାତ ସୃଷ୍ଟି କରି ପାରୁ ନ ଥିଲେ।

ନୀଳାଚଳରେ ଏକବର୍ଷର ଅବସ୍ଥାନ ସମୟରେ ବସୁଦେବ ମହାପ୍ରଭୁଙ୍କ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରି କୃତ୍ୟକୃତ୍ୟ ହେଲେ।

‘ବଡ଼ଦାଣ୍ଡରେ ଉପଗତ, ହୋଇଛି ଶ୍ରୀଗୁଣ୍ଡିଚା ଯାତ, ଦେଖିଲେ ରଥ ତାଳଧ୍ୱଜ, ଯହିଁ ବିଜୟ ତୋ ଅଗ୍ରଜ / ତାହାଙ୍କୁ କଲେ ଦରଶନ, ପ୍ରଣାମ ଆଦି ପ୍ରଦକ୍ଷିଣ / ରଥ ଦଉଡ଼ି ଓଟାରିଲେ, ଶ୍ରୀବଳଭଦ୍ର ବିଜେ କଲେ / ପୁଣି ଦେଖିଲେ ନନ୍ଦିଘୋଷ, ଯେ ରଥେ ତୋ ରୂପ ପ୍ରକାଶ / ଅମଳ କମଳ ଲୋଚନ, ଦୂରହୁଁ କଲେ ଦରଶନ / କାନ୍ତି କାଳନ୍ଦୀ ନଦୀ କି ସେ, ମୁଖ ପୋଏଳା ନାବ ଭାସେ / କି ନବ ନୀଳ ଘନ ମଧ୍ୟେ, ଅରୁଣ ବର୍ଣ୍ଣ ଚନ୍ଦ୍ର ଉଦେ / ଶ୍ରୀହସ୍ତେ ଶଙ୍ଖଚକ୍ର ଧରି, ଚୌବର୍ଗ ଦାନୀ ଅଧିକାରୀ / ଏମନ୍ତେ ରୂପ ତୋର ଦେଖି, ସନ୍ତୋଷ କଲେ ଆଲ ଆଖି / ପୁଣି ଦେବୀଙ୍କ ରଥେ ଯାଇ, ଆନନ୍ଦ କହୁ ନ ସରଇ / ସୁଭଦ୍ରା ଶ୍ରୀସୁଦରସନ, ଦୁହିଁଙ୍କ କଲେ ଦରଶନ।’(ପ୍ରେମ ପଞ୍ଚାମୃତ)

ଲକ୍ଷେ ରାଜାଙ୍କର ମଉଡ଼ମଣି ଗଜପତି ରାଜକୀୟ ପ୍ରତିଷ୍ଠା, ଗରିମା ଓ ସମ୍ମାନକୁ ପଛରେ ପକେଇ ଛେରାପହଁରା କରୁଥିବା ଦେଖି ବସୁଦେବ ଚମକୃତ ହେଲେ। ମହାପ୍ରଭୁ ଅନ୍ତର୍ଯ୍ୟାମୀ ସବୁ ଜାଣୁ ଥିଲେ। ସେ ବସୁଦେବଙ୍କ ମନରେ ତାଙ୍କ ପ୍ରତି ଥିବା ଅଚଳା ଭକ୍ତିର ପରାକାଷ୍ଠାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଅଯାଚିତ ଭାବେ ଏକ ବର ଦେବା ପାଇଁ ସ୍ଥିର କଲେ। ମହାପ୍ରଭୁ ତାଙ୍କୁ ସ୍ୱପ୍ନରେ କହିଲେ- ‘ଭକ୍ତ ବସୁଦେବ! ମୋପ୍ରତି ତୁମର ଭକ୍ତିରେ ସନ୍ତୁଷ୍ଟ ହୋଇ ମୁଁ ତୁମକୁ ଏକ ବର ଦେବା ପାଇଁ ମନସ୍ଥ କରିଛି। ତୁମେ ତୁମ ଇଚ୍ଛାରେ ଏକ ବର ମାଗି ନେଇ ପାର।’ ମହାପ୍ରଭୁଙ୍କୁ ଦଣ୍ଡପ୍ରଣାମ କରି ବସୁଦେବ କହିଲେ- ‘ମହାପ୍ରଭୁ ବଳିଆରଭୁଜ! ମୁଁ ମାଗିବା ଆଗରୁ ଆପଣ ମୋତେ ସର୍ବସ୍ୱ ଦାନ କରିଛନ୍ତି। ମୋର ଏତିକି ମାଗୁଣି ଯେ ଆପଣ ଦୁଇ ଭାଇ ମୋତେ ପୁତ୍ରରୂପେ ପ୍ରାପ୍ତ ହୁଅନ୍ତୁ।’ ମହାପ୍ରଭୁ କହିଲେ - ‘ତଥାସ୍ତୁ। ଦ୍ୱାପର ଯୁଗର ଅନ୍ତିମ ସମୟରେ ଆମେ ଦୁଇ ଭାଇ ତୁମର ପୁତ୍ରରୂପେ ଜନ୍ମ ଗ୍ରହଣ କରିବୁ।’ ଆମ୍ଭର ଆମ୍ଭେ ପଟ୍ଟାନ୍ତର, ଆମ୍ଭେ ହୋଇବୁ ତୋ କୁମର / ଦ୍ୱାପର ଯୁଗ ହେବ ଶେଷ, ଆମ୍ଭେ ହୋଇବୁ ତୋର ଶିଷ।’ ବସୁଦେବ ମହାପ୍ରଭୁଙ୍କଠାରୁ ବାଞ୍ଛିତ ବର ପାଇ କୃତ୍ୟ କୃତ୍ୟ ହେଲେ।

ମୋ: ୯୯୦୦୦୮୩୪୩୩

ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ

## ପବିତ୍ର ମୋହନ ମେଡିକାଲ କଲେଜ, ଫୁଲବାଣୀ ସରକାରୀ ମେଡିକାଲ କଲେଜ ପାଇଁ ରଖିଲେ ଦାବି

## ୨୦୨୫-୨୬ ଶିକ୍ଷାବର୍ଷରେ ଉଭୟ କଲେଜରେ ୨୦୦ ଏମବିବିଏସ ସିଟରେ ନାମଲେଖା ପାଇଁ ଦାବି

**ଭୁବନେଶ୍ୱର, ୫।୮ (ସମିସ):** ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୧୦୦ଟି ଲେଖାଏଁ ସମୁଦାୟ ୨୦୦ ଏମବିବିଏସ ସିଟରେ ନାମ ଲେଖା ପାଇଁ ଅନୁରୋଧ କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଭେଟି ଅନୁମତି ପତ୍ର ପ୍ରଦାନ କରିବାକୁ ଅନୁରୋଧ କରିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ଉପରୋକ୍ତ ଦୁଇଟି ମହାବିଦ୍ୟାଳୟ ଓଡ଼ିଶାରେ ଚିକିତ୍ସା କ୍ଷେତ୍ରରେ ନୂଆଭାବେ ପ୍ରତିଷ୍ଠିତ ହୋଇଛି। ଏହି ଦୁଇ ଅନୁଷ୍ଠାନର ଡିନ ଓ ପ୍ରିନ୍ସିପାଲ ମାନେ ଅନୁମତି ପତ୍ର ପାଇବା ପାଇଁ ଆବେଦନ ଗତ ଜାନୁଆରୀ ୧୮ ତାରିଖରେ ନ୍ୟାସନାଲ ମେଡିକାଲ କମିଶନ(ଏନଏମସି)ର ପୋର୍ଟାଲ ମାଧ୍ୟମରେ ଦାଖଲ କରିଥିଲେ। ଏନ୍‌ଏମ୍‌ସିର ଟିମ ଗତ ମେ' ୨୮ ତାରିଖରେ ଫୁଲବାଣୀ ମେଡିକାଲ କଲେଜ ଓ ଜୁନ ୨୩ ତାରିଖରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜକୁ କ୍ଷେତ୍ରୀୟ ନିରୀକ୍ଷଣରେ ଆସିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମତି ପତ୍ର ମିଳିବା ପରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ଆଉ ଦୁଇ ଗୋଟି କଲେଜ ଯୋଡି ହେବ । ୧୪ ଟି ସରକାରୀ କଲେଜରୁ ବଢି ଏହା ୧୬ରେ ପହଞ୍ଚିବା ସହ ସମୁଦାୟ ଏମବିବିଏସ ସିଟ ସଂଖ୍ୟା ୧୮୦୦ରେ ପହଞ୍ଚିବ। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁର ସାଇବର୍ ପୁଲିସକୁ ସଫଳତା

# ୪ ସାଇବର୍ ଠକ ଗିରଫ

- ଲୋକଙ୍କୁ ଲୋଭ ଦେଖାଇ ଆକାଉଣ୍ଟ ଖୋଲୁଥିଲେ
- ସାଉଦି ଆରବରେ ବସିଛି ମୁଖ୍ୟ ଅଭିଯୁକ୍ତ
- ୯ ମୋବାଇଲ, ୨୧ ଏଟିଏମ୍, କାର୍ ଓ ବିଭିନ୍ନ ସିମ୍‌କାର୍ଡ ଜବତ

**ସମ୍ବଲପୁର, ୫।୮ (ସମିସ):** ଲୋକଙ୍କୁ ଲୋଭ ଦେଖାଇ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲୁଥିଲେ। ଦିନକ ପାଇଁ ଆକାଉଣ୍ଟ ବ୍ୟବହାର କରିବାର ସୁଯୋଗ ଦେଲେ ମୋଟା ଅଙ୍କର କମିଶନ ଦେଉଥିଲେ। ବିଭିନ୍ନ ଗେମିଂ ପ୍ଲାଟଫର୍ମଠାରୁ ଆରମ୍ଭ କରି ସାଇବର ଠକେଇରେ ଏମାନଙ୍କ ବ୍ୟାଙ୍କ ଖାତାରେ ନିବେଶକାରୀଙ୍କଠାରୁ ଟଙ୍କା ଆଣୁଥିଲେ। ଶେଷରେ ସମ୍ବଲପୁର ସାଇବର ପୁଲିସ ଏମାନଙ୍କୁ ଗିରଫ କରିଛି। ବହୁ ଦିନ ବ୍ୟବଧାନ ପରେ ସମ୍ବଲପୁର ସାଇବର ପୁଲିସକୁ ବଡ଼ ସଫଳତା ମିଳିଛି। ଏକ ବଡ଼ ଧରଣର ସାଇବର ଠକେଇର ଖୁଲାସା କରିଛି। ଏହି ଠକେଇ ଘଟଣାରେ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଧନୁପାଲି ଥାନା କୁମ୍ଭାରପଡ଼ାର ପ୍ରସାନ୍ତ ମେହେର(୩୭), ଟାଉନ ଥାନା ଗୋଲବଜାରର କୃଷ୍ଣ ସାହୁ(୩୮, ଦେବଗଡ଼ କୁଣ୍ଢେଇଗୋଳାର ସୁବ୍ରତ ପ୍ରଧାନ(୩୨) ଓ ଖୋର୍ଦ୍ଧା ଚନ୍ଦ୍ରଶେଖର ଥାନା ଫେଜ ୧ ଏଚବି କଲୋନୀର ବିଶ୍ୱଜିତ ନାୟକ (୩୬)। ସେମାନଙ୍କୁ ନିକଟରୁ ଅଢ଼େଇଲକ୍ଷ ନଗଦ ଟଙ୍କା, ୨୧ଟି ବିଭିନ୍ନ ବ୍ୟାଙ୍କର ଏଟିଏମ କାର୍ଡ, ୯ ଟି ମୋବାଇଲ, ୪ ଟି ଚେକ ବହି,୩ ଟି ପାସବୁକ, ବିଭିନ୍ନ ସିମ କାର୍ଡ ସମେତ ଏକ କାର(ଓଆର୧୫ଆର୮୫୭୩) ଜବତ ହୋଇଛି। ଏଥିମଧ୍ୟରୁ ୫ଟି ମୋବାଇଲରେ ସାଇବର ଜନିତ ଠକେଇ କାର୍ଯ୍ୟ ହୋଇଥାଏ। ଏହାସହ ୭ ଲକ୍ଷ ୫୨ ହଜାର ୧୨୧ ଟଙ୍କା ହୋଲ୍ଡ କରିଥିବା



ବେଳେ ୧୨ ଲକ୍ଷ ୫୫ ହଜାର ୫୪୫ ଟଙ୍କା ଫ୍ରିଜ୍ କରାଯାଇଥିବା ସମ୍ବଲପୁର ଏସପି ମୁକେଶ ଭାମୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏହି ସାଇବର ଠକେଇର ମାଷ୍ଟର ମାଇଣ୍ଡ ସାଉଦି ଆରବର ବୋଲି ଜଣାପଡ଼ିଛି। ତାହା ତଦନ୍ତ ବେଳେ ସତ୍ୟତା ଆସିବ ବୋଲି ଏସପି କହିଛନ୍ତି। ଗତ ଗୁରୁବାର ଅଇଁଠାପାଲି ଥାନା ଅଞ୍ଚଳର ରମେଶ ଚନ୍ଦ୍ର ବିଶ୍ୱାଳ ନାମକ ଜଣେ ବ୍ୟକ୍ତି ୮୮ ଲକ୍ଷ ଟଙ୍କା ଇନଭେଷ୍ଟ କରି ଠକାମିର ଶିକାର ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ପୁଲିସ ଟିମ୍ ଗଠନ କରି ଏମାନଙ୍କୁ ଗିରଫ କରିଛି।

ସୂଚନାନୁସାରେ, ଏହି ଠକମାନେ ଚତୁରତାର ସହ ଜିଏସ୍‌ଟି ଥିବା ବିଭିନ୍ନ ଆକାଉଣ୍ଟଧାରୀମାନଙ୍କୁ ଖୋଜିଥା'ନ୍ତି। ଦିନକ ପାଇଁ ବ୍ୟବହାର କରିବାରୁ ସୁଯୋଗ ଦେଲେ ମୋଟା ଅଙ୍କର କମିଶନ ଦେଇଥା'ନ୍ତି। ଆକାଉଣ୍ଟଧାରୀଙ୍କ ଏକାଉଣ୍ଟ ମାଧ୍ୟମରେ ସାଇବର ଠକମାନେ ଟଙ୍କା ନେଇ ଯାଇଥାନ୍ତି। ମୁଖ୍ୟତଃ ଭାବେ ଏବି ୪ ଜଣ ଅଭିଯୁକ୍ତ ଦଲାଲ ଭାବେ କାମ କରନ୍ତି। ନୂତନ ଜିଏସ୍‌ଟି ଆକାଉଣ୍ଟଧାରୀଙ୍କୁ ଖୋଜି ଏକାଉଣ୍ଟ ବ୍ୟବହାର କରିଥାନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାସିଗଲା ଅନେକ...

ଶେଷ ହେବାପରେ କ୍ଷୟକ୍ଷତିର ପ୍ରକୃତ ପରିମାଣ ଜଣାପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣା ନେଇ ଶୋକ ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଦେବାରେ ସବୁ ପ୍ରକାର ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ଉତ୍ତରାଖଣ୍ଡ ବାଦଲଫଟା ବର୍ଷା ଯୋଗୁଁ ଧରାଲି ଗ୍ରାମ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ ୧୨ଜଣଙ୍କର ଜୀବନ ହାନି ହେବାସହ ବ୍ୟାପକ କ୍ଷୟକ୍ଷତି ଘଟିଛି। ଅନେକ ଲୋକ ନିଖୋଜ ରହିଥିବାର ସୂଚନା ମିଳିଛି। ଏଭଳି ଘଟଣାକୁ ଦୁଃଖଦ ବୋଲି କହିବା ସହ ମୃତାହତଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ସହ ଏଭଳି ସମୟରେ ମହାପ୍ରଭୁ ଜଗନ୍ନାଥ ତାଙ୍କ ପରିବାରକୁ ସହାୟ ହୁଅନ୍ତୁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ କହିଛନ୍ତି।

## ୨୪ ଘଣ୍ଟାରେ...

ଜବାବ ଦେଇଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଯେଉଁ ଦେଶମାନେ ଭାରତକୁ ସମାଲୋଚନା କରୁଛନ୍ତି ସେମାନେ ହିଁ ରୁଷ ସହିତ ବ୍ୟବସାୟ କରୁଛନ୍ତି। ତଥାପି, ଏହା ସେମାନଙ୍କ ପାଇଁ ଆବଶ୍ୟକ କିମ୍ବା ବାଧ୍ୟବାଧକତା ନୁହେଁ। ଭାରତ ମଧ୍ୟ ଆମେରିକା ଏବଂ ୟୁରୋପୀୟ ସଂଘକୁ ସମାଲୋଚନା କରି କହିଛି ଯେ କେବଳ ଏହି କାରଣରୁ ଭାରତକୁ ଟାର୍ଗେଟ କରିବା ଠିକ୍ ନୁହେଁ।

## ରାଜ୍ୟସଭାରେ 'ସିଆଇଏସ୍ଏଫ୍'...

ନା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ? ତାଙ୍କର ଏଭଳି ମନ୍ତବ୍ୟକୁ ଶାସକ ଦଳ ବିରୋଧ କରିଥିଲେ। ହଟ୍ଟଗୋଳ ଚାଲିଥିବା ବେଳେ ବିରୋଧୀ ଦଳର ସଭ୍ୟମାନେ ବିହାର ଭୋଟର ତାଲିକା ପସଙ୍ଗରେ ଆଲୋଚନା ପାଇଁ ପୁଣି ଦାବି କରିଥିଲେ। କିନ୍ତୁ ଏସଂକ୍ରାନ୍ତ ବିରୋଧୀଙ୍କ ସମସ୍ତ ପ୍ରସ୍ତାବକୁ ସେ ଖାରଜ କରିଦେଇଥିବା ଉପାଧ୍ୟକ୍ଷ କହିଥିଲେ। ସେ କହିଥିଲେ ଯେ ଏହା ନିର୍ବାଚନ କମିସନଙ୍କ ଅଧୀନରେ ଆସୁଥିବାରୁ ଏହା ଉପରେ ଗୃହରେ ଆଲୋଚନା କରାଯାଇ ପାରିବ ନାହିଁ। ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ପ୍ରଥମେ ୨ଟା ପର୍ଯ୍ୟନ୍ତ ଓ ପରେ ଆଜି ଦିନକ ପାଇଁ ମୁଲତବୀ କରିଦେଇଥିଲେ। ତେବେ ହଟ୍ଟଗୋଳ ମଧ୍ୟରେ ମଣିପୁରରେ ରାଷ୍ଟ୍ରପତି ଶାସନକୁ ଆହୁରି ୬ ମାସ ଲାଗି ବୃଦ୍ଧି କରିବା ସଂକ୍ରାନ୍ତ ବିଲକୁ ପାସ୍ କରାଯାଇଥିଲା। ଏହାପୂର୍ବରୁ ଏହି ବିଲକୁ ଲୋକସଭା ମଧ୍ୟ ପାସ୍ କରିଥିଲା।

ଲୋକସଭାରେ ମଧ୍ୟ ବିହାର ପ୍ରସଙ୍ଗରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୃହ ବୈଠକ ଆରମ୍ଭ ହେବାମାତ୍ରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ କହିଥିଲେ। କିନ୍ତୁ ବିରୋଧୀ ଦଳ ବିହାର ପ୍ରସଙ୍ଗରେ ଆଲୋଚନା ଦାବି କରିଥିଲେ। ବାଚସ୍ପତି ଅନୁମତି ନଦେବାରୁ ସେମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ବିର୍ଲା କହିଥିଲେ ଯେ ବିରୋଧୀ ଦଳଙ୍କର ଏଭଳି ଆଚରଣ ଯୋଗୁଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆଲୋଚନା ହୋଇପାରୁ ନାହିଁ। ଏଭଳି ଆଚରଣ କରି ସେମାନେ ସଂସଦୀୟ ମର୍ଯ୍ୟାଦାର କ୍ଷୁଣ୍ଣ କରୁଛନ୍ତି। ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୨ଟା ପରେ ଲୋକସଭା ଆରମ୍ଭ ହୋଇଥିଲା। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟ ସରକାର ଦୁଇଟି ବିଲ୍ ପାସ୍ କରାଇଥିଲେ। ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା।

## ଚାଷୀଙ୍କୁ ମିଳୁନି...

କଳାବଜାରୀ ହୋଇଥିବା ଅଭିଯୋଗ ହେଉଛି। ସରକାର ସାର କଳାବଜାରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା କଥା କହୁଥିଲେ ହେଁ ବାସ୍ତବରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ସରକାରୀ ଭାବେ ୫୦ କେଜିର ଡିଏପି ବସ୍ତାର ଦାମ୍ ୧୩ଶହ ଟଙ୍କା ହୋଇଥିବାବେଳେ ଖୋଲାବଜାରରେ ତାହା ୨ହଜାରରୁ ୨୨ଶହ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୧୩୯୦ ଟଙ୍କାର ଗ୍ରୋମୋର ବସ୍ତା ୧୮ ଶହରୁ ୨ହଜାର ଟଙ୍କାରେ ବିକ୍ରି ହେଉଛି। ସରକାରୀ ଷ୍ଟକ୍ ସବୁ ବ୍ୟବସାୟୀମାନେ କବ୍‌ଜା କରି ନେଇ ଚାଷୀଙ୍କୁ ଚଢ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି।

ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଥିବାରୁ ଫସଲ ସଅଳ ହୋଇଛି। ତେଣୁ ଜୁଲାଇ ତୃତୀୟ ସପ୍ତାହ ବେଳକୁ ସାରର ଆବଶ୍ୟକତା ବଢ଼ିଯାଇଛି। ମାସେ ଭିତରେ କ୍ଷେତରେ ସାର ପକାଇବା ପାଇଁ ଚାଷୀ ଯୋଜନା କରୁଛି। ଏହି ସମୟ ଭିତରେ ସାର ନ ପକାଇଲେ, ଆଗାମୀ ଦିନରେ ଛୋଟ ଧାନ ପିଲ ମାରିବ ଓ ବଡ଼ ଧାନ ଗଣ୍ଠି ଧରିବ। ପରେ ପକାଇବାରେ କୌଣସି କାମରେ ଆସିବ ନାହିଁ। ଏବେ ସରକାରୀ ଭାବେ ଯେତିକି ସାର ବିକ୍ରି ହେଉଛି, ତା' ସମୁଦ୍ରକୁ ଶଙ୍ଖେ ଭଳି। ବଡ଼ ଚାଷୀ ସେମାନେ ବାହାର ଦୋକାନରୁ ସାର କିଣିବାକୁ ସକ୍ଷମ ହେଉଛନ୍ତି। ହେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସାର କିଣାରୁ ବଞ୍ଚିତ ହେଉଛନ୍ତି। ଗୋଟିଏପଟେ ସରକାର ଧାନର ଏମ୍‌ଏସପି ବୃଦ୍ଧି କରି ଅଧିକ ଚାଷ କରିବାକୁ ପ୍ରୋତ୍ସାହନ ଦେଉଥିବା କଥା କହୁଛନ୍ତି। ମାତ୍ର ପଞ୍ଜିକରଣଠାରୁ ଆରମ୍ଭ କରି ସାର ବଣ୍ଟନ ଓ ଧାନ ବିକ୍ରି ନାନା ସମସ୍ୟାକୁ ସଂପୂର୍ଣ୍ଣ ଅଣଦେଖା କରାଯାଉଛି। ତୁରନ୍ତ ଏହାର ସମାଧାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ୩ ମନ୍ତ୍ରୀଙ୍କ ପ୍ରସଙ୍ଗରେ...

ଚୂଡ଼ାନ୍ତ ରୂପ ଦିଆଯାଇ ପାରୁନାହିଁ। ସେହିପରି ନିଗମ, ବୋର୍ଡ, ଅକାଦେମୀ ଏବଂ କେତେକ କମିଶନରେ ଏଯାବତ୍ ନିଯୁକ୍ତି ଦିଆଯାଇପାରି ନାହିଁ। ଯାହାକୁ ନେଇ ଆଶାୟୀ ଦଳୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେହିପରି ଏହା ଉଭୟ ସରକାର ଏବଂ ସଂଗଠନର ନିଷ୍ପତ୍ତି ନେବା କ୍ଷମତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇତିମଧ୍ୟରେ ଉଭୟେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଦିଲ୍ଲୀ ଗସ୍ତ କରି ମନ୍ତ୍ରୀମଣ୍ଡଳର ରୂପରେଖ ଦୃଢ଼ାନ୍ତ କରିବାକୁ ଉଦ୍ୟମ କରିଛନ୍ତି। ମାତ୍ର କୌଣସି ନା କୌଣସି କାରଣରୁ ଏହା ଶେଷ ମୁହୂର୍ତ୍ତରେ ବିଫଳ ହୋଇଛି। ବିଶେଷକରି ୨ରୁ ୩ ଜଣ ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବାଦ୍ ଦେବାକୁ ନେଇ ସରକାର କୌଣସି ଠୋସ୍ ନିଷ୍ପତ୍ତି ନେଇପାରୁ ନ ଥିବାରୁ ଏହା ପ୍ରକ୍ରିୟାକୁ ବିଳମ୍ବ କରୁଛି। ଏପଟେ ସରକାରରେ ଜଣେ ଜଣେ ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗ ନ୍ୟସ୍ତ ଥିବାରୁ ଏହା ସେମାନଙ୍କର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରୁଛି। ଅନେକ ସମୟରେ ମନ୍ତ୍ରୀମାନେ ଅନ୍ୟ ବିଭାଗରେ ମୁଣ୍ଡ ପୂରାଇ ମଧ୍ୟ ସାଧାରଣରେ ଅପଦସ୍ତ ହେଉଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ବେଶ୍ ଚିନ୍ତିତ ଥିବାବେଳେ ଚଳିତ ଦିଲ୍ଲୀ ଗସ୍ତରେ ଏନେଇ ଠୋସ୍ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଅପରପକ୍ଷେ ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ଅଗଷ୍ଟ ୧୫ ତାରିଖ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଘଟିପାରେ। ସେହିପରି ଖୁବଶୀଘ୍ର ବୋର୍ଡ, ନିଗମରେ ମଧ୍ୟ ସରକାର ନିଯୁକ୍ତି ଦେବେ। ଏଥିପାଇଁ ତାଲିକା ପ୍ରସ୍ତୁତ ସରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସରିବା ପରେ ଏହା ବିଜ୍ଞପ୍ତି ଆକାରରେ ପ୍ରକାଶ ପାଇବ ବୋଲି ସର୍ବାଧିକ ସମ୍ଭାବନା ରହିଛି।

## ଥାନାରେ ଯୁବକଙ୍କୁ...

ପଡ଼ୋଶୀ ମହିଳା ନମିତା ମଲ୍ଲିକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ସମୟରେ ମହେଶ୍ୱରଙ୍କ ପୁଅ ବାପାଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ବାଦଲ ଉପରେ ଗରମ ପେଜ ଢାଳି ଦେଇଥିଲା। ପରେ ଏନେଇ ଦୁଇ ପକ୍ଷରୁ ଥାନାରେ ପୃଥକ୍ ପୃଥକ୍ ଦୁଇଟି ଅଭିଯୋଗ ହୋଇଥିଲା। ସେହିଦିନ ପୁଲିସ ବାଦଲଙ୍କୁ ଥାନାରେ ଅଟକ ରଖିଥିଲା। ପରଦିନ ଅର୍ଥାତ୍ ୪ ତାରିଖରେ ପରିବାରଲୋକ ବାଦଲଙ୍କୁ ଦେଖା କରିବାକୁ ଥାନାକୁ ଯାଇଥିବା ବେଳେ ପୁଲିସ ଦେଖା କରାଇ ଦେଇନଥିଲା। ଯେତେ ଗୁହାରି କଲେ ବି ପୁଲିସ୍ କିଛି ନ ଶୁଣି ସେମାନଙ୍କୁ ଫେରାଇ ଦେଇଥିଲା। ତେବେ ଆଜି ପରିବାରଲୋକେ ଜାଣିବାକୁ ପାଇଥିଲେ ଯେ ବାଦଲଙ୍କୁ ଗୁରୁତର ଅବସ୍ଥାରେ ପୁଲିସ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଇଛି। 'ଆମ ପୁଅର କ'ଣ ହୋଇଛି, ଆମକୁ କାହିଁକି ଜଣାଉନାହଁ' ବୋଲି ପରିବାରଲୋକେ ପଚାରିବାରୁ ପୁଲିସ୍ ତାଙ୍କୁ ଥାନା ଗାଡ଼ିରେ କଟକ ବଡ଼ ମେଡିକାଲକୁ ନେଇଥିବା ଜଣାଯାଇଛି। ଥାନାରେ ନିର୍ଯାତନା ଯୋଗୁଁ ବାଦଲଙ୍କ ଅବସ୍ଥା ଗୁରୁତର ହୋଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ବାଦଲ ଥାନାରେ ଅଟକ ଥିବା ବେଳେ ବିଷ ପାନ କରିଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ବାଦଲ ଅସୁସ୍ଥ ହେବା ପଛରେ ପ୍ରକୃତରେ କ'ଣ କାରଣ ରହିଛି ସେ ସଂପର୍କରେ ପୁଲିସ କିଛି କହିବାକୁ ମନାକରି ଦେଇଛି।

## କୋଟିପତି ହେବେ...

ଓ ସେମାନଙ୍କ ସୂଚୀ ସାର୍ବଜନୀନ କରନ୍ତୁ । ତେବେ ଯାଇ ସରକାରଙ୍କ ଦାବି ଗ୍ରହଣଯୋଗ୍ୟ ଏବଂ ବିଶ୍ୱାସଭାଜନ ହେବ ବୋଲି ବିରୋଧୀ ଓ ବୁଦ୍ଧିଜୀବୀ ମତ ରଖିଛନ୍ତି। ମାତ୍ର ସରକାର ଏନେଇ ମୁହଁ ଖୋଲୁ ନ ଥିବା ବେଳେ ଲକ୍ଷପତି ଦିଦି କୋଟିପତି ହେବେ ବୋଲି ଉପମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ସାଧାରଣ ସନ୍ଦେହ ସୃଷ୍ଟି କରିଛି । ଲକ୍ଷପତିରୁ କୋଟିପତି ହେବା ପାଇଁ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ରୋଡମ୍ୟାପ ଅଛି କି ? ଜଣେ ଗୋଟିଏ ବ୍ୟବସାୟରେ କେତେଟଙ୍କା ବିନିଯୋଗ କଲେ, କେତେ ମାନବସମ୍ବଳ ଉପଯୋଗ କଲେ ଲକ୍ଷପତିରୁ କୋଟିପତି ହୋଇପାରିବ ସେନେଇ ସରକାର କୌଣସି ଆକଳନ କରିଛନ୍ତି କି ? ଯଦି କରିଛନ୍ତି, ତାହେଲେ ଲକ୍ଷପତି ଦିଦିଙ୍କୁ ସହାୟତା କରିବା ପାଇଁ ସରକାର କୌଣସି ନୀତିଗତ ନିଷ୍ପତ୍ତି ନେଇଛନ୍ତି କି ବୋଲି ବୁଦ୍ଧିଜୀବି ମହଲ ପ୍ରଶ୍ନ କରିଛନ୍ତି ତେଣୁ ଉପ ମୁଖ୍ୟମନ୍ତ୍ରୀ କିମ୍ବା ସରକାର କେବଳ ଉପରଠାଉରିଆ ମନ୍ତବ୍ୟ ନଦେଇ ଲକ୍ଷପତି ଦିଦିକୁ ନେଇ ସାଧାରଣରେ ଥିବା ସଂଶୟକୁ ପ୍ରଥମେ ଦୂର କରନ୍ତୁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ବର୍ତ୍ତମାନ ଲକ୍ଷପତି ଦିଦି ଅଛନ୍ତି, ସମସ୍ତେ ସଏଚଜି ସଦସ୍ୟ। ସେମାନେ ଲକ୍ଷପତି ଦିଦି କୋଟିପତି ହେବାକୁ ଟାର୍ଗେଟ ରଖିଲେ ଏହାକୁ ମାତ୍ର ଏକବର୍ଷ ମଧ୍ୟରେ ହାସଲ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ସରକାରଙ୍କ ଦ୍ୱାରା ମିଳୁଥିବା ଆର୍ଥିକ ପ୍ରୋତ୍ସାହନ, ବିଭିନ୍ନ ଯୋଜନାରୁ ଲାଭକୁ ସଠିକ୍ ଉପାୟରେ ଉପଯୋଗ କରିପାରିଲେ ମହିଳାମାନେ ଲକ୍ଷପତିରୁ କୋଟିପତି ହୋଇପାରିବେ ବୋଲି ସେ ମତ ଦେଇଛନ୍ତି। ଏଥିପାଇଁ ସରକାର ସମସ୍ତ ସହାୟତା ଯୋଗାଇ ଦେବେ ବୋଲି ମତ ପ୍ରକାଶ କରିଥିଲେ।

# ପୁଣି ଧରାପଡ଼ିଲା ଗୁପ୍ତ କ୍ୟାମେରାଯୁକ୍ତ ଚଷମା

## ୮ ଦିନରେ ଧରାପଡ଼ିଲେଣି ୩ ଭକ୍ତ

**ପୁରୀ, ୫।୮ (ସମିସ):** ଶ୍ରୀମନ୍ଦିରକୁ ଏବେ ଗୁପ୍ତ କ୍ୟାମେରା ନିଆଯାଉଛି। ଚଷମାରେ ଏହି ଗୁପ୍ତ କ୍ୟାମେରା ରହିଥିବା ବେଳେ ଭକ୍ତ ଭିତରକୁ ପ୍ରବେଶ କରୁଛନ୍ତି। ୮ ଦିନରେ ୩ଜଣ ଭକ୍ତ ଧରାପଡ଼ିବା ଘଟଣା ଏବେ ପୁଲିସ ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି। ମଙ୍ଗଳବାର ପଶ୍ଚିମବଙ୍ଗର ଜଣେ ଶ୍ରଦ୍ଧାଳୁ ଏହିଭଳି ଏକ କ୍ୟାମେରା ପିନ୍ଧି ଭିତରକୁ ପ୍ରବେଶ କରୁଥିବା ବେଳେ ଧରାପଡ଼ିଛନ୍ତି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଶ୍ରୀମନ୍ଦିର ସେବାୟତ ଓ ବୁଦ୍ଧିଜୀବୀ।

ସୁରକ୍ଷା ଦୃଷ୍ଟିକୋଣରୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଟକଣା ରହିଛି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ବିଭିନ୍ନ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଅନେକ ସମୟରେ ପଦାରେ ପଡୁଛି। ମଙ୍ଗଳବାର ସକାଳେ ପଶ୍ଚିମବଙ୍ଗର ପ୍ରୀତିଶ ପାଲ୍ ମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ନେଇ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ବେଳେ ପଶ୍ଚିମଦ୍ୱାରରେ ନିୟୋଜିତ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଥିଲେ। ଏହାପରେ ତାଙ୍କୁ ସିଂହଦ୍ୱାର ଥାନାକୁ ନିଆଯାଇ ପଚରାଉଚରା କରାଯାଇଥିଲା। ଶ୍ରୀମନ୍ଦିର ବାହାରେ ଓ ଭିତରେ କଡ଼ା ସୁରକ୍ଷା ସତ୍ତ୍ୱେ ଏମାନେ ମନ୍ଦିର ଭିତରକୁ କିଭଳି ହିଡେନ୍ କ୍ୟାମେରା ନେବାକୁ ସାହସ କରୁଛନ୍ତି, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସେବାୟତ ଓ ବୁଦ୍ଧିଜୀବୀ।

ସୂଚନାଥାଉ କି, ୮ ଦିନ ଭିତରେ ଏହି ଘଟଣାରେ ୩ଜଣ ଧରା ହେଲେଣି। ଗତ ୨୯ ତାରିଖରେ ପୁରୀର ଜଣେ ଯୁବକ ଗୁପ୍ତ କ୍ୟାମେରା ସଂଯୁକ୍ତ ଚଷମା ପିନ୍ଧି ଶ୍ରୀମନ୍ଦିର ଭିତରକୁ ଯାଇଥିବାବେଳେ ଜଣେ ଜେଟିପି ତାଙ୍କୁ ଧରି ସିଂହଦ୍ୱାର ଥାନାରେ ଜିମା ଦେଇଥିଲେ।


**ଅତିରିକ୍ତ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା, ଚିତ୍ରକୋଣ୍ଡା, ମାଲକାନଗିରି**

ଏତଦ୍‌ଦ୍ୱାରା ସମସ୍ତଙ୍କୁ ଜଣାଇ ଦିଆଯାଉଅଛି କି, ଅତିରିକ୍ତ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା, ଚିତ୍ରକୋଣ୍ଡା ମାଲକାନଗିରି କର୍ତ୍ତୃପକ୍ଷଙ୍କ ଅଧୀନରେ ଜଳବିଭାଜୀକା କାର୍ଯ୍ୟକ୍ରମ ଯଥା

୧) କାନ୍ଥ ଚିତ୍ରକଳା (Wall painting) ଜଳବିଭାଜୀକ ସମ୍ବନ୍ଧୀୟ
୨) ସୌରଚାଳିତ ଆଲୋକ (Solar light installation)
୩) ଜଳବିଭାଜୀକା ସମ୍ବନ୍ଧୀୟ ପୋଷ୍ଟର (Wall Poster)
୪) Travis ପ୍ରତିଷ୍ଠା (Travis Installation)
୫) ପଥପ୍ରାନ୍ତ ନାଟକ (Street Play)
୬) ପ୍ରାଙ୍ଗଣ ଛତା (Shamiyana Tent)
୭) ଜଳବିଭାଜୀକା ମାନଚିତ୍ର (Watershed Map)
୮) ଗ୍ରାମ ମାନଚିତ୍ର (Village Map)
୯) ପ୍ରକଳ୍ପର ବିସ୍ତୃତ ବିବରଣୀ ତିଆରି (DPR Preparation)
୧୦) ସ୍ୱାଗତ ଫଳକ (Welcome Board Installation)
୧୧) ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ଆଦି ହେବାକୁ ଯାଉଅଛି । ଏଣୁ ଆଗ୍ରହୀ ସଂସ୍ଥା ଉପରୋକ୍ତ କାର୍ଯ୍ୟ ପାଇଁ ଆଗାମୀ ୧୨ ତାରିଖ ମଧ୍ୟରେ ଉଦ୍ଧୃତ (Quotation) ମାଧ୍ୟମରେ ଆବେଦନ କରିବାକୁ ଅନୁରୋଧ ।

ଠ/ଠ ପ୍ରକଳ୍ପ ନିର୍ଦ୍ଦେଶକ
ଜଳବିଭାଜୀକା, ମାଲକାନଗିରି

**GOVT. INDUSTRIAL TRAINING INSTITUTE, HIRAKUD**
**SAMBALPUR, ODISHA – 768016**

Web Site: www.govtitihkd.co.in | mail- itihirakud@yahoo.com
Notice No. 1132 | Date- 01/08/2025

**Walk - In – Interview**

A walk - in - interview for engagement of Guest Instructor will be held in the institute premises on 13th Aug 2025 (Wednesday) at 11 am. Eligible candidates may appear for the interview with all original testimonials. For eligibility criteria and other details, plz visit http://www.govtitihkd.co.in/ .

No TA/DA will be provided for attending the interview.

Sd/- Principal
Industrial Training Institute
Hirakud

**CENTRAL LIBRARY**
**SHREE JAGANNATH SANSKRIT UNIVERSITY,**
**SHREE VIHAR, PURI -3**
**TENDER CALL NOTICE**

No.- 428 /LIB,2025,SJSU, Puri | Dated: 05 /08/2025

Sealed quotations are invited from **reputed firms /authorised Dealers /Suppliers / Publishers/Distributors** having valid GST, PAN, IT Return for supply of books (Text, Reference etc) for Central Library, Shree Jagannath Sanskrit University, Shree Vihar, Puri. The sealed Tenders must address to Prof. in Charge of Library, Shree Jaganath Sanskrit University, Shree Vihar, Puri-3, Odisha latest by **20.08.2025 at 3.00 P.M** . For details visit our website https://sjsv.nic.in

By order of Vice Chancellor
**Prof. in Charge of Library**
**SJSU, Puri**

**NOTICE**

By virtue of an affidavit sworn before the Executive Magistrate(K), Phulbani, dated.01/08/2025 I, Liril Maharana, D/o-Sapneswara Sathua, W/o-Biranchi Kumar Maharana, At-Amalapada, Phulbani, Po./Ps.-Phulbani, Dist.- Kandhamal, Pin- 762001, Odisha declare that I have changed my name from **Lila Maharana** to **Liril Maharana**. Henceforth, Ishall be known as **Liril Maharana** for all purposes.

Sd/- **Liril Maharana**

**AFFIDAVIT**

By virtue of an affidavit sworn before the Executive Magistrate, Bissam Cuttack, Dist.- Rayagada, Odisha, Vide Affidavit Sl. No. 1857/2025, Dated.16/07/2025, that Sri HARI KARAKARIA of Village- BANDHAGUDA, Post- SIBAPADAR, P.S.; AMBODALA, District- RAYAGADA, ODISHA Changed the name of his minor daughter as **PRISKILA KARAKARIA** instead of PRICEKLA KARAKARIA. Hence forth the minor daughter shall be known as **PRISKILA KARAKARIA** for all purposes.

Sd/- Sri HARI KARAKARIA

**AFFIDAVIT**

I, Lilip Kumari Pattanaik, 46 years, D/o- Late Lalit Mohan Patnayak, Vill/Po.- Digapahandi, Ps.- Digapahandi, Dist.- Ganjam, declared by this Affidavit No.- A/1708/19.07.2025 that now onwards I shall be known as **Lilip Patnayak** for all future purposes.

**AFFIDAVIT**

I, Jyostna Kar wife of Dillip Kumar Panda, At.- Raghunathpur Ward No.22, P.O.-Kainfulia, P.S.- Baripada Town, Dist.- Mayurbhanj Pin.No.- 757107, Odisha declared by this affidavit No.11 dtd. 02-09-2022 that onwards I shall be known as Jyotsna Panda (Age 42) for all future purposes.

**Jyotsna Panda**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on Dt. 13.02.2025, **I, Bandita Senapati**, aged about 37 years, W/o.: Susanta Kumar Nayak and D/o.: Brajananda Senapati, residing at Ward No.: 8, Dipirenta, Nimapada, Dist.: Puri, PIN-752106 declare that I have changed my surname from Bandita Nayak to **Bandita Senapati**. Henceforth, I shall be known as **Bandita Senapati** for all purposes.

**Bandita Senapati**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-PURI-485, ତା. 30.07.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଞ୍ଚାର/ପୁରୀ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଞ୍ଚାର ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 30,46,121.34, EMD (ଟଙ୍କାରେ) : 60,900/-।

ବିଡ୍ ଆରମ୍ଭ ହେବା ତାରିଖ : ତା.07.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍
PR-430/Q/25-26

**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 04-08-2025 I, Hemanta Kisku, Address AT-Dhirisahi, PO- Hatisahi, PS-Udala, Dist- Mayurbhanj, PIN-757087 declare that I have changed the name of my daughter from Jamuna Kisku to Yamuna Kisku. Henceforth, she shall be known as Yamuna Kisku for all purposes.

**Hemanta Kisku**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur vide no. 421/2023 dated.22/01/2025 I, Parsuram Harijan, S/o- Tanka Harijan of Vill.- Taragam, Po.- Taragam, Ps./Dist.- Nabarangpur state that, my name recorded as Parsuram Harijan in all my documents as per the surname of my father. I have changed my surname from **Parsuram Harijan** to **Parsuram Kashyap**. Henceforth, I will be known as **Parsuram Kashyap** for all purposes.

**AFFIDAVIT**

I, **Tia Rout,** aged about 19 years, resident of At- Balabhadrapur, Near Dola Mandap, Ps- Badambadi, Dist-Cuttack, PIN- 753012, Odisha declared by this affidavit No. 94, dtd-04/08/2025 that, my father's actual name is **Pradyumna Rout** and mother's name is **Sushmita Rout,** but in my birth certificate my father's name has been wrongly recorded as **Praduymnya Rout** instead of **Pradyumna Rout** and also my mother's name has been wrongly recorded as **Susmita Rout** instead of **Sushmita Rout.** Henceforth, both the name are same and one person.

**AFFIDAVIT**

By virtue of an affidavit (CF No. 10, date- 05/08/2025) sworn before The Notary Public, Padampur. I, **Rinki Bhatt** (new name), permanent & current resident of At- Nilathar, Po- Mandosil, P.S. Paikmal, Dist-Bargarh, PIN- 768050, Odisha declare that I have changed my name from **Rinki Sharma** (old name) to **Rinki Bhatt** (new name). Henceforth, I shall be known as **Rinki Bhatt** (new name), W/o Arun Kumar Bhatt for all future purposes.

**Rinki Bhatt**

**AFFIDAVIT**

I, Prakash Jagdish Pattnayak, aged about 56 years, S/o- Jagdish Pattnayak, resident of Flat No. F/206, 2nd Floor, Jyotsna Enclave, Jaydev Vihar, Bhubaneswar, PIN-751013 Odisha declared by this affidavit No. CF No. 93, dtd- 23/07/2025 that now onwards I shall be known as **PRAKASH PATTNAYAK** for all future purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar dtd-01.08.2025, I **Smt. Khairun Nisha** of Plot No. 242/3117, Trilochan Vihar, Sundarpada, Ps- Airfield, Bhubaneswar, Dist-Khordha, Odisha, Pin-751002 declare that I have changed my name from **Khairun Nisa** to **Khairun Nisha** for all purposes.

**Khairun Nisha**

**AFFIDAVIT**

By virtue of an affidavit (CF No. 09, date- 05/08/2025) sworn before The Notary Public, Padampur. I, **Arun Kumar Bhatt** (new name), permanent & current resident of At- Nilathar, Po- Mandosil, P.S. Paikmal, Dist- Bargarh, PIN-768050, Odisha declare that I have changed my name from **Arun Kumar Sharma** (old name) to **Arun Kumar Bhatt** (new name). Henceforth, I shall be known as **Arun Kumar Bhatt** (new name), S/o Biranchi Bhatt for all future purposes.

**Arun Kumar Bhatt**

**AFFIDAVIT**

By virtue of an affidavit No- 4954 sworn before the Executive Magistrate, Champua on dtd- 31/07/2025, I Sadia Bano, W/o- Md. Kaisar, resident of At/Po/Ps-Jhumpura, Dist- Keonjhar, Odisha I have changed my name from **Sadia Bano** (old name) to **Sadiya Khatun** (new name). That, both names **Sadiya Bano** and **Sadiya Khatun** is one & same person. Henceforth, I will be known as **Sadiya Khatun** for all future purposes.

**Sadiya Khatun**

## ଚନ୍ଦ୍ରଶେଖର ପୀଠରେ ଜଳାଭିଷେକ



କେନ୍ଦୁଝର,୬।୮ (ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କେନ୍ଦୁପୋଶି ଗାଁର ବୋଲବମ୍ ଭକ୍ତମାନେ ବଦାପଲସା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ପୀଠରେ ଚତୁର୍ଥ ସୋମବାର ଜଳାଭିଷେକ କରିଛନ୍ତି। ସ୍ଥାନୀୟ ଅରଡେଇ ନଦୀରୁ ଜଳ ଉଠାଇ ମହାଦେବଙ୍କ ପାଖରେ ପାଣି ଢାଳି ପୂଜାର୍ଚ୍ଚନା କରିଥିଲେ। ବୋଲବମ୍ ଦଳରେ ବିଶ୍ୱାପ ପାତ୍ର, ଭକ୍ତବନ୍ଧୁ ପାତ୍ର, ଲକ୍ଷଣ ପାତ୍ର, ତାରକେଶ୍ୱର ପାତ୍ର, ଡାଳିମ୍ବ ଦାସ, ତପସ୍ୱିନୀ ପାତ୍ର, ଭାରତୀ ପାତ୍ର, ପରେଶ ବାରିକ, ରାକୁ ବାରିକ, ହାପି ବାରିକ ପ୍ରମୁଖ ସାମିଲ ହୋଇଥିଲେ।

## ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,୬।୮ (ସମିସ): ପୁରୁଣା ବଜାର, ମ୍ୟୁନିସିପାଲିଟି ହାଇସ୍କୁଲରେ ଶିଶୁ ସୁରକ୍ଷା କମିଟି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଶ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଯୁବ ଆଇନଜୀବୀ ତଥା ରୁଲ୍ଜର କ୍ଲବ ସମ୍ପାଦକ ସନ୍ତୋଷ ଦାସ, କାଉନ୍ସିଲର ଶରତ ସାହୁ, ଶିଶୁ ସୁରକ୍ଷା କମିଟି ସୁପରଭାଇଜର ରୋହିତ ମହାନ୍ତ ଯୋଗ ଦେଇଥିଲେ। କର୍ମଚାରୀ କୃଷ୍ଣଚନ୍ଦ୍ର ମହାନ୍ତ ଏବଂ ସ୍କୁଲର କ୍ରୀଡ଼ା ଶିକ୍ଷକ ପରିଚାଳନା କରିଥିବାବେଳେ ଶିଶୁ ସୁରକ୍ଷା କମିଟିର ଦେବଜ୍ୟୋତି ଦେହୁରୀ ଧନ୍ୟବାଦ ଦେଇଥିଲେ।

## ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ବୈଠକ




ଆନନ୍ଦପୁର, ୬।୮ (ସମିସ): ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଓ ସମ୍ପାଦକ ଅରୁଣ କୁମାର ମହାନ୍ତିଙ୍କ ସଂଯୋଜନାରେ ଏହି ସଭାରେ ସର୍ବପ୍ରଥମେ ଦିବଂଗତ ସଭ୍ୟ ଅନନ୍ତ ଚରଣ ସାହୁଙ୍କ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନୂତନ ସଦସ୍ୟ ଇଞ୍ଜିନିଅର ଶ୍ରୀଧର ବେହେରା, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶ୍ରୀଧର ବେହେରା ଓ ସୁଦର୍ଶନ ବଳ, ଡାକ୍ତର ସୁଧାଂଶୁ ଶେଖର ବଳ, ପ୍ରଦୀପ କୁମାର ଦାସଙ୍କୁ ସ୍ୱାଗତ କରାଯାଇଥିଲା। ବିଭିନ୍ନ ସାମାଜିକ ସେବା, ବୃକ୍ଷ ରୋପଣ, ସାଇବର ସଚେତନତା ସହ ବାର୍ଷିକ ଉତ୍ସବ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାହୁ, ଉପସଭାପତି କାର୍ତ୍ତିକ ସାହୁ, ବିନୋଦ ମିଶ୍ର, ଉପଦେଷ୍ଟା ଡ. ଅଜିତ କୁମାର ସାହୁ, ରଘୁନାଥ ପଣ୍ଡିତ, ରାମଚନ୍ଦ୍ର ଜେନା, ସାବିତ୍ରୀ ଦାସ, ସତ୍ୟାନନ୍ଦ ମିଶ୍ର ପ୍ରମୁଖ ଭାଗ ନେଇଥିଲେ। କୋଷାଧ୍ୟକ୍ଷ ବିନୋଦ ଦାସ ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ବରିଷ୍ଠ ସାମ୍ବାଦିକ ଶତ୍ରୁଘ୍ନ ସାହୁ, ମୁରଲୀଧର ମିଶ୍ର, ଗଗନ ସିଂ, ରବୀନ୍ଦ୍ର ଚାନ୍ଦ, ସବିତା ଦାସ, ନଗେନ ଚାନ୍ଦ, ଅଯୋଧ୍ୟା ଘଡେଇ, କୈଳାସ ନାହାକ ଉପସ୍ଥିତ ଥିଲେ।

## ଶ୍ରୀଗୁରୁ ପୂଜନ ଓ ଶ୍ରୀଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ



ବେଲବାହାଲି,୬।୮ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ସିଦ୍ଧେଶ୍ୱର ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଶ୍ରୀଗୁରୁ ପୂଜନ ଓ ଶ୍ରୀଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ ଡ. ସନତ କୁମାର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସେବା ଭାରତୀର ସଂଗଠନ ମନ୍ତ୍ରୀ ସ୍ୱର୍ଗତ କୈଳାସଚନ୍ଦ୍ର ଜେନାଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଆର୍‌ଏସ୍‌ଏସ୍ କେନ୍ଦୁଝର ଜିଲ୍ଲା କାର୍ଯ୍ୟବାହ ବିନୋଦ ବିହାରୀ ମହାନ୍ତ ଯୋଗଦେଇଥିଲେ। ଉକ୍ତ ସଭାରେ ବରଗାଁ ପ୍ରଭାତ ଶାଖା, ସାଇଁକୁଳର ବରିଷ୍ଠ ସ୍ୱୟଂ ସେବକ ତଥା ଆଦର୍ଶ ଶିକ୍ଷକ ଗୌରାଙ୍ଗ ଚରଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ କୁମାର ଚକ୍ର, ବେଲାଲଚନ୍ଦ୍ର ପତି, ଗୋପାଳଚନ୍ଦ୍ର ପରିଡ଼ା, ମୋହନଚରଣ ଚକ୍ର, ଜଗତବନ୍ଧୁ ମହାନ୍ତି, କୁଳମଣି ଜେନା, ହରିହର ବେହେରା, ଜଳଧର ବେହେରା, ବେଣୁଧର ପରିଡ଼ା, ବିପିନ ବିହାରୀ ମହାନ୍ତି, ବିମ୍ବାଧର ସାମଲ ପ୍ରମୁଖ ରାଷ୍ଟ୍ରବାଦୀ ଚିନ୍ତନ ମାର୍ଗଦର୍ଶନ କରିଥିବା ବେଳେ ଘସିପୁରା ସ୍ୱୟଂସେବକ ଅମୀୟ ଶା, ଅଶୋକ ଘଡ଼େଇ, ଅବସରପ୍ରାପ୍ତ ସୁବେଦାର ସନ୍ତୋଷ ସ୍ୱାଇଁ, ସ୍ୱାବମ ପରିଡ଼ା, ଚନ୍ଦନ ପରିଡ଼ା, ସଞ୍ଜୀବ ପଣ୍ଡା, ସରୋଜ ସାହୁ, ରୁଦ୍ରନାରାୟଣ ପାଢ଼ୀ, ଦେବୀପ୍ରସାଦ ମହାନ୍ତି, ସୁରଜ ସାହୁ, ରୁଦ୍ରପ୍ରତାପ ଦାଶ ସହଯୋଗ କରିଥିଲେ।

# ତେଲକୋଇରେ ବିକାଶର ନଗ୍ନ ଚିତ୍ର

ତେଲକୋଇ, ୬।୮ (ସମିସ)






ତେଲକୋଇ ନିର୍ବାଚନମଣ୍ଡଳୀ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠି ବିକାଶ ବହୁଦୂରରେ। ବିଭିନ୍ନ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ଲୋକେ। ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ରାସ୍ତାଘାଟ, ବିଦ୍ୟୁତ୍ ଭଳି ସମସ୍ୟା ତେଲକୋଇ ବ୍ଲକରେ ଲାଗି ରହିଛି। ସରକାର ପରିବର୍ତ୍ତନ ପରେ ମଧ୍ୟ ଲୋକଙ୍କ ଆଶାନୁଯାୟୀ ଏଠାରେ ବିକାଶ କାର୍ଯ୍ୟ ହେଉନାହିଁ। ତେଲକୋଇ ବିଧାୟକ ତେଲକୋଇ ମେଡ଼ିକାଲରେ ଡ଼ାକ୍ତର ଥିଲେ। ଲୋକେ ଭାବିଥିଲେ ସେ ବିଧାୟକ ଭାବେ ନିର୍ବାଚିତ ହେଲେ ଅଞ୍ଚଳର ବିକାଶ ହେବ ହେଲେ ଲୋକଙ୍କ ସ୍ୱପ୍ନ ପାଣି ଫୋଟକା ଭଳି ମିଳେଇ ଯାଇଛି। ବିଧାୟକ କିଛି ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ତେଲକୋଇ ବିକାଶ ଦାୟିତ୍ୱରେ ପୁଣିଥରେ ଅବସ୍ଥାପିତ କରୁଛନ୍ତି। ଯାହାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିକାଶର ଆଶା ମଉଳି ଯାଇଛି। ପୂର୍ବ ବିଭାଗର କନିଷ୍ଠ ଯନ୍ତ୍ରୀ ଭାବେ ପଞ୍ଚାନନ ଧରଣୀଆ ତେଲକୋଇରେ ଦୀର୍ଘ ୧୫ ବର୍ଷ ଧରି ଅବସ୍ଥାପିତ ଥିଲେ। ହେଲେ ପୂର୍ତ୍ତ ବିଭାଗର ରାସ୍ତାରେ କୌଣସି ସୁଧାର ହୋଇ ନଥିଲା।

ବିଶେଷ କରି ତେଲକୋଇ-ବିମଲା ଓ ତେଲକୋଇ-କାଞ୍ଜିପାଣି ରାସ୍ତା ସହ ତେଲକୋଇ ବଜାରଠାରୁ ଡ଼ାକବଙ୍ଗଳା ରାସ୍ତା। ଏସବୁ ରାସ୍ତାର ଅବସ୍ଥା ଏବେ ମଧ୍ୟ ଯଥା ପୂର୍ବଂ ତଥା ପରଂ ରହିଛି। ତେଲକୋଇର ବିକାଶ କଥା କହୁଥିବା ବିଧାୟକ କିଭଳି ଭାବେ ପୁଣି ଥରେ ସେହି ପଞ୍ଚାନନ ଧରଣିଆଙ୍କୁ ପୂର୍ତ୍ତ ବିଭାଗର ଏସଡିଓ କରି ଆଣିଛନ୍ତି ତାହା ଚର୍ଚ୍ଚାର ବିଷୟ ପାଲଟିଛି।

ସେହିଭଳି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସମାନ ଅବସ୍ଥା ଦେଖାଦେଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ କେତେବେଳେ ଡ଼ାକ୍ତର ଅଭାବ ସହ ରୋଗୀ ୱାର୍ଡରେ ବର୍ଷା ପାଣି ଗଳୁଛି, ପରିମଳ ବ୍ୟବସ୍ଥା, ପାନୀୟଜଳର ସମସ୍ୟା, ଡ଼ାକ୍ତର ଓ କର୍ମଚାରୀଙ୍କ ବାସଭବନ ଆଦି ସମସ୍ୟା ରହିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପିଏମ ଭାବେ ୧୨ ବର୍ଷରୁ ଅଧିକ ହେବ ଜଣେ କର୍ମଚାରୀ ରହି ମେଡ଼ିକାଲରେ ବହୁ କେଳେଙ୍କାରି କରିଥିବା ବେଳେ ତାଙ୍କୁ ଏଠାରୁ ହଟାଇବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଅଭିଯୋଗ କରାଯିବା ସହ ବିଧାୟକଙ୍କୁ ଅବଗତ କରିଥିଲେ। ବିଧାୟକ ନିଜେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ଥିବା ବେଳେ ବିପିଏମଙ୍କ କେଳେଙ୍କାରି ବିଷୟରେ ଜାଣିବାକୁ ପାଇଥିଲେ। ଏନେଇ ଗତ ୨୩ ତାରିଖ ସ୍ୱାସ୍ଥ୍ୟ ବିଭାଗୀୟ ସ୍ଥାୟୀ କମିଟି-୫ ତେଲକୋଇ ଗସ୍ତ ସମୟରେ ନାଗରିକ ସମାଜ ପକ୍ଷରୁ ବିପିଏମଙ୍କ ବ୍ୟାପକ ଅନିୟମିତତାରେ ସଂଶ୍ଳିଷ୍ଟ ରହିଥିବା ଓ ତାଙ୍କ ଅମାପ ସମ୍ପତ୍ତିର ଭିଜିଲାନ୍ସ ତଦନ୍ତ କରିବା ପାଇଁ କମିଟିର ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। ବିଧାୟକ ହେବାପରେ ତାଙ୍କ ଉପରେ କୌଣସି ପଦକ୍ଷେପ ନନେଇ ତାଙ୍କୁ ଘଣ୍ଟ ଘୋଡାଇବା ନେଇ ଲୋକଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି।

ଅପରପକ୍ଷରେ, ଏବେ ମଧ୍ୟ ୧୨ଟି ପଞ୍ଚାୟତ ଅନ୍ଧାରରେ ରହୁଛି। ଲୋକେ ଡାକ୍ତରଙ୍କୁ ବିଧାୟକ ଭାବେ ଏଥିପାଇଁ ଭୋଟ ଦେଇଥିଲେ କି ଦୀର୍ଘ ୧୫ ବର୍ଷଧରି ବିଦ୍ୟୁତ୍ ସମସ୍ୟାରୁ ମୁକ୍ତି ପାଇବେ ହେଲେ ବର୍ଷରେ ଉର୍ଦ୍ଧ୍ୱ ହେବ ବିଧାୟକ ଆସନରେ ଅଭିଷିକ୍ତ ଥିଲେ ମଧ୍ୟ ଏ ସମସ୍ୟା ପ୍ରତି ଧ୍ୟାନ ନଦେବା ପରିତାପର ବିଷୟ ପାଲଟିଛି। ଲୋକେ ଯେଉଁ ଆଶା ନେଇ ଡାକ୍ତରଙ୍କୁ ବିଧାୟକ କରିଥିଲେ ତାହା ଏବେ ପୂରଣ ହେବା ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇବା ସହ ଅସନ୍ତୋଷ ଦେଖାଦେଇଛି।

● ଏସ୍‌ଆର୍ ପ୍ଲାଣ୍ଟ ବିସ୍ଥାପିତଙ୍କ ସମସ୍ୟା

## ପୁଲିସ୍ ଅଟକାଇଲା ଅଭିଯୋଗକାରୀଙ୍କ ବସ୍




ଆନନ୍ଦପୁର/ବେଲବାହାଲି/ରାମଚନ୍ଦ୍ରପୁର, ୬।୮ (ସମିସ): ପ୍ଲାଣ୍ଟ ଯୋଗୁଁ ବିସ୍ଥାପିତ ହେବାକୁ ଥିବା ଶତାଧିକ ଗ୍ରାମବାସୀ ଅଭିଯୋଗ କରିବାକୁ ଭୁବନେଶ୍ୱର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଯାଉଥିବା ସମୟରେ ୩ଟି ବସ୍‌କୁ ଅଟକାଇଛି ଆନନ୍ଦପୁର ଉପଖଣ୍ଡ ପୁଲିସ। ଏନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ମହାଦେଇଯୋଡା ପଞ୍ଚାୟତ ଅଞ୍ଚଳରେ ଏସଆର୍ କମ୍ପାନୀ ତାର ଏକ ବେନିଫିକେସନ ପ୍ଲାଣ୍ଟ ନିର୍ମାଣ ପାଇଁ ପ୍ରସ୍ତାବିତ ସ୍ଥଳରେ ପୂର୍ବରୁ ପ୍ରଶାସନ ତରଫରୁ ଜନଶୁଣାଣି କରାଯାଇଥିଲା। ହେଲେ ଏହି ଜନଶୁଣାଣିରେ ବିସ୍ଥାପିତଙ୍କୁ ସାମିଲ କରା ନଯାଇ ବାହାର ଲୋକଙ୍କୁ ବସାଇ ପ୍ରଶାସନ ଜନଶୁଣାଣି କାମ ସାରିଥିବା ଅଭିଯୋଗ କରିଥିଲେ ସ୍ଥାନୀୟ ଲୋକେ। ଏହାକୁ କେନ୍ଦ୍ରକରି ହାଇକୋର୍ଟରେ ମଧ୍ୟ ଏକ ମାମଲା ରୁଜୁ ହୋଇଥିଲା। ଆଜି ସ୍ଥାନୀୟ ଟିକରପଡା, କାଦଗଡ, ମହାଦେଇଯୋଡା ସହ ନିକଟବର୍ତ୍ତୀ ଗ୍ରାମର ଶତାଧିକ ଲୋକେ ୩ଟି ବସ୍ ଯୋଗେ ଭୁବନେଶ୍ୱର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଯାଉଥିବା ସମୟରେ ଆନନ୍ଦପୁର ଉପଖଣ୍ଡ ୨୦ ନଂ ଜାତୀୟ ରାଜପଥ ହସନପୁର ଟୋଲଗେଟ୍ ନିକଟରେ ପୁଲିସ ସେମାନଙ୍କୁ ଅଟକ ରଖିଥିଲା। ଏହି ଘଟଣାକୁ କେନ୍ଦ୍ରକରି ଦୀର୍ଘ ସମୟ ଧରି ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା। ପ୍ରାୟ ୨ ଘଣ୍ଟା ଅଟକ ପରେ ପୁଲିସ୍ ସେମାନଙ୍କୁ ଯିବାକୁ ଅନୁମତି ଦେଇଛି। ତେବେ ଏହି ଘଟଣାକୁ ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି ଲୋକେ। ଆରଟିଓଙ୍କ ନିର୍ଦ୍ଦେଶରେ ପୁଲିସ୍ ଗାଡିଗୁଡିକୁ ଅଟକ ରଖିଥିବା କହିଛନ୍ତି ଆନନ୍ଦପୁର ଏସଡିପିଓ।

## ଅସହାୟ ପରିବାରକୁ ଭେଟିଲେ ସମାଜସେବୀ



ରାମଚନ୍ଦ୍ରପୁର,୬।୮ (ସମିସ): ଘସିପୁରା ବ୍ଲକ ପଣ୍ଡୁଆ ହରିଜନ ବସ୍ତିର ବିଦ୍ୟାଧର ଜେନାଙ୍କ ପତ୍ନୀ ଜାନକୀ ଜେନା(୪୫)ଙ୍କ ଅକାଳ ବିୟୋଗରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଏହି ସମୟରେ ଅସହାୟ ପରିବାରଙ୍କ ନିକଟରେ ଗରିବ ସେବା ସଦନର ସଭାପତି ଡ. ଶମ୍ଭୁନାଥ ରାଉତ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେବା ସହିତ ଶୁଦ୍ଧିକ୍ରିୟା ପାଇଁ ପରିବାର ଲୋକଙ୍କୁ ସହାୟତାର ହାତ ବଢାଇଛନ୍ତି। ଘରେ ତାଙ୍କ ସ୍ୱାମୀ ଏବଂ ଛୋଟ ଛୋଟ ତିନୋଟି ପିଲା ଅସହାୟ ହୋଇପଡ଼ିଛନ୍ତି। ସେହିପରି କୋଳିମାଟି ପଞ୍ଚାୟତ ନୂଆପଡା ଗ୍ରାମର ଲମ୍ବୋଦର ଦାସ(୭୫)ଙ୍କ ବିୟୋଗ ହେବା ପରେ ତାଙ୍କ ପରିବାରକୁ ଶୁଦ୍ଧିକ୍ରିୟା ନିମନ୍ତେ ତାଙ୍କ ବିଧବା ପତ୍ନୀ ଲତା ଦାସଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ସହିତ ଗରିବ ସେବାସଦନର ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଛନ୍ତି।

## ଖଣିରେ ଦୁର୍ଘଟଣା; ଶ୍ରମିକ ମୃତ

ଯୋଡ଼ା, ୬।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ପୂର୍ବ ଯୋଡ଼ା ଲୌହ ଖଣିରେ ଜଣେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାରଖଣ୍ଡ ରାଜ୍ୟ ଗିରିଡ଼ିହି ଅଞ୍ଚଳର ସୁରଜ ମହନ୍ତ (୨୬ ବର୍ଷ)। ଠିକାସଂସ୍ଥାର ସୂଚନା ଅନୁସାରେ, ଭେଣ୍ଡର ସହଯୋଗୀ ସଂସ୍ଥା ଇଣ୍ଟରଷ୍ଟେଟ ସିଣ୍ଡିକେଟ୍‌ରେ ସହଯୋଗୀ ଶ୍ରମିକ ଭାବରେ ନିୟୋଜିତ ହୋଇଥିଲେ। ଅଗଷ୍ଟ ୪ ତାରିଖ ରାତି ପ୍ରାୟ ୧୧.୫୫ ମିନିଟ ସମୟରେ ଖଣି ଅଞ୍ଚଳର ପ୍ଲାଣ୍ଟ ଏରିଆରେ କାର୍ଯ୍ୟ କରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ତୁରନ୍ତ ଟାଟା ଷ୍ଟିଲ ମେନ ହସ୍ପିଟାଲ ଯୋଡାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏ ସଂକ୍ରାନ୍ତରେ ତାଙ୍କର ପରିବାର ଏବଂ ସମସ୍ତ ବିଭାଗୀୟ ସଂସ୍ଥାକୁ ଅବଗତ କରାଯାଇଛି। ତେବେ, ପୂର୍ବରୁ ମଧ୍ୟ ଏହି ଭେଣ୍ଡର ପାଖରେ କାର୍ଯ୍ୟ କରୁଥିବା ଜଣେ ଲୋଡର ଅପରେଟରଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ମାସକ ଭିତରେ ପୁଣି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟଣା କାର୍ଯ୍ୟସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ରାଜରାସ୍ତାରେ ନିଶା ବେପାର; ଉଜୁଡ଼ି ଯାଉଛି ପରିବାର

ବେଲବାହାଲି,୬।୮ (ସମିସ): ଘସିପୁରା ଥାନା ୩ନଂ ଜୋନର ବିଭିନ୍ନ ପଞ୍ଚାୟତର ଗ୍ରାମଗୁଡ଼ିକରେ ଦିନକୁ ଦିନ ଦେଶୀମଦ ଓ ଗଞ୍ଜେଇ ବେପାରୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। କେବଳ ଦେଶୀ ମଦ କିମ୍ବା ଗଞ୍ଜେଇ ନୁହେଁ; ବ୍ରାଉନସୁଗର ଭଳି ବିଭିନ୍ନ ନିଶାଦ୍ରବ୍ୟ ବିକି ଅନେକ ପରିବାରକୁ ଉଜାଡି ଦେଉଛନ୍ତି। ଅନ୍ୟପଟେ କିଛି ଅସାମାଜିକ ବ୍ୟକ୍ତିମାନେ ଦେଶୀ ମଦ ଓ ମହୁଲି ଭଳି ନିଶା ଦ୍ରବ୍ୟକୁ ହାତରେ ଧରି ରାଜରାସ୍ତାରେ ବିକୁଥିବା ଘଟଣା ସାମନାକୁ ଆସୁଛି। ଗତକିଛି ଦିନ ତଳେ କେନ୍ଦୁଝର ଜିଲ୍ଲା ଅତିରିକ୍ତ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର, ଆନନ୍ଦପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଆନନ୍ଦପୁର, ଘସିପୁର, ରାମଚନ୍ଦ୍ରପୁର, ନନ୍ଦିପଦା ଥାନା ଅଞ୍ଚଳରେ ସମସ୍ତ ଥାନା ଅଧିକାରୀଙ୍କୁ ନେଇ ଏକ ଟିମ ଗଠନ କରି ଦୀର୍ଘ ୪୮ ଘଣ୍ଟାର ଚଢ଼ଉ ଫଳରେ ୨୧୩ ଗ୍ରାମ ବ୍ରାଉନ୍‌ସୁଗର ଜବତ କରିବା ସହିତ ଏହାର ବିକ୍ରି ଅଭିଯୋଗରେ ପୁଲିସ ୨୧ ଜଣଙ୍କୁ ଗିରଫ କରିଥିଲା। ଏଥିସହ ଦୁର୍ବୃତ୍ତଙ୍କ ନିକଟରୁ ନଗଦ ୮ ଲକ୍ଷ ୩୦ ହଜାର ଟଙ୍କା ଏବଂ ୧୨ଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରିଥିଲା। କିଛି ଦିନ ନ ଯାଉଣୁ ପୁଣି ରାଜରାସ୍ତାରେ ବ୍ରାଉନସୁଗର ଭଳି ନିଶାଦ୍ରବ୍ୟ ବିକ୍ରି ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଜନସାଧାରଣ ତଥା ଯୁବବର୍ଗଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ଅସାମାଜିକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## କମ୍ପାନୀ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




ଯୋଡ଼ା, ୬।୮ (ସମିସ): ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡର ସାନିନ୍ଦପୁର ଲୌହ ଏବଂ ବକ୍ସାଇଟ ଖଣିର ଖଣି ପରିଚାଳକ ତଥା ଏଭିପି ଅନିଲ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ସିଏସଆର ବିଭାଗ ତରଫରୁ ସ୍ଥାନୀୟ ସାନିନ୍ଦପୁର ଗାଁ ଓ ବଡ ଇନ୍ଦୁପୁର ଗାଁ ଏବଂ ସ୍କୁଲରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। କମ୍ପାନୀର ଡାକ୍ତର ମୁକ୍ତିକାନ୍ତ ମହାନ୍ତି ଡାଇରିଆ, ମ୍ୟାଲେରିଆ, ଜଣ୍ଡିସ ଓ ଟାଇଫଏଡ ରୋଗର ଲକ୍ଷଣ ଓ ନିରାକରଣ ଉପରେ ଜନସାଧାରଣଙ୍କୁ ବୁଝାଇଥିଲେ। ସ୍କୁଲରେ ପିଲାମାନଙ୍କୁ ସଫାସୁତୁରା ରହିବା ସହ ଖାଇବା ପୂର୍ବରୁ ଏବଂ ପରେ ହାତ ଧୋଇ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଓଆରଏସ ଏବଂ ପାଣିକୁ ଫୁଟାଇ ଏହାକୁ ଛାଣି ପିଇବାକୁ କୁହାଯାଇଥିଲା। ସ୍ଥାନୀୟ ପୁରେହିବାହାଲ ବସ୍ତିରେ ଲୋକଙ୍କ ଅନେକ ସମୟରେ ଦେହ ଖରାପ ହେଲେ ଆଶାକର୍ମୀଙ୍କ ସହ ପରାମର୍ଶ କରି ଔଷଧ ଖାଇବାକୁ ଅନୁରୋଧ କରାଯାଇଥିଲା। କମ୍ପାନୀର କାର୍ମିକ ବିଭାଗର ଜିଏମ ବି.ପି ଷଡ଼ଙ୍ଗୀ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରସଂଗରେ ସଚେତନ କରାଇଥିଲେ। ସିଏସଆର ବିଭାଗର ସିନିଅର ମ୍ୟାନେଜର ଉଜ୍ୱଳ କୁମାର ମଲ୍ଲିକ ଦୈନନ୍ଦିନ ଜୀବନରେ ରୋଗ ପାଇଁ ଯୋଗ ଏବଂ ବ୍ୟାୟାମ କରିବାକୁ ଉପଦେଶ ଦେଇଥିଲେ। ଡ. ପୃଥ୍ୱୀରାଜ ସାହୁ ନିଜ ଘର ସଫା ସୁତୁରା ରଖିବା ସହ ସନ୍ତସନ୍ତିଆ ଜାଗାରେ ବ୍ଲିଚିଙ୍ଗ ପକାଇବାକୁ କହିଥିଲେ। କାର୍ଯ୍ୟକ୍ରମରେ ଗ୍ରାମବାସୀ, ଶିକ୍ଷକଶିକ୍ଷୟିତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ଓ କମ୍ପାନୀର ମେଡିକାଲ ଆଡମିନ ସୁଜିତ ମହନ୍ତ ସାମିଲ ହୋଇଥିଲେ। ଏଜିଏମ ରମାକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

## ଗଁପୁର ରାସ୍ତା ପାଲଟିଛି ମରଣଯନ୍ତା



ଆନନ୍ଦପୁର,୬।୮ (ସମିସ): ୨୦ନମ୍ବର ଜାତୀୟ ରାଜପଥର ଜର୍ଦା ଛକଠାରୁ ଗଁପୁର ରାସ୍ତାର ଅବସ୍ଥା ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଖାଲ ହୋଇଥିବାରୁ ସାଧାରଣ ଲୋକଙ୍କ ଯାତାୟାତ ଅସୁରକ୍ଷିତ ହୋଇପଡିଛି। ଏହି ରାସ୍ତା ଆଖପାଖ ଅଞ୍ଚଳବାସୀ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ଏକମାତ୍ର ମୁଖ୍ୟ ରାସ୍ତା ହୋଇଥିଲେ ବି ସାମାନ୍ୟ ମରାମତି କରାଯାଇ ନଥିବା ପରିତାପର ବିଷୟ। ରାସ୍ତା ସାରା ଖାଲ ଯୋଗୁଁ ଅସରାଏ ବର୍ଷା ହେଲେ ପାଣି କାଦୁଅରେ ସରବର ହୁଅନ୍ତି ଅଞ୍ଚଳବାସୀ। ବର୍ଷା ଦିନରେ ଏହି ରାସ୍ତାରେ ଯିବା ବିପଦପୂର୍ଣ୍ଣ ହୋଇପଡ଼ିଛି। ଚାରିଚକିଆ ଗାଡିରେ ଯାତାୟାତ କରିବା ଦୂରର କଥା ଏଠି ଅଟୋ ଚଳାଇବା କଷ୍ଟ। ଏହି ରାସ୍ତା ଦେଇ ଗଁପୁର କଦଳେଇ ପାହାଡ଼ ପାଦଦେଶରେ ବଣଭୋଜି ସହ ପାହାଡ ଉପରେ ଥିବା ରଘୁନାଥଜୀଉ ମନ୍ଦିର ଦେଖିବାକୁ ଶହଶହ ଭକ୍ତ ଯାତାୟାତ କରନ୍ତି। ଏହି ରାସ୍ତା ଦେଇ ଗଁପୁର, ପୁରୁଣା ବାନ୍ଧଗୋଡା, ରାମଚନ୍ଦ୍ରପୁର ପଞ୍ଚାୟତର ହଜାର ହଜାର ଗ୍ରାମବାସୀ ବିପଦପୂର୍ଣ୍ଣ ଅବସ୍ଥାରେ ଯାଜପୁର ରୋଡ଼, ଆନନ୍ଦପୁର ମେଡିକାଲକୁ ରୋଗୀ ନେଇଯାଉଥିବା ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦୁଝର ଜିଲ୍ଲାପାଳ ଏହି ରାସ୍ତାକୁ ସାମାନ୍ୟ ମରାମତି କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଓଏମଏଭି ଛାତ୍ରଛାତ୍ରୀଙ୍କୁ ଅବହେଳା ଅଭିଯୋଗ

# ଅଧିକାରୀଙ୍କ ହସ୍ତକ୍ଷେପରେ ଧାରଣା ପ୍ରତ୍ୟାହୃତ

ହାଟଡ଼ିହୀ,୬।୮ (ସମିସ)



ହାଟଡ଼ିହୀ ବ୍ଲକ ବାଙ୍ଗୁରସ୍ଥିତ ଓଏମସି ଖଣି ପକ୍ଷରୁ ପ୍ରତିବର୍ଷ ସ୍ଥାନୀୟ ସ୍କୁଲରୁ କିଛି ଉତ୍କର୍ଷ ପିଲାଙ୍କୁ ଚୟନ କରାଯାଇ ରାଉରକେଲାସ୍ଥିତ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ପିଲାଙ୍କୁ ନିଆଯାଉଛି। ୨୦୨୩-୨୪ ଶିକ୍ଷାବର୍ଷରେ ୮ଜଣ, ୨୦୨୪-୨୫ ଶିକ୍ଷାବର୍ଷରେ ୧୩ ଜଣ ଏବଂ ୨୦୨୫-୨୬ ଶିକ୍ଷାବର୍ଷରେ ମଧ ୧୩ଜଣ ଛାତ୍ରଛାତ୍ରୀ ସେଠାରେ ପଢ଼ିବାକୁ ଚୟନ ହୋଇଛନ୍ତି। ଚଳିତବର୍ଷ ସମଗ୍ର ଜିଲ୍ଲାରୁ ୨୪୦ଜଣ ପିଲା ଚୟନ ହୋଇଥିବା ବେଳେ ୮୦ଜଣ ପିଲା ବାଦ୍ ପଡିଛନ୍ତି। ବାଙ୍ଗୁର ଅଞ୍ଚଳରୁ ୧୩ଜଣ ପିଲା ଆଡ଼ମିସନ କରିଥିଲେ ସୁଦ୍ଧା ବିଭିନ୍ନ ବାହାନା ଦର୍ଶାଇ ପିଲାଙ୍କୁ ଏଯାବତ୍ ନିଆ ନଯିବାରୁ ଆଜି ଉକ୍ତ ପିଲା ମାନଙ୍କ ସହ ସେମାନଙ୍କ ଅଭିଭାବକ ମାନେ ଓଏମସି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଆଜକୁ ପ୍ରାୟ ୧୫ ଦିନ ହେବ ରାଉରକେଲା ଓଏମଏଭିରେ ଏଠାରୁ ରହି ପଢୁଥିବା ପିଲାଙ୍କୁ କାଛୁ, କୁଣ୍ଡିଆ ସହ ଜ୍ୱର ହେଉଥିଲେ ସୁଦ୍ଧା ସେମାନଙ୍କ ପାଇଁ କାହିଁକି ସଠିକ ଚିକିତ୍ସା ଯୋଗାଇ ଦିଆଯାଉନାହିଁ ବୋଲି ପ୍ରଶ୍ନ କରାଯାଇଛି। ପର୍ଯ୍ୟାପ୍ତ ପରିମାଣରେ ଶୋଇବା ଘର କିମ୍ବା ଶୌଚାଳୟ ନଥିବାରୁ ପିଲାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜୁଥିବା ବେଳେ ଆଡମିସନ କରିଥିବା ଏଇ ୧୩ ଜଣ ପିଲାଙ୍କୁ କେବେ ସ୍କୁଲକୁ ନିଆଯିବ। ସେନେଇ ଅଭିଭାବକଙ୍କ ମଧ୍ୟରେ ମାଳତୀ ନାଇକ, ମନ୍ଦାକିନୀ ବେହେରା, କୁନି ମହାରଣା, ଗୀତାରାଣୀ ମହାରଣା, ଭଗବାନ ମାଝୀ, ସୁଶାନ୍ତ ପଡ଼ିଆରୀ, ହେମନ୍ତ ପଡ଼ିଆରୀ, ରମେଶ ବେହେରା, ଗୌରାଙ୍ଗ ପଳତା, ଆଲୋକ ସାହୁ, ଶରତଚନ୍ଦ୍ର ସାହୁ, ମହେନ୍ଦ୍ର ସାହୁ, ଟୁକୁନା ପଡ଼ିଆରୀ, ରାମଚନ୍ଦ୍ର ହୋ, ବଳରାମ ମାଝୀ ପ୍ରମୁଖ ଅଭିଯୋଗ ଆଣି ଆଜି ଧାରଣାରେ ବସିଥିଲେ। ଓଏମସି କମ୍ପାନୀର ସିଏସଆର ବିଭାଗର ପରାମର୍ଶଦାତା ମଧୁସ୍ମିତା ଦାସ ଧାରଣାସ୍ଥଳ ତଥା ବାଙ୍ଗୁର କାର୍ଯ୍ୟାଳୟରେ ପହଞ୍ଚି ଆସନ୍ତା ୧୧ତାରିଖ ସୁଦ୍ଧା ପିଲାଙ୍କୁ ସ୍କୁଲରେ ଛାଡିବା ସହ ସେମାନଙ୍କ ପ୍ରତ୍ୟେକଟି ସମସ୍ୟା ଉପରେ ଦୃଷ୍ଟି ଦେଇ ସେସବୁ ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ହାଟଡ଼ିହୀରେ ନୂତନ ଏବିଡିଓଙ୍କ ଯୋଗଦାନ

ହାଟଡ଼ିହୀ,୬।୮ (ସମିସ): ହାଟଡ଼ିହୀ ବ୍ଲକରେ ପ୍ରଥମ ମହିଳା ଏବିଡିଓ ଭାବେ ରଶ୍ମିରେଖା ନାଏକ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ଆଠଗଡ଼ ବ୍ଲକରେ କାର୍ଯ୍ୟ ତୁଲାଇଥିଲା ବେଳେ ଓଡ଼ିଶା ପଞ୍ଚାୟତିରାଜ ବିଭାଗର ବଦଳି ଆଦେଶ ଅନୁସାରେ ଗତ ୨୪/୭/୨୦୨୫ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରି ଆଜି ହାଟଡ଼ିହୀ ବ୍ଲକରେ କାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ଯୋଗଦାନରେ ବିଡ଼ିଓ ରଞ୍ଜନ କୁମାର ପରିଡ଼ା ଖୁସି ବ୍ୟକ୍ତ କରିଛନ୍ତି। ପ୍ରଥମ ମହିଳା ଏବିଡ଼ିଓଙ୍କ ଯୋଗଦାନ ଖୁସିରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଏବିଡ଼ିଓ ରଶ୍ମିରେଖାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



## ଐତିହାସିକ ଗଡ଼ଖାଇ ଧନେଇ ପୀଠ ରାସ୍ତା ଶୋଚନୀୟ

ଆନନ୍ଦପୁର, ୬।୮ ସମିସ): ଆନନ୍ଦପୁରର ଐତିହାସିକ ଗଡ଼ଖାଇ ତଥା ମା’ ଧନେଇଙ୍କ ଠାକୁରାଣୀଙ୍କ ପୀଠକୁ ଥିବା ରାସ୍ତା ଅତ୍ୟନ୍ତ ଦୟନୀୟ ହୋଇପଡିଛି। ବହୁ ପୁରାତନ କୀର୍ତ୍ତିରାଜି ବହନ କରୁଥିବା ମା’ ଧନେଇ ଠାକୁରାଣୀ ପୀଠକୁ ରାସ୍ତାରେ ଏବେ ଯିବା କଷ୍ଟକର ହୋଇପଡିଛି। ଏହି ପୀଠକୁ ନିୟମିତ ଯାଉଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଧନେଇ ଠାକୁରାଣୀଙ୍କ ସଂଲଗ୍ନ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବାରୁ ନିର୍ମାଣ କାର୍ଯ୍ୟ ପାଇଁ ବଡ ବଡ ଯାନ ଦ୍ୱାରା କଞ୍ଚାମାଲ ପରିବହନରେ ଏହି ରାସ୍ତା ବାଧକ ହୋଇଛି। କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟ କରୁଥିବାବେଳେ ମା’ ଧନେଇ ପୀଠ ରାସ୍ତାକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏହି ପୀଠକୁ ପୌର ପରିଷଦ ଅନୁଦାନରୁ ରାସ୍ତା ପ୍ରସ୍ତୁତ ହୋଇଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଯୋଗୁଁ ଏହି ରାସ୍ତା ଖାଲଖମା ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାସାରା ଗୋଡିବାଲି ବାହାରି ପଡ଼ିଥିବା ବେଳେ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାରେ ଗାଡ଼ ହୋଇ ମାଟି କାଦୁଅରେ ସରବର ହୋଇପଡିଛି। ଏହି କିମ୍ବଦନ୍ତୀ ବହନ କରୁଥିବା ମା’ ଧନେଇ ଠାକୁରାଣୀଙ୍କ ପୀଠ ରାସ୍ତା ପ୍ରତି ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାସଂସ୍ଥା ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



### ଅତିରିକ୍ତ ଶ୍ରେଣୀ ଗୃହ ଓ ଜିପିଏଲଏଫ୍ ବିଲ୍ଡିଂ ଟେଣ୍ଡରରେ ଅନିୟମିତତା ଅଭିଯୋଗ

# ଆଇନର ଆଶ୍ରୟ ନେବାକୁ ଯୁବ କଂଗ୍ରେସ ନେତାଙ୍କ ଚେତାବନୀ

ବଡସାହି, ୫।୮ (ସମିସ):

ବଡସାହି ବ୍ଲକରେ ଅତିରିକ୍ତ ଶ୍ରେଣୀ ଗୃହ ଓ ଜିପିଏଲଏଫ୍ ବିଲ୍ଡିଂ ନିର୍ମାଣ ଟେଣ୍ଡରରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଗୃହ ନିମନ୍ତେ ଜୁନ୍ ୨ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ମାତ୍ର ଏହି ଟେଣ୍ଡର ଆହ୍ୱାନ ଓ ଠିକାଦାର ଚୟନରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହେଉଛି। ଗତ ଜୁନ ମାସରେ ବଡସାହି, ଡାହିସାହି, ଚାନ୍ଦଡିହା, ପଇକପଡା ପ୍ରାଥମିକ ବିଦ୍ୟାଳୟ, ସାନକେରକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଓ ପ୍ରତାପପୁରଠାରେ ଏକ ଜିପିଏଲଏଫ୍ ବିଲ୍ଡିଂ ନିର୍ମାଣ ପାଇଁ ବି.ଡି.ଓ ଟେଣ୍ଡର ଆହ୍ୱାନ କରିଥିଲେ। ଏହି ଟେଣ୍ଡର ପେପର କିଣା ଓ ବକ୍ସରେ ଡ୍ରପ ସମୟ ୪ ଜୁନରୁ ୧୨ଜୁନ ମଧ୍ୟରେ ଥିବା ବେଳେ ୧୩ ଜୁନରେ ବ୍ଲକ୍ କନଫରେନ୍ସ ହଲରେ ଟେଣ୍ଡର ପେପର ଖୋଲା ଯାଇଥିଲା। ବିଦ୍ୟାଳୟ ଗୁଡିକର ଅଟକଳ ୧୫ଲକ୍ଷ ୬୬ ହଜାର୧୦୩ଟଙ୍କା ଥିବା ବେଳେ ଜିପିଏଲଏଫ୍ ବିଲ୍ଡିଂଟିର ଅଟକଳ ୨୫ଲକ୍ଷ ୫୦ ହଜାର୨୦୪ ଟଙ୍କା ଥିଲା। ମାତ୍ର ଚିଠିରେ ପ୍ରଦାନ କରାଯାଇଥିବା ଟେଣ୍ଡରର ନିୟମ ଅନୁସାରେ ଏହି କାର୍ଯ୍ୟଗୁଡିକ ପାଇଁ ତଞ୍ଚକତା କରି ଠିକାଦାର ଚୟନ କରାଯାଇଥିବା ଯୁବ କଂଗ୍ରେସ ନେତା ଶଶଙ୍କଶେଖର କର ଅଭିଯୋଗ କରିଛନ୍ତି। ସେ ଏ ନେଇ ଏକ ଅଭିଯୋଗପତ୍ର ସଚିବ ପଂଚାୟତିରାଜ ବିଭାଗ, ପିଡି ଡିଆରଡିଏ, ଜିଲ୍ଲାପାଳ ଓ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଏହି ଅନିୟମିତତା ବିରୋଧରେ ପଦକ୍ଷେପ ଗ୍ରହଣ କରାନଗଲେ ଆଇନର ଆଶ୍ରୟ ନେବେ ବୋଲି ସେ ଚେତାବନୀ ଦେଇଛନ୍ତି। ତୁରନ୍ତ ଏହି ଟେଣ୍ଡରକୁ ରଦ୍ଦ କରି ଇ-ଟେଣ୍ଡର ଆହ୍ୱାନ କରିବା ସହିତ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ଦାବି କରିଛନ୍ତି। ନିୟମ ଅନୁସାରେ ଜଣେ 'ବି' କ୍ଲାସ ଠିକାଦାର ୨୦ଲକ୍ଷରୁ ୩କୋଟି, 'ସି' କ୍ଲାସ ଠିକାଦାର ୪୦ଲକ୍ଷ ପର୍ଯ୍ୟନ୍ତ ଓ 'ଡି' କ୍ଲାସ ଠିକାଦାର ୨୦ଲକ୍ଷ ପର୍ଯ୍ୟନ୍ତ ଟଙ୍କାର ଟେଣ୍ଡର ପକାଇପାରିବାର ନିୟମ ରହିଛି। ଓପିଡବ୍ଲୁଡି କୋଡ, ଭଲ୍ୟୁମ-୨ ଏମେଣ୍ଡମେଣ୍ଟ-୨୦୨୨ ଅନୁସାରେ ଏହି ନିୟମ ଥିବାବେଳେ ସମସ୍ତ କାମକୁ ଅତି ଚତୁରତାର ସହିତ ବକ୍ସ ଟେଣ୍ଡର କରି ବି-କ୍ଲାସ ଠିକାଦାରଙ୍କୁ ବଣ୍ଟନ କରାଯାଇଛି। ଫଳରେ ଯୋଗ୍ୟ ଥିବା 'ସି' ଓ 'ଡି' କ୍ଲାସ ଠିକାଦାର ଏହି କାର୍ଯ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି କାର୍ଯ୍ୟଗୁଡିକର ଅଟକଳ ୧୫ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ କେଉଁ ସ୍ୱାର୍ଥରେ ଇ-ଟେଣ୍ଡର କରା ନ ଯାଇ ବକ୍ସ ଟେଣ୍ଡର କରାଯାଇଥିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏ ନେଇ ବିଡିଓ ବନଜା ଦାସଙ୍କୁ ପଚାରିବାରୁ ଟେଣ୍ଡରରେ କୌଣସି ଅନିୟମିତତା ହୋଇନଥିବା କହିଛନ୍ତି।

## ମାସକରେ ୬୦ ଘର ଭାଙ୍ଗିଲେଣି ହାତୀପଲ



ତୁରୁମୁଙ୍ଗା, ୫।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ୪୦ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ହାତୀପଲ ଏକମାସ ମଧ୍ୟରେ ୬୦ରୁ ଅଧିକ ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ବିଳମ୍ବିତ ରାତିରେ ୩୧ ଟିକିଆ ହାତୀପଲ ବ୍ୟାପକ କ୍ଷୟକ୍ଷତି କରିବା ସହ ପୂର୍ବ ରାତିରେ ଭାଙ୍ଗିଥିବା ଏକଘରକୁ ପୁଣି ଥରେ ଭାଙ୍ଗି ଛିନ୍ ଛତର କରିଦେଇଛନ୍ତି। ବଣମହୁଲିଡିହା ଗ୍ରାମର ଅସହାୟ ବିଧବା ବୃଦ୍ଧା ସୂର୍ଯ୍ୟମଣି ମୁଣ୍ଡା ଘରକୁ ହାତୀପଲ ୩ ଥର ଭାଙ୍ଗି ଦେଇଛନ୍ତି। ନାତିର ଶିଶୁକୁ ଧରି ପର ଘରେ ଆଶ୍ରୟ ନେଇଛନ୍ତି। ସୂର୍ଯ୍ୟମଣିଙ୍କୁ ବନବିଭାଗ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ସେହିପରି ଆଉ ଏକ ୯ ଟିକିଆ ହାତୀପଲ ଧାନ ଓ ପନିପରିବା ଚାଷକୁ ମାଡି ଦଳି ନଷ୍ଟ କରିଦେଇଛନ୍ତି। ଗତ ଏକ ମାସ ଧରି ହାତୀପଲ ଏହି ଅଞ୍ଚଳରେ ଆତଙ୍କ ଖେଳାଇଥିଲେ ମଧ୍ୟ ବନ ବିଭାଗ ହାତୀପଲଙ୍କୁ ଘଉଡାଇବାରେ ବିଫଳ ହୋଇଛି। କମ ସଂଖ୍ୟକ ବନ କର୍ମଚାରୀ ସାଙ୍ଗକୁ ଅମାନିଆ ଲୋକ ଭିଡ଼ ଜମାଇ ହାତୀ ଚଲାପଥ ରାସ୍ତାକୁ ଅବରୋଧ କରୁଥିବା ଯୋଗୁଁ ହାତୀପଲ ଏ ଅଞ୍ଚଳ ଛାଡି ଯାଉନାହାନ୍ତି। ଏନେଇ କେନ୍ଦୁଝର ଡିଏଫଓ ଏଚଡି ଧନରାଜ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯାଉଥିବା କହିଛନ୍ତି।

## 'ୟୁଏଏସ୍'କୁ ଶିକ୍ଷକ ସଙ୍ଘର ବିରୋଧ

ଆନନ୍ଦପୁର, ୫।୮ (ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଜାରି ହୋଇଥିବା ୟୁନିଫାଏଡ ଅଟୋମେସନ ସିଷ୍ଟମ ବା ୟୁଏଏସ୍‌କୁ ବିରୋଧ କରିଛି ଘସିପୁରା ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ। ଏପର୍ଯ୍ୟନ୍ତ ରାଜ୍ୟର ବିଦ୍ୟାଳୟରେ ବିଦ୍ୟୁତ୍ ଇଣ୍ଟରନେଟ ଅପହଞ୍ଚ ଥିବାବେଳେ ଶିକ୍ଷକମାନେ ନିଜ ମୋବାଇଲରେ କିପରି ଏହାକୁ ଲାଗୁ କରିବେ ତାହା ସମାଲୋଚନା କରିଛନ୍ତି। ଏନେଇ ଘସିପୁରା ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଏକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ବ୍ୟବସ୍ଥାକୁ ଲାଗୁ ନ କରିବା ପାଇଁ ଘସିପୁରା ବ୍ଲକ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ସଭାପତି ଶିବପ୍ରସାଦ ଜେନା, ଉପସଭାପତି କରୁଣାକର ଚକ୍ର, ସମ୍ପାଦକ ରଞ୍ଜିତ ପାତ୍ର, ଯୁଗ୍ମ ସମ୍ପାଦକ ପ୍ରସନ୍ନ ସା, ଅଶୋକ ବାରିକ, ସଂଗଠନ ସମ୍ପାଦକ ସନ୍ତୋଷ ରାଉତ, ପ୍ରତାପ ନାୟକ, ବିନତୀ ରାଉତ, ସଂଜୟ ମିଶ୍ର, କୁଶ ସାହୁ, ପ୍ରମୋଦ ମଲ୍ଲିକ, ଜିତେନ୍ଦ୍ର ସାହୁ, ଆତୁଲ ମଲ୍ଲିକ, ଶିବସୁନ୍ଦର ପଟ୍ଟନାୟକ, ହିମାଂଶୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମଚ୍ଛାଳୋରେ ତୃତୀୟ ଶ୍ମଶାନ ପାଇଁ ଦାବି



ରାମଚନ୍ଦ୍ରପୁର, ୫।୮ (ସମିସ): ଘସିପୁରା ବ୍ଲକ୍ ମଚ୍ଛାଳ ଗ୍ରାମରେ ଦୁଇ ଦୁଇଟି ଶ୍ମଶାନ ଘର ଥିବା ସତ୍ତ୍ୱେ ସେଠାରେ କେବଳ ତଥାକଥିତ ଉଚ୍ଚ ବର୍ଗର ଲୋକେ ଏକଚାଟିଆ ଭାବେ ଶବଦାହ କରୁଛନ୍ତି। ସେହି ଗ୍ରାମରେ ଥିବା ଦଳିତ ଆଦିବାସୀ ଲୋକମାନଙ୍କୁ ଶବଦାହ କରିବା ପାଇଁ ଅନୁମତି ଦେଉ ନାହାନ୍ତି। ସେମାନେ ବାଧ୍ୟ ହୋଇ ଗାଁଠାରୁ ୨ କିମି ଦୂର ଏକ ଛୋଟ ପଡ଼ିଆ ମଝିରେ ମୃତକଙ୍କ ଶବଦାହ କରି ଆସୁଛନ୍ତି। ବର୍ଷା ଦିନେ ଶବଦାହ ନେଇ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ସରପଞ୍ଚ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଭୀମ୍ ଆର୍ମି ଘସିପୁରା ବ୍ଲକ୍ ସଭାପତି ରଶ୍ମିରଞ୍ଜନ ଜେନାଙ୍କୁ ଅବଗତ କରାଇବା ପରେ ଆଜି ମଚ୍ଛାଳ ଗ୍ରାମର ଯୁବକଙ୍କ ସହିତ ସଭାପତି ଶ୍ରୀ ଜେନା ବିଡିଓଙ୍କୁ ଭେଟି ଏକ ନୂତନ ଶ୍ମଶାନ ଘର ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ନୂତନ ଶ୍ମଶାନ ଘର ଯୋଗାଇ ଦେବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ରାସ୍ତାରେ ଧାନ ଗଛ ଲଗାଇ ପ୍ରତିବାଦ



ଯୋଡ଼ା, ୫।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଲୋଇଡ଼ାପଦା ପଞ୍ଚାୟତର ଅବହେଳିତ ଗାଁ ଟୋପାଡିହି, ରୁଗୁଡ଼ି, ଲୋଇଦାପଦା। ସବୁ ସମସ୍ୟାକୁ ବଳି ଯାଇଛି ରାସ୍ତା ସମସ୍ୟା। କଲବଲ କରୁଛି ଜାତୀୟ ରାଜପଥ ଏବଂ ତାକୁ ଲାଗି ରହିଥିବା ସର୍ଭିସ୍ ରାସ୍ତା। ପାଣି ଭିତରେ ପଶି ଯାତାୟାତ କରୁଛନ୍ତି ଆବାଳ ବୃଦ୍ଧ ବନିତା। ଗାଁକୁ ସଂଯୋଗ କରୁଥିବା ଏହି ଗୋଟିଏ ମୁଖ୍ୟରାସ୍ତା ବ୍ୟତୀତ ଗାଁର ଭିତର ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ ହୋଇ ପଡୁଛି। ରାସ୍ତା ସମସ୍ୟା ସମାଧାନ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରୁଛନ୍ତି ଅଞ୍ଚଳବାସୀ। ହେଲେ ନିଦାବିଷ୍ଟୁ ପାଲଟିଛି ସରକାର ଏବଂ ପ୍ରଶାସନ। ପରିଣାମ ସ୍ୱରୂପ ରାଜ ରାସ୍ତାରେ ଧାନ ରୋଇ ପ୍ରତିବାଦ କରିଛନ୍ତି ମହିଳା ଏବଂ ପୁରୁଷ। ପ୍ରିତିଦିନ ଦୁଇ ହଜାରରୁ ଅଧିକ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଖଣି ଖଦାନକୁ ଯାତାୟାତ କରୁଥିବା ଭାରୀ ଯାନ ଦ୍ୱାରା ଏହି ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ କମ୍ପାନୀ କିମ୍ବା ସରକାର କେହି ରାସ୍ତା ଉପରେ ଦୃଷ୍ଟି ଦେଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପଞ୍ଚାୟତ ଲୋକମାନେ ଜାତୀୟ ରାଜପଥ ଅଧିକାରୀଠାରୁ ବ୍ଲକ୍ ପର୍ଯ୍ୟନ୍ତ ଧାଇଁ ଧାଇଁ ନୟାନ୍ତ ହେଲେଣି ହେଲେ କେହି କଥା ଶୁଣୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ତେବେ ଖୁବଶୀଘ୍ର ରାସ୍ତାର ପୁନଃ ନିର୍ମାଣ କରା ନ ଗଲେ ଆଗକୁ ରାଜରାସ୍ତା ଅବରୋଧ କରିବେ ବୋଲି ସିଧା ସିଧା ମନ୍ତବ୍ୟ ରଖିଛନ୍ତି।

## ମାଳତୀ ମିଶ୍ରଙ୍କ ପରଲୋକ



ଆନନ୍ଦପୁର, ୫।୮ (ସମିସ): ଆନନ୍ଦପୁର ପୌରାଞ୍ଚଳର ଶାଳପଡା ଶାସନ ନିବାସୀ ଚିନ୍ତାମଣି ମିଶ୍ରଙ୍କ ପତ୍ନୀ ମାଳତୀ ମିଶ୍ର (୬୮)ଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ହୋଇ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ହଠାତ ଗୁରୁତର ହୋଇପଡିବା ପରେ ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ଶାଳପଡା ଶାସନ ସମେତ ଆଖପାଖର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଯୌନ ଉତ୍ପୀଡ଼ନ ନିବାରଣ ଆଇନ ସଚେତନତା

କେନ୍ଦୁଝର, ୫।୮ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝର ସୌଜନ୍ୟରୁ ଜିଲ୍ଲା କୋର୍ଟ ପରିସରରେ କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ, ପ୍ରତିରୋଧ, ନିଷିଦ୍ଧ ଓ ନିରାକରଣ ଆଇନ-୨୦୧୩ ସୁପ୍ରିମକୋର୍ଟଙ୍କ ରାୟର ଆଞ୍ଚଳିକ ଅନୁବାଦ, ହାଇକୋର୍ଟଙ୍କ ଭିଡିଓ ବିବରଣୀର ସଫଳତା ଶୀର୍ଷକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା, ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଅଧିକାରୀ ବିକାଶ ରଞ୍ଜନ ନାୟକ, ସ୍ୱତନ୍ତ୍ର ବିଚାରପତି ଦୁର୍ନୀତି ନିବାରଣ ଭଗବାନ ପ୍ରଧାନ, ପରିବାର ଅଦାଲତ ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜଜ୍ ମମିତା ଦାଶ, ପୋକ୍ସୋ ବିଚାରପତି ମୋନାଲିସା ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍ ବିଜୟ କୁମାର ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାଶ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାଶ, ପ୍ରଥମ ଶ୍ରେଣୀ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ, ପ୍ରଥମ ଶ୍ରେଣୀ ବିଚାରପତି ଜଙ୍ଗମ ଈଶ୍ୱର, କୋର୍ଟ ପରିଚାଳକ ଅଚ୍ୟୁତାନନ୍ଦ ସାମନ୍ତରା ବକ୍ତବ୍ୟ ରଖିଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ।

## ଦାନ୍ତିଆମୁହାଁ ଛକରେ ସୋଲାର ଲାଇଟ ଅଚଳ; ଲୋକେ ଅସୁରକ୍ଷିତ

ବେତନଟୀ, ୫।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ଛକ ଏକ ଗୁରୁତ୍ୱପୂର୍ଣ୍ଣ ଓ ଦୁର୍ଘଟଣା ପ୍ରବଣଭାବେ ଜଣାଶୁଣା। ଏହି ଛକ ରାସଗୋବିନ୍ଦପୁର, ମୋରଡା ବ୍ଲକକୁ ସଂଯୋଗ କରୁଛି। ଏହି ଛକ ଲୋକଙ୍କ ଜୀବନଧାରା ପାଲଟିଛି କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଏହି ଜନଗହଳିପୂର୍ଣ୍ଣ ଛକରେ ଦୀର୍ଘ ଦିନ ହେଲା ସୋଲାର ଲାଇଟ୍‌ଗୁଡ଼ିକ ଅଚଳ ହୋଇପଡିଛି। ଲାଇଟଗୁଡ଼ିକୁ ମରାମତି କି ନୂଆ ଲାଇଟ ଲଗାଇବାରେ ବ୍ଲକ ପ୍ରଶାସନ କୌଣସି ଦୃଷ୍ଟି ଦେଉନାହିଁ। ଫଳରେ ସ୍ଥାନୀୟ ବାସିନ୍ଦା ଓ ଗାଡ଼ି ଚାଳକ ଅନ୍ଧାରରେ ବିପଦର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବାସିନ୍ଦା ଅର୍ଜୁନ ମହାନ୍ତ କହିଛନ୍ତି, "ମୁଁ ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଆଇ)ଙ୍କୁ ଜଣାଇଛି, କିନ୍ତୁ ଫଳ ଶୂନ। ରାତିରେ ଅନ୍ଧାର ଯୋଗୁ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। ତେଣୁ ଏହି ଛକର ଲାଇଟଗୁଡିକ ମରାମତି କରିବାକୁ ସେ ଦାବି କରିଛନ୍ତି। ବିଭାଗୀୟ ଅଧିକାରୀ ଏବଂ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଏହି ସମସ୍ୟାକୁ ଅଗ୍ରାଧିକାର ଦେଇ ତୁରନ୍ତ ମରାମତି କିମ୍ବା ନୂଆ ଲାଇଟ୍ ସ୍ଥାପନ କରନ୍ତୁ। ଅବହେଳା କଲେ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ବଢ଼ିବା ସହ ବଡ଼ଧରଣର ଦୁର୍ଘଟଣାର ଆଶଙ୍କା ରହିଛି।

## ଚମ୍ପୁଆ ଶିଶୁ ମନ୍ଦିରର ପ୍ରତିଷ୍ଠା ଦିବସ

ଚମ୍ପୁଆ, ୫।୮ (ସମିସ): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସକାଳେ ଯଜ୍ଞ କାର୍ଯ୍ୟକ୍ରମ ପରେ ସଭା ହୋଇଥିଲା। ଅପରାହ୍ନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଇକୋ କ୍ଲବ ତରଫରୁ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ଏକ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷା ବିକାଶ ସମିତି, ଓଡିଶା ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାପକ ତଥା ଏବିଭିପିର ଚମ୍ପୁଆ ନଗର



ସଭାପତି ଗିରିଜା ଶଙ୍କର କର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ପରିଚାଳନା ସମିତିର ସଂପାଦକ ଭୋଳାନାଥ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ, ପରିଚାଳନା ସମିତିର ଉପସଭାପତି ସୁରେଶଚନ୍ଦ୍ର ମହାନ୍ତ, ଯୁଗ୍ମ ସମ୍ପାଦକ ଅରୁଣ ନାଏକ, କୋଷାଧ୍ୟକ୍ଷ ସଦାନନ୍ଦ ଦେହୁରୀ, ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ, ସଦସ୍ୟା ମୋନାଲିସା ରାଉତ ମଞ୍ଚାସୀନ ଥିଲେ। ପୁରାତନ ପରିଚାଳନା ସମିତିର କର୍ମକର୍ତ୍ତା ନିର୍ମଳଚନ୍ଦ୍ର ନନ୍ଦ, କ୍ରିଷ୍ଣାଚନ୍ଦ୍ର ରାମ, ଏକାଦଶିଆ ମହାନ୍ତ, ଯୋଗେନ୍ଦ୍ର ମହାକୁଡ଼, ରମେଶଚନ୍ଦ୍ର ପ୍ରଧାନ, ପ୍ରଭାସିନୀ ନାଏକ ତଥା ନଗରର ଶୁଭେଚ୍ଛୁ ଅଭିଭାବକ, ପୂର୍ବତନ ଆଚାର୍ଯ୍ୟ ଆଚାର୍ଯ୍ୟା, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତା, ଏବିଭିପିର କାର୍ଯ୍ୟକର୍ତ୍ତା, ବିଦ୍ୱତ ପରିଷଦର କାର୍ଯ୍ୟକର୍ତ୍ତା, ମାତୃଭାରତୀର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ

ମୋରଡା, ୫।୮ (ସମିସ): ମୋରଡା ଥାନା ଅନ୍ତର୍ଗତ ନୁହାଝାଳିଆ ପଞ୍ଚାୟତ ବ୍ରାହ୍ମଣମରାରେ ମଙ୍ଗଳବାର ଭୋରୁ ୧୦ଟି ପିକଅପ ଭ୍ୟାନରେ ବେଆଇନ ଭାବେ ଗୋ ଚାଲାଣ ହେଉଥିବା ସମୟରେ ବନବିଭାଗ ଗାଡିକୁ ଦେଖି ପିକଅପଗୁଡିକ ଚମ୍ପଟ ମାରିଥିବାବେଳେ ଗୋଟିଏ ଭାରସ୍ୟାମ ହରାଇ ଏକ ଘରକୁ ଧକ୍କା ଦେଇଥିଲା। ଫଳରେ ଘରଟି ଗୋଟିଏ ପଟକୁ ଢଳି ପଡିଥିଲା। ତେବେ ଗ୍ରାମବାସୀ ଉକ୍ତ ପିକଅପକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ପିକଅପକୁ ଜବତ କରିବା ସହିତ ୯ ଟି ଗୋରୁକୁ ଉଦ୍ଧାର କରିଛି।

## କାର୍ ଧକ୍କାରେ ଜଣେ ମୃତ; କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ବାରିପଦା, ୫।୮ (ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ ଜୟବିଲ୍ଲା ଛକ ନିକଟରେ ଏକ କାର ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଜୟବିଲ୍ଲା ଗ୍ରାମର ସାଧୁ ଚରଣ ସିଂ(୫୦)। ମଙ୍ଗଳବାର ଅପରାହ୍ନ ସମୟରେ ରାସ୍ତାରେ ଜଣେ ବ୍ୟକ୍ତି କାର ଶିଖୁଥିଲେ। ଏହି ସମୟରେ ସାଧୁ ଚାଷ କାମ ନିମନ୍ତେ ବିଲକୁ ଯାଉଥିବା ବେଳେ କାରଟି ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହେବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟାଇଥିବା କାରକୁ ଅଟକ ରଖିବା ସହ ମୃତକଙ୍କୁ କ୍ଷତିପୂରଣ ଦାବିରେ ଜୟବିଲ୍ଲା ଛକରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଅନେକ ସମୟରେ ଧରି ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା। ଘଟଣାସ୍ଥଳରେ ବାରିପଦା ସଦର ଥାନା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ଆଲୋଚନା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ ଏକ ମାମଲା ରୁଜୁ ସହିତ କାରକୁ ଜବତ କରିଛି।

## ବିଦ୍ୟୁତ ସଂଯୋଗ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



ବାରିପଦା, ୫।୮ (ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ ଅଧୀନ ଧପଡ଼ା (ଧନାସାହି)ର ୫୫ଟି ଆଦିବାସୀ ପରିବାରଙ୍କୁ ବିଦ୍ୟୁତ ସଂଯୋଗ ଦାବିରେ 'ଶରତ ବିକାଶ ମଞ୍ଚ' ଆହ୍ୱାନ କ୍ରମେ ଏକ ଗଣଧାରଣା ଦିଆଯାଇଥିଲା। ମଞ୍ଚ ସଭାପତି ଗାମାଏ ରୀମିଲ ଗୋଇପାଇ, ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁ, ମହାନ୍ତି ସିଂ ଦେଅଗାମ, ନବୀନ ମୁଣ୍ଡିରୀ, ସିନି ହେମ୍ବ୍ରମ, ନାଗି ସିଂ, ବଳରାମ ଜାରିକା, ବେଲ ତୀୟୁ, ଘନବାବୁ ପାତ୍ର, ସେଲାୟେ ମୁଣ୍ଡରୀ, ବିର୍ସା ମୁଣ୍ଡୁରି, ସୁମନ ପୂର୍ତ୍ତି, ରମେଶ ବିରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଉକ୍ତ ଗ୍ରାମରେ ଏକ ଅଙ୍ଗନବାଡି କେନ୍ଦ୍ର ପ୍ରତିଷ୍ଠା ତଥା ଉକ୍ତ ଗ୍ରାମ ନିମନ୍ତେ ରାସ୍ତା ନିର୍ମାଣ କରାଯିବା ପ୍ରମୁଖ ଦାବି ନେଇ ଏହି ଆନ୍ଦୋଳନ ଡ଼ାକରା ଦିଆ ଯାଇଥିଲା।

## ଆନନ୍ଦପୁର ମହାବିଦ୍ୟାଳୟରେ ଇଣ୍ଡକ୍ସନ ପ୍ରୋଗ୍ରାମ




ଆନନ୍ଦପୁର, ୫।୮ (ସମିସ): ଆନନ୍ଦପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉଣ୍ଡକ୍ସନ ପ୍ରୋଗ୍ରାମକୁ ଆନନ୍ଦପୁର ଉପଜିଲ୍ଲାପାଳ ତଥା ପରିଚାଳନା ପରିଷଦର ସଭାପତି ନୀଳମାଧବ ସୁନା ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ରଘୁଦୀପ୍ତି ନାୟକଙ୍କ ସଂଯୋଜନା ଓ ଅଧ୍ୟକ୍ଷ ଡ. ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ପ୍ରାଧ୍ୟାପକ ଶ୍ରୀକାନ୍ତ ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ନିମାଇଁ ଚରଣ ରାଉତ, ଡ. ଶକ୍ତିପ୍ରସାଦ ମହାପାତ୍ର, ଦୁର୍ଗାଶଙ୍କର ପରିଡ଼ା, ଭାରତୀ ସାହୁ, ରତିକାନ୍ତ ଦାସ, ସଂଘମିତ୍ରା ରାଉତ, ମଧୁସ୍ମିତା ସାହୁ, ପୁଷ୍ପଲତା ରାମ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରାଇଥିଲେ। ମିତଶ୍ରୀ ବେହେରା, ସବିନା ଆରା ବେଗମ୍, ବିଶ୍ୱଜିତ ରାଉତ, ଏବଂ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଅଧ୍ୟାପକ କାହ୍ନୁଚରଣ ଜେନା ଧନ୍ୟବାଦ ଦେଇଥିଲେ।

## ବେଆଇନ ମଦ ଭାଟିରେ ଚଢ଼ଉ

ରାମଚନ୍ଦ୍ରପୁର, ୫।୮ (ସମିସ): ମାତ୍ର ଗୋଟିଏ ଦିନ ବ୍ୟବଧାନ ପରେ ରାମଚନ୍ଦ୍ରପୁର ଥାନା ଗଁପୁର ପଞ୍ଚାୟତ ବରାଙ୍ଗ ହାତୀମରା ଆଦିବାସୀ ବସ୍ତିରେ ଆଜି ପୁଣି ଚଢଉ କରିଛି। ଥାନାଧିକାରୀ ମନୋଜ ସ୍ୱାଇଁଙ୍କ ନେତୃତ୍ୱରେ ଏହି ଚଢ଼ଉ ଫଳରେ ମଦ ମାଫିଆମାନେ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ୪୦ ଲିଟର ମହୁଲି ମଦ ସହ ୫ଶହ କେଜି ପୋଚ ଏବଂ ସାମଗ୍ରୀ ନଷ୍ଟ କରିଛି ପୁଲିସ। ଏସଆଇ ଶାନ୍ତନୁ ଜେନା, ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝୀ ସମେତ ପୁଲିସ ଫୋର୍ସ ସାମିଲ ହୋଇଥିଲେ।

### ଫେକ୍ ଆଇଡିରେ ଅଶ୍ଳୀଳ ଗାଳିଗୁଲଜ ଘଟଣା

# ୪୦ ଦିନ ପରେ ଧରାପଡ଼ିଲା ଅଭିଯୁକ୍ତ

ସାରସକଣା, ୫।୮ (ସମିସ):



ଦୀର୍ଘ ୪୦ ଦିନ ପରେ ମୟୂରଭଞ୍ଜ ଏସପିଙ୍କ ସ୍ୱତନ୍ତ୍ର ଟିମ ଜଣେ ଅଭିଯୁକ୍ତକୁ ବାଲେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ରହିଛି ବୋଲି ଅଭିଯୋଗକାରୀ ଦମ୍ପତି କହିଛନ୍ତି। ଗତ ଜୁନ ମାସ ୨୪ ତାରିଖରେ ସାମ୍ବାଦିକ ମଳୟ ନାୟକଙ୍କ ସ୍ତ୍ରୀ କାଞ୍ଚନମାଳା ସାହୁ ସୋସିଆଲ ମିଡ଼ିଆରେ ଫେକ ଆଇଡି ମାଧ୍ୟମରେ ସାମ୍ବାଦିକ ଓ ତାଙ୍କ ସ୍ତ୍ରୀଙ୍କୁ ଅଶ୍ଳୀଳ କଥା ଲେଖି ଚରିତ୍ର ସଂଘାର କରିବାକୁ ଉଦ୍ୟମ କରାଯାଇଥିବା ବିରୋଧରେ ଝାରପୋଖରିଆ ଥାନା ଓ ବାରିପଦା ସାଇବର ଥାନାରେ ଏତଲା ଦେଇଥିଲେ। ପୁଲିସ ତଦନ୍ତରେ ଶିଥିଳତା ଦେଖି ସାମ୍ବାଦିକ ଓ ମହିଳା ଜଣଙ୍କ ପ୍ରଥମେ ୩୦ ଜୁନରେ ଡିଆଇଜିଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଜୁଲାଇ ୭ ତାରିଖରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି ଜଣାଇବା ପରେ ସଚିବ ଏସପିଙ୍କୁ ପଚାରି ବୁଝିଥିଲେ, ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ପରେ ଏ ନେଇ ମହିଳା କମିସନଙ୍କୁ ସୂଚନା ଦିଆଯିଥିଲା। ତେବେ ଏତଲା ଦେବାର ୨୫ ଦିନପ ରେ ବି ଥାନାରୁ କୌଣସି ନ୍ୟାୟ ନ ପାଇ ଜୁଲାଇ ୨୨ତାରିଖରେ ଡିଆଇଜି ଡ଼ ସତ୍ୟଜିତ ନାୟକଙ୍କୁ ସ୍ୱାମୀ-ସ୍ତ୍ରୀ ବାରିପଦାଠାରେ ଭେଟିଥିଲେ। ଡିଆଇଜି ସମସ୍ତ କଥା ଶୁଣିସାରିବା ପରେ ଏସପିଙ୍କ ସହ ଆଲୋଚନା କରି କ୍ରାଇମବ୍ରାଞ୍ଚ ମାଧ୍ୟମରେ ଫେକ ଆଇଡିର ତଥ୍ୟ ବାହାର କରିବାକୁ କହିଥିଲେ। ତେବେ ଏକମାସ ବିତିଯିବା ପରେ ବାଧ୍ୟ ହୋଇ ଉଭୟ ସାମ୍ବାଦିକ ଓ ତାଙ୍କ ସ୍ତ୍ରୀ ଜୁଲାଇ ୨୮ ତାରିଖରେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ସଚିବଙ୍କୁ ସବୁକଥା ଜଣାଇଥିଲେ। ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଏସପିଙ୍କ ସହିତ କଥା ହେବାସହ ମହିଳାଙ୍କୁ ସାହସ ପ୍ରଦାନ କରିଥିଲେ। ତେବେ ମେଟା ତରଫରୁ ଫେସବୁକ ଫେକ ଆଇଡିର ତଥ୍ୟ ଆସିବା ପରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ସ୍ୱତନ୍ତ୍ର ଟିମ ବାଲେଶ୍ୱରଠାରେ ରହିଥିବା ଅଭିଯୁକ୍ତ ଦିବ୍ୟଜ୍ୟୋତି ନାୟକଙ୍କୁ ଗିରଫ କରି ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

### ପଞ୍ଚାୟତର ସମ୍ପତ୍ତି ନଷ୍ଟ ଓ ଯୋଗାଣ ସହାୟକଙ୍କୁ ଧମକ ଘଟଣା

## ଅଭିଯୁକ୍ତକୁ ୫ ହଜାର ଟଙ୍କା ଜରିମାନା

ମୋରଡା, ୫।୮ (ସମିସ): ମୋରଡା ଜେଏମଏଫସି କୋର୍ଟର ମାଜିଷ୍ଟ୍ରେଟ ଶୃତି ପଟ୍ଟନାୟକ ସୋମବାର ଏକ ମାମଲାରେ ୭ ଜଣ ସାକ୍ଷୀ ପ୍ରମାଣକୁ ବିଚାର କରି ଦୋଷୀଙ୍କୁ ୫ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ସରକାରୀ ଓକିଲ ସମ୍ବିତ ଦାସଙ୍କ ସୂଚନା ମୁତାବକ ୨୦୧୯ ମସିହା ଜୁଲାଇ ୨ ତାରିଖରେ ମୋରଡ଼ା ଥାନା ଅଧୀନ ହଳଦୀପାଳ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଯୋଗାଣ ସହାୟକ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରୁଥବାବେଳେ ଆରତୀ ହାଁସଦା ଚାଉଳ ନେବାକୁ ଆସିଥିଲେ। ତେବେ ଆରତୀଙ୍କ ରାସନ କାର୍ଡ ସହିତ ଆଧାର କାର୍ଡ ଏବଂ ବ୍ୟାଙ୍କ ପାସବୁକ ନମ୍ବର ଲିଙ୍କ ନ ଥିବାରୁ ଯୋଗାଣ ସହାୟକ ତାଙ୍କୁ ଆଧାର କାର୍ଡ ଏବଂ ବ୍ୟାଙ୍କ ପାସବୁକ ଆଣିବାକୁ କହିଥିଲେ। ତେବେ ଏହି ସମୟରେ ଆରତୀଙ୍କ ସ୍ୱାମୀ ରତନ ହାଁସଦା ପହଞ୍ଚି ଯୋଗାଣ ସହାୟକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏପରିକି ସେ ପଞ୍ଚାୟତର ବାୟୋମେଟ୍ରିକ ମେସିନଟି ଭାଙ୍ଗି ଦେଇଥିଲେ। ଫଳରେ ବାକି ହିତାଧିକାରୀ ଚାଉଳ ପାଇବାରୁ ବଞ୍ଚିତ ହୋଇଥିଲେ। ଘଟଣା ବାବଦରେ ଯୋଗାଣ ସହାୟକ ମୋରଡା ବିଡ଼ିଓଙ୍କୁ ଲିଖିତ ଭାବେ ଜଣାଇବା ପରେ ସେ ପୁଲିସକୁ ଅବଗତ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୯୫ ● ପାଉଣ୍ଡ ୧୧୬.୦୧
- ୟୁରୋ ୧୦୧.୦୧ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୦୨,୨୨୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୧୦.୦୦
- ନିଫ୍ଟି ୨୪,୬୪୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଜେରା କଲା ଇଡି**

### ୧୭ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲା

# ୧୦ ଦିନ ସମୟ ମାଗିଲେ ଅନିଲ ଅମ୍ବାନୀ

ନୂଆଦିଲ୍ଲୀ,୫।୮ (ଏଜେନ୍ସି)



ମଙ୍ଗଳବାର ୧୭ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ହାଜର ହୋଇଛନ୍ତି ରିଲାଏନ୍ସ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ ଚେୟାରମ୍ୟାନ୍ ଅନିଲ ଅମ୍ବାନୀ। ଆଜି ଇଡି ଅନିଲ୍‌ଙ୍କୁ ନୂଆଦିଲ୍ଲୀ ସ୍ଥିତ ଏହାର କାର୍ଯ୍ୟାଳୟରେ ଜେରା କରିଛି। ଏହା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ୧୦ ଦିନ ସମୟ ମାଗିଛନ୍ତି ଅନିଲ୍।

ମଙ୍ଗଳବାର ମନି ଲଣ୍ଡରିଂ ମାମଲାରେ ଇଡିରେ ହାଜର ହୋଇଥିବା ଅନୀଲ ଠକେଇ ସହ ଜଡିତ ଦସ୍ତାବିଜ ଦାଖଲ କରିବା ପାଇଁ ଇଡିକୁ ୧୦ ଦିନ ସମୟ ମାଗିଥିବା ସୂଚନା ମିଳିଛି। ସମ୍ପୃକ୍ତ ଠକେଇ ମାମଲାରେ ପଚରାଉଚରା ପାଇଁ ୬୬ ବର୍ଷୀୟ ଅନୀଲ ଅମ୍ବାନୀଙ୍କୁ ଇଡି ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟକୁ ଡକାଇ ଥିଲା। ଏଠାରେ ଅଧିକାରୀମାନେ ତାଙ୍କୁ ଠକେଇ ସମ୍ପର୍କରେ ପଚରାଉଚରା କରିବା ସହିତ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ତାଙ୍କ ବୟାନ ରେକର୍ଡ କରିଛନ୍ତି। ପଚରାଉଚରା ସମୟରେ, ଅନିଲ୍ ଇଡି ଅଧିକାରୀମାନଙ୍କୁ କହିଥିଲେ ଯେ ଠକେଇ ମାମଲା ସହିତ ଜଡିତ କାଗଜପତ୍ର ଏବଂ ତଥ୍ୟ ସଂଗ୍ରହ କରିବାକୁ ତାଙ୍କୁ ଅତି କମ୍‌ରେ ୭ରୁ ୧୦ ଦିନ ସମୟ ଲାଗିବ। ଏହାପରେ ଇଡି ତାଙ୍କୁ ସମୟ ଦେଇଛି। ୭-୧୦ ଦିନ ମଧ୍ୟରେ ଏଜେନ୍ସି ତାଙ୍କୁ ପୁଣିଥରେ ସମନ କରିପାରେ। ୧୭,୦୦୦ କୋଟି ଟଙ୍କାର ଏହି ମନି ଲଣ୍ଡରିଂ ଏବଂ ଋଣ ଠକେଇ ମାମଲାରେ କୌଣସି ସମ୍ପୃକ୍ତିକୁ ଅନିଲ୍ ଅସ୍ୱୀକାର କରିଥିଲେ। କହିଥିଲେ ଯେ ସମସ୍ତ ଆର୍ଥିକ ନିଷ୍ପତ୍ତି ତାଙ୍କ କମ୍ପାନୀଗୁଡ଼ିକର ଆଭ୍ୟନ୍ତରୀଣ ବୋର୍ଡ ଦ୍ୱାରା ନିଆଯାଇଥିଲା ଏବଂ ପରେ ସେ କେବଳ ସେଥିରେ ସ୍ୱାକ୍ଷର କରିଥିଲେ। ମାମଲାରେ ପୂର୍ବରୁ, ଇଡି ଅନିଲ ଅମ୍ବାନୀଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି କରିଥିଲା। ରିପୋର୍ଟ ଅନୁଯାୟୀ, ତଦନ୍ତକାରୀ ଅଧିକାରୀଙ୍କ ଅନୁମୋଦନ ବିନା ଅନିଲ୍ ଭାରତ ଛାଡିପାରିବେନାହିଁ। ଯଦି ସେ ବିଦେଶ ଯିବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କୁ ଅଟକ ରଖାଯାଇପାରେ।

ଜୁଲାଇ ୨୪ ତାରିଖରେ, ଇଡି ମୁମ୍ବାଇ ଏବଂ ଦିଲ୍ଲୀରେ ରିଲାଏନ୍ସ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ ସହିତ ଜଡିତ ୫୦ରୁ ଅଧିକ କମ୍ପାନୀ ଏବଂ ସ୍ଥାନରେ ଚଢ଼ାଉ କରିଥିଲା। ୨୫ ରୁ ଅଧିକ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା। ଏହି ଚଢାଉ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ର ଧାରା ୧୭ ଅନୁଯାୟୀ କରାଯାଇଥିଲା।

ଏହି ମାମଲାରେ ଇଡି ଶୁକ୍ରବାର ଓଡ଼ିଶା ଏବଂ କୋଲକାତାରେ ଚଢ଼ାଉ କରିଥିଲା। ୨୦୨୪ ନଭେମ୍ବର ୧୧ରେ ଇଡି ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଏହି ପ୍ରସଙ୍ଗରେ ଏକ ମାମଲା ରୁଜୁ କରିଥିଲା। ଇଡି ଅଭିଯୋଗ କରିଛି ଯେ ନକଲି ବ୍ୟାଙ୍କ ଗ୍ୟାରେଣ୍ଟି ଆଧାରରେ ଅନିଲଙ୍କ କମ୍ପାନୀକୁ ଚୁକ୍ତିନାମା ଦିଆଯାଇଥିଲା। ଭୁବନେଶ୍ୱରରେ ଇଡି ମେସର୍ସ ବିସୱାଲ ଟ୍ରେଡଲିଙ୍କ୍ ପ୍ରାଇଭେଟ ଲିମିଟେଡ ଉପରେ ଏହି ମାମଲାରେ ଚଢାଉ କରିଛି।

■ ଆଇଏଟିଏ ରିପୋର୍ଟ

## ଭାରତ ବିଶ୍ୱର ୫ମ ବୃହତ୍ ବିମାନ ଚଳାଚଳ ବଜାର

ନୂଆଦିଲ୍ଲୀ ୫।୮ (ଏଜେନ୍ସି): ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଟ୍ରାନ୍ସପୋର୍ଟ ଆସୋସିଏସନ (ଆଇଏଟିଏ) ସୋମବାର କହିଛି ଯେ ୨୪.୧ କୋଟି ଯାତ୍ରୀଙ୍କ ସଞ୍ଚାଳନ ସହିତ ୨୦୨୪ ମସିହାରେ ଭାରତ ବିଶ୍ୱର ପଞ୍ଚମ ସର୍ବ ବୃହତ୍ତ ଏଭିଏସନ ବଜାର ପାଲଟିଛି। ଏହି ଅବସରରେ ମୁମ୍ବାଇ ଓ ଦିଲ୍ଲୀ ବିମାନ ବନ୍ଦର ବିଶ୍ୱର ସବୁଠୁ ବ୍ୟସ୍ତତମ ବିମାନବନ୍ଦରଙ୍କ ମଧ୍ୟରେ ସାମିଲ ଥିଲେ। ଆଇଏଟିଏ ବିଶ୍ୱର ୩୫୦ ବିମାନ କମ୍ପାନୀଙ୍କ ପ୍ରତିନିଧିତ୍ୱ କରନ୍ତି। ସୋମବାର ବିଶ୍ୱ ଏୟାରପୋର୍ଟ ପରିସଂଖ୍ୟାନ ଜାରି କରିଛନ୍ତି।

ଏହି ପରିସଂଖ୍ୟାନ ଅନୁସାରେ ଗତବର୍ଷ ଭାରତରେ ବିମାନ ଯାତ୍ରୀଙ୍କ ସଂଖ୍ୟା ୨୧.୧ କୋଟି ଥିଲା, ଯାହା ପିଛିଲା ବର୍ଷ ୨୦୨୩ ତୁଳନାରେ ୧୧.୧ ପ୍ରତିଶତ ଅଧିକ ଥିଲା। ଏହି




ଅବଧିରେ ଜାପାନ ବିମାନବନ୍ଦରମାନେ ୨୦.୫ କୋଟି ଯାତ୍ରୀଙ୍କୁ ସଞ୍ଚାଳିତ କରିଥିଲେ, ଫଳରେ ବାର୍ଷିକ ବୃଦ୍ଧି ୧୮.୬% କୁ ପହଞ୍ଚିଥିଲା। ତେବେ ୮୭.୬ କୋଟି ଯାତ୍ରୀଙ୍କ ସହିତ ଆମେରିକା ବିଶ୍ୱର ସର୍ବ ବୃହତ୍ତ ଏଭିଏସନ ମାର୍କେଟ୍ ହୋଇ ରହିଛି। ତେବେ ଏଥିରେ ଆମେରିକାର ଘରୋଇ ବଜାରର ମୁଖ୍ୟ ଯୋଗଦାନ ଥିଲା। ସେହିପରି ୭୪.୧ କୋଟି ଯାତ୍ରୀଙ୍କ ସହିତ ଚୀନ୍ ଦ୍ୱିତୀୟ ସ୍ଥାନରେ ରହିଛି ଓ ଏଥିରେ ୨୦୨୩ ତୁଳନାରେ ୧୮.୭% ବୃଦ୍ଧି ହୋଇଛି। ୨୬.୧ କୋଟି ଯାତ୍ରୀଙ୍କ ସହିତ ବ୍ରିଟେନ ତୃତୀୟ ସ୍ଥାନରେ ଥିବା ବେଳେ ୨୪.୧ କୋଟି ଯାତ୍ରୀଙ୍କ ସହିତ ସ୍ପେନ ଚତୁର୍ଥ ସ୍ଥାନରେ ରହିଛି। ଏହି ତଥ୍ୟରେ ପ୍ରତ୍ୟେକ ଦେଶକୁ ଯାତାୟାତ କରିଥିବା ସମସ୍ତ ଅନ୍ତର୍ଜାତୀୟ ଓ ଘରୋଇ ଯାତ୍ରୀଙ୍କୁ ମଧ୍ୟ ସାମିଲ କରାଯାଇଛି। ଶୀର୍ଷ ୧୦ଟି ବିମାନ ବନ୍ଦର ମଧ୍ୟରେ ମୁମ୍ବାଇ ଓ ଦିଲ୍ଲୀ ୨୦୨୪ ମସିହାରେ ୫୯ ଲକ୍ଷ ଯାତ୍ରୀଙ୍କ ସହିତ ସବୁଠୁ ବ୍ୟସ୍ତତମ ଶ୍ରେଣୀର ସପ୍ତମ ସ୍ଥାନରେ ରହିଛି। ଏହି ତଥ୍ୟ ଏଭିଏସନ କ୍ଷେତ୍ରର ବୃଦ୍ଧି ଓ ବିକାଶ ଦିଗରେ ଏକ ସକରାତ୍ମକ ସଂକେତ ଦେଉଛି।

## ଟାଟା ପାୱାର ଓଡ଼ିଶା ଡିସ୍‌କମ୍ ପକ୍ଷରୁ ସ୍ଥାନୀୟ ଭେଣ୍ଡରଙ୍କୁ ୧୬,୦୦୦ କୋଟିର କାର୍ଯ୍ୟବରାଦ ପ୍ରଦାନ

ଭୁବନେଶ୍ୱର,୫।୮ (ସମିସ): ଓଡ଼ିଶାର ସ୍ଥାନୀୟ ଅର୍ଥନୀତି ଓ ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗରେ ସ୍ଥାପନ କରାଯାଇଥିବା ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସ୍‌କମ୍ ଗୁଡ଼ିକ ଗତ ଚାରି - ପାଞ୍ଚ ବର୍ଷରେ ସ୍ଥାନୀୟ ଭେଣ୍ଡର ଓ ଠିକାଦାରମାନଙ୍କୁ ପ୍ରାୟ ୧୫,୯୪୪ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରିଛନ୍ତି। ଏହି ବରାଦଗୁଡ଼ିକ ଟିପି ସେଣ୍ଟ୍ରାଲ, ଟିପି ସଦର୍ଣ୍ଣ, ଟିପି ନର୍ଦନ ଓ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ପରିଚାଳନାର ମୂଳଦୁଆ ପାଲଟିଥିବାବେଳେ ୧୭,୬୭୨ରୁ ଅଧିକ ବରାଦ ଆଂଚଳିକ ନିଯୁକ୍ତି ଓ ଉଦ୍ୟମିତା ପ୍ରତି ଉଲ୍ଲେଖଯୋଗ୍ୟ ଯୋଗଦାନ ପ୍ରଦାନ କରିଛି।



ଦିଆଯାଇଥିବା ମୋଟ୍ ବରାଦର ୫୮ ପ୍ରତିଶତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସଏମ୍‌ଇ) ଗୁଡ଼ିକୁ ପ୍ରଦାନ କରାଯାଇଛି ଯାହା ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସମର୍ଥନ ପାଇଁ ଡିସ୍‌କମ୍‌ଗୁଡ଼ିକର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ସମ୍ପୃକ୍ତିରେ ଉପକରଣ ପ୍ରକ୍ୟୁରମେଣ୍ଟ ଓ ସେବା ପ୍ରଦାନ ଭଳି ପରିଚାଳନା ଆବଶ୍ୟକତାର ବିଭିନ୍ନ କ୍ଷେତ୍ର ସାମିଲ ରହିଛି ଏବଂ ସାରା ରାଜ୍ୟର ଭେଣ୍ଡର ଏଥିରେ ଯୋଡ଼ି ହୋଇଛନ୍ତି। ବିଦ୍ୟୁତ୍ ଭିତ୍ତିଭୂମି ଆବଶ୍ୟକତା ପାଇଁ ପୁଞ୍ଜି ବ୍ୟୟ (କ୍ୟାପେକ୍ସ), ପରିଚାଳନା ବ୍ୟୟ (ଓପେକ୍ସ), ସରକାରୀ ପାଣ୍ଠି ପ୍ରକଳ୍ପ ଏବଂ ବାଣିଜ୍ୟିକ ଓ ଶିଳ୍ପ (ସିଆଣ୍ଡଆଇ) କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କାମ ପାଇଁ ଏହି ବରାଦଗୁଡ଼ିକ ଦିଆଯାଇଛି। ବଂଟନ ଟ୍ରାନ୍ସଫର୍ମର, ତାର, ଖୁଂଟ, ଏଲଟି ଓ ଏଚ୍‌ଟି ହାର୍ଡୱେର, ଲାପଟପ, ଡେସ୍କଟପ ଓ ଅନ୍ୟାନ୍ୟ ପ୍ରମୁଖ ଉପକରଣ ଯୋଗାଣ କ୍ଷେତ୍ରରେ ପ୍ରାୟ ୨୫୦୦ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରାଯାଇଛି।

### ଟ୍ରମ୍ପ୍ ଟାରିଫ୍‌ର ମୁକାବିଲା ପାଇଁ ଭାରତର ଯୋଜନା

# ପ୍ରସ୍ତୁତ ହେବ ୨୦ ହଜାର କୋଟିର ମିଶନ

ନୂଆଦିଲ୍ଲୀ,୫।୮ (ଏଜେନ୍ସି)




ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଥିବା ଟାରିଫ୍ ବା ଶୁଳ୍କର ମୁକାବିଲା ପାଇଁ ଭାରତ ସମ୍ପ୍ରତି ଏକ ବଡ଼ ଯୋଜନା ଉପରେ ପ୍ରସ୍ତୁତି ଚଳାଇଛି। ଏଥିରେ ଭାରତ ଏକ ୨୦ ହଜାର କୋଟି ଟଙ୍କାର ମିଶନ ପ୍ରସ୍ତୁତ କରୁଛି। ବିଶ୍ୱ ବାଣିଜ୍ୟ ଶୁଳ୍କ ମାଡ଼ର ଅନିଶ୍ଚିତତାରୁ ରପ୍ତାନିକାରୀଙ୍କୁ ଦେବ ସୁରକ୍ଷା। ଏଥିରେ ରପ୍ତାନୀକାରୀଙ୍କୁ ଶସ୍ତା ଏବଂ ସହଜ ଋଣ ଯୋଗାଇ ଦିଆଯିବ। ବିଶ୍ୱର ପ୍ରମୁଖ ଦେଶରେ ଅଧିକ ବିକ୍ରି ହେବ ଇଣ୍ଡିଆନ୍ ବ୍ରାଣ୍ଡର ଉତ୍ପାଦ। କାରଣ ଆମେରିକାର ଶୁଳ୍କର ପ୍ରଭାବକୁ ହ୍ରାସ କରିବା ପାଇଁ ବଡ ପଦକ୍ଷେପ ନେଇଛି ଭାରତ।

ଏକ ରିପୋର୍ଟ ଅନୁଯାୟୀ, ଭାରତ ସରକାର ସେପ୍ଟେମ୍ବର ସୁଦ୍ଧା ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରୁଛନ୍ତି, ଯାହା ଅଧୀନରେ ରପ୍ତାନିକାରୀଙ୍କୁ ୨୦,୦୦୦ କୋଟି ଟଙ୍କାର ରପ୍ତାନି ପ୍ରୋତ୍ସାହନ ମିଶନ ଦ୍ୱାରା ସମର୍ଥନ କରାଯିବ। ଏହାର ଉଦ୍ଦେଶ୍ୟ ହେଉଛି ବିଶ୍ୱ ବାଣିଜ୍ୟ ଏବଂ ଶୁଳ୍କ ଆଘାତର ଅନିଶ୍ଚିତତାରୁ ଭାରତର ରପ୍ତାନିକାରୀଙ୍କୁ ସୁରକ୍ଷା ଦେବା। ଅଗଷ୍ଟ ୭ରୁ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୨୫% ଟାରିଫ ଲାଗୁ କରିବ। ଏବେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଅଧିକ ଶୁଳ୍କ ବୃଦ୍ଧି କରିବାକୁ କହିଛନ୍ତି। ଭାରତ ରୁଷଠାରୁ ବିପୁଳ ପରିମାଣର ତେଲ କିଣୁଛି ଏବଂ ରୁଷ ଏହି ଟଙ୍କାକୁ ୟୁକ୍ରେନ ବିରୁଦ୍ଧରେ ବ୍ୟବହାର କରୁଛି ବୋଲି ଅଭିଯୋଗ କରିଛନ୍ତି ଟ୍ରମ୍ପ।

ଟ୍ରମ୍ପ କହିଛନ୍ତି ଯେ ଯଦି ପରିସ୍ଥିତି ସମାନ ରୁହେ, ତେବେ ଆମେରିକା ଭାରତ ଉପରେ ଅଧିକ ଶୁଳ୍କ ଲଗାଇବ। କିନ୍ତୁ ଏପଟେ ଭାରତ ଟ୍ରମ୍ପ ଶୁଳ୍କ ମୁକାବିଲା କରିବା ପାଇଁ ଅନେକ ଉପାୟ ଅବଲମ୍ବନ କରୁଛି। ଭାରତ ବିଶ୍ୱ ବାଣିଜ୍ୟର ଅନିଶ୍ଚିତତା ଏବଂ ଉତ୍ଥାନ-ପତନରୁ ଏହାର ରପ୍ତାନିକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ସେପ୍ଟେମ୍ବର ସୁଦ୍ଧା ଏକ ଦୀର୍ଘକାଳୀନ ଯୋଜନା ଉପସ୍ଥାପନ କରିବାକୁ ଯୋଜନା କରୁଛି। ରିପୋର୍ଟରେ କୁହାଯାଇଛି ଯେ ସରକାର ଏକ ନୂତନ ରପ୍ତାନି ପ୍ରୋତ୍ସାହନ ମିଶନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଅଧୀନରେ ରପ୍ତାନିକାରୀମାନଙ୍କୁ ଶସ୍ତା ଏବଂ ସହଜ ଋଣ ଉପଲବ୍ଧ କରାଯିବ। ଏହାଦ୍ୱାରା ସେମାନେ ସେମାନଙ୍କର ବ୍ୟବସାୟ ବୃଦ୍ଧି କରିପାରିବେ। ଏହା ବ୍ୟତୀତ, ବିଦେଶୀ ବଜାରରେ ଅଣ-ଶୁଳ୍କ ପ୍ରତିବନ୍ଧକଗୁଡ଼ିକର ମୁକାବିଲା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ଏହି ଯୋଜନା ଜାପାନ, କୋରିଆ ଏବଂ ସ୍ୱିଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକର ନୀତି ପରି ବିଶ୍ୱ ସ୍ତରରେ ଭାରତର ବ୍ରାଣ୍ଡକୁ ମାନ୍ୟତା ଦେବା ପାଇଁ ଚେଷ୍ଟା କରିବ। ଏହା ଅଧୀନରେ, ଇ-କମର୍ସ ହବ୍ ସୃଷ୍ଟି କରାଯିବ ଏବଂ ବିଭିନ୍ନ କେନ୍ଦ୍ରକୁ ରପ୍ତାନି କେନ୍ଦ୍ରରେ ପରିଣତ କରାଯିବ।

ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ରପ୍ତାନିକାରୀମାନଙ୍କୁ ଘରୋଇ ବ୍ରାଣ୍ଡ ସୃଷ୍ଟି ଏବଂ ପ୍ରୋତ୍ସାହନ ପାଇଁ ଅନୁରୋଧ କରୁଛି। ଏହା ବିଦେଶୀ ବଜାରରେ ଭାରତୀୟ ଉତ୍ପାଦଗୁଡ଼ିକର ସ୍ୱୀକୃତି ବୃଦ୍ଧି କରିବ ଏବଂ ଆମେରିକା ଭଳି ସ୍ଥାନରେ ଲାଗୁ ହୋଇଥିବା ଶୁଳ୍କର ପ୍ରଭାବକୁ ହ୍ରାସ କରିବ। ଏହି ମିଶନ ବାଣିଜ୍ୟ, ଏମ୍‌ଏସ୍‌ଏମ୍‌ଇ ଏବଂ ଅର୍ଥ ମନ୍ତ୍ରଣାଳୟ ସହିତ ମିଳିତ ଭାବରେ ପରିଚାଳିତ ହେବ। ଅଧିକାରୀମାନେ କହିଛନ୍ତି ଯେ ଯୋଜନାଟି ଅଗଷ୍ଟ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବ ଯାହା ଦ୍ୱାରା ଏହାକୁ ସେପ୍ଟେମ୍ବରରୁ କାର୍ଯ୍ୟକାରୀ କରାଯାଇପାରିବ।

## ୯ ରୁ ଟାଇ ଭୁବନେଶ୍ୱର ଟାଇକନ୍ ୨୦୨୫

ଭୁବନେଶ୍ୱର, ୫।୮ (ସମିସ): ଓଡିଶାରେ ୧୩ ବର୍ଷର ପ୍ରଭାବଶାଳୀ ଉପସ୍ଥିତି ପରେ ଟାଇ (ଟିଆଇଇ) ଭୁବନେଶ୍ୱର ଆସନ୍ତା ଅଗଷ୍ଟ ୯ ଓ ୧୦ ତାରିଖ, ୨୦୨୫ରେ ଭୁବନେଶ୍ୱରରେ ଆନ୍ତର୍ଜାତୀୟ ସ୍ୱୀକୃତି ସହିତ ଏକ ଜାତୀୟସ୍ତରୀୟ ଉଦ୍ୟୋଗିକତା ସମ୍ମିଳନୀ ଟାଇକନ ୨୦୨୫ର ଆୟୋଜନ କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହି ସମ୍ମିଳନୀ ଉଦ୍ୟୋଗିକତା ଓ ଉଦ୍ଭାବନ ପାଇଁ ଏକ ବିକଶିତ କେନ୍ଦ୍ରରେ ପରିଣତ ହେବା ଦିଗରେ ଓଡିଶାର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଟାଇକନ ୨୦୨୫ ଘୋଷଣା ଅବସରରେ ଅୟସକାନ୍ତ ମହାନ୍ତି, ଅଧ୍ୟକ୍ଷ, ଟାଇ ଭୁବନେଶ୍ୱର, ସତ୍ୟବ୍ରତ ରଥ, ଉପାଧ୍ୟକ୍ଷ, ଟାଇ ଭୁବନେଶ୍ୱର, ଶ୍ରୀଯୁକ୍ତ ଅନ୍ନଦା ପ୍ରସାଦ ପାଢୀ, ସଚିବ, ଟାଇ ଭୁବନେଶ୍ୱର ଏବଂ ରାକେଶ କୁମାର ଗୁପ୍ତା, କୋଷାଧ୍ୟକ୍ଷ, ଟାଇ ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦୁଇ ଦିବସୀୟ ସମ୍ମିଳନୀରେ ଭାରତ ଏବଂ ଶ୍ରୀଲଙ୍କା, ସିଙ୍ଗାପୁର, ୟୁଏଇ (ଦୁବାଇ) ଓ ୟୁଏସଏ ଭଳି ଦେଶଗୁଡିକରୁ ଉଦ୍ୟୋଗୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଅଂଶଗ୍ରହଣ କରିବେ। ଓଡିଶାକୁ ବ୍ୟବସାୟ ଓ ଉଦ୍ଭାବନ ପାଇଁ ଏକ




ଆକର୍ଷଣୀୟ ଗନ୍ତବ୍ୟସ୍ଥଳୀ ଭାବେ ହାଇଲାଇଟ କରିବା ପାଇଁ ଡିଜାଇନ କରାଯାଇଥିବା ଟାଇକନ ୨୦୨୫କୁ ଓଡିଶା ସରକାରଙ୍କ ସହ ସହଭାଗିତାରେ ଆୟୋଜନ କରାଯିବ। ୧୦୦ରୁ ଅଧିକ ବିଦେଶୀ ଅଂଶଗ୍ରହଣକାରୀଙ୍କ ସମେତ ୫୦୦ରୁ ଅଧିକ ପ୍ରତିନିଧି ଏହି ବିଶାଳ ଉଦ୍ୟୋଗିକତା ସମ୍ମିଳନୀରେ ଯୋଗ ଦେବାର ସମ୍ଭାବନା ରହିଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନ, ନେଟ୍‌ୱର୍କିଂ ସୁଯୋଗ ଏବଂ ୪ଟି ପ୍ରମୁଖ ପଦକ୍ଷେପର ଲଂଚ ସହ ସୁସଜ୍ଜିତ ରହିଛି ଯାହା ରାଜ୍ୟରେ ଉଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ ଜେଲ୍

କଟକ,୫।୮ (ସମିସ): ଜନୈକା ୭ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତକୁ କଟକସ୍ଥିତ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ-୧ ଦୋଷୀ ସାବ୍ୟସ୍ତ କରିଛନ୍ତି। ପକସୋ ସଂଶୋଧିତ ଆଇନ-୨୦୧୯ର ଧାରା ୬ ଓ ବିଏନଏସ ଧାରା ୬୫(୨)/୧୧୫(୨)/୩୫୧(୨)/୧୨୬(୨) ଅନୁସାରେ ଅଭିଯୁକ୍ତ ତଥା ପୁରୀ ଜିଲ୍ଲା ପିପିଲି ଥାନା ବାଗେଶ୍ୱରପୁର ଗ୍ରାମର ସ୍ଥାୟୀ ବାସିନ୍ଦା ତଥା କଟକ ଭଦ୍ରେଶ୍ୱର ଥାନା ଗୋପାଳପୁର ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ଲିଟୁ ପାତ୍ର (୪୦)କୁ ୨୦ବର୍ଷ ସଶ୍ରମ ଜେଲ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଅଦାଲତ କହିଛନ୍ତି। ସେହିଭଳି ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଗତ ୨୦୨୪ସେପ୍ଟେମ୍ବର ୧୬ରେ ଭଦ୍ରେଶ୍ୱର ଥାନା ଅଞ୍ଚଳର ପୀଡିତା ନାବାଳିକା ଜଣକ ସାଙ୍ଗ ମାନଙ୍କ ସହ ଖେଳୁଥିବା ବେଳେ ଅଭିଯୁକ୍ତ ଜଣକ ପୀଡିତାଙ୍କୁ ତାଙ୍କ ଘରକୁ ଡାକି ଚକୋଲେଟ ଦେଇଥିଲା। ପରେ ପୀଡିତାଙ୍କ ସହ ଅଭିଯୁକ୍ତ ଜଣକ ଦୁଷ୍କର୍ମ କରିଥିଲା। ପୀଡ଼ିତାଙ୍କ ମା' ଭଦ୍ରେଶ୍ୱର ଥାନାରେ ଗତ ୨୦୨୪ସେପ୍ଟେମ୍ବର ୧୭ରେ ଏକ ଏତଲା ଦେଇଥିଲେ। ସେହି ଦିନ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା ବେଳେ ୨୦୨୪ନଭେମ୍ବର ୧୫ରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତ ଗତ ୨୦୨୫ ଜୁଲାଇ୩୧ତାରିଖରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ତେବେ ଆଜି ସାକ୍ଷୀଙ୍କ ବୟାନ ରେକର୍ଡ ଓ ପ୍ରମାଣ ଦସ୍ତାବିଜ ଆଧାରରେ ଅଦାଲତ ଆସାମୀକୁ ୨୦ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ଏସ.ପି.ମହାନ୍ତି।

### ଏସ୍‌ଭିଏମ୍ କଲେଜ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

# ପୁଲିସର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଲା ବିଜେଡି

ଜଗତସିଂହପୁର,୫।୮ (ସମିସ): ଜଗତସିଂହପୁର ଜିଲ୍ଲାର ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ +୩ ବିଜ୍ଞାନ ଛାତ୍ର ଅମନ ମହାପାତ୍ରଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ଘଟଣାକୁ ନିନ୍ଦା କରିଛି ବିଜେଡି। ଶାସକ ଦଳର ସମର୍ଥକ ବୋଲାଉଥିବା କିଛି ଛାତ୍ର ଓ ଅଣଛାତ୍ର



ଗତକାଲି ଅମନଙ୍କ ଉପରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଘଟଣା ସମ୍ପର୍କରେ ଅମନ ଜଗତସିଂହପୁର ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ତେବେ ଏହି ମାମଲାର ନିରପେକ୍ଷ ତଦନ୍ତ ବଦଳରେ ଏହାକୁ ରଫାଦଫା କରିବା ପାଇଁ ଅମନ ମହାପାତ୍ରଙ୍କ ପରିବାର ଉପରେ ପୁଲିସ ଚାପ ପକାଇଥିବା ସିପି ନିକଟସ୍ଥ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଅଭିଯୋଗ କରିଛନ୍ତି। ସେ ନିଜେ ଏସ୍‌ଭିଏମ୍ କଲେଜର ଛାତ୍ର ଥିଲେ। ତେବେ କଲେଜ ପରିସରରେ ଏଭଳି ଘଟଣା ପୂର୍ବରୁ କେବେ ଘଟି ନ ଥିଲା ବୋଲି ଶ୍ରୀ ମୁଦୁଲି କହିଛନ୍ତି। ସେହିପରି ଅମନଙ୍କ ଏତଲା ଆଧାରରେ ଥାନାରେ ଅଟକ ଥିବା ଅନ୍ୟ ଜଣେ ଛାତ୍ରଙ୍କୁ ବିନା ତଦନ୍ତରେ ପୁଲିସ ଛାଡ଼ିଦେଇଥିବା ଶ୍ରୀ ମୁଦୁଲି ଅଭିଯୋଗ କରିବା ସହ ପୁଲିସ ପ୍ରଶାସନ ଶାସକ ଦଳର ଚାପରେ କାମ କରୁଛି ବୋଲି ମଧ୍ୟ ଅଭିଯୋଗ କରିଥିଲେ। ଏହି ସ୍ୱନାମଧନ୍ୟ କଲେଜରେ କିପରି ଶୈକ୍ଷିକ ବାତାବରଣରେ ସୁଧାର ଆସିବ, ସେଥିପାଇଁ କଲେଜ ଅଧ୍ୟକ୍ଷ ପଦକ୍ଷେପ ନେବା ସହିତ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଥିବା ଶ୍ରୀ ମୁଦୁଲି ସୂଚନା ଦେଇଥିଲେ। ଏଥିରେ ବ୍ୟତିକ୍ରମ ହେଲେ ବିଜେଡି ଚୁପ୍ ହୋଇ ବସିବନି। ଆବଶ୍ୟକ ପଡ଼ିଲେ, ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି ଜିଲ୍ଲା ବିଜେଡି ଶ୍ରୀ ମୁଦୁଲି।

ଜିଲ୍ଲା ଛାତ୍ର ବିଜେଡି ସଭାପତି ସମିତ୍ କୁମାର ଲେଙ୍କା ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କଲେଜର କିଛି ଛାତ୍ର ଆମେ ଶାସକ ଦଳର ପିଲା। ଆମର କିଏ କ'ଣ କରିବ ବୋଲି କହି ବିଭିନ୍ନ ସମୟରେ କଲେଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ କରିଥିଲେ। ଆଗାମୀ ଦିନରେ କଲେଜ ନିର୍ବାଚନ

**ପରିସ୍ଥିତିରେ ସୁଧାର ନ ହେଲେ ଆନ୍ଦୋଳନ ଚେତାବନୀ**

ଅନୁଷ୍ଠିତ ହେବାକୁ ଥିବାରୁ କିଛି କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କୁ ହାତ କରି ଛାତ୍ରଛାତ୍ରୀଙ୍କ ଉପରେ ଚାପ ପକାଯାଉଛି ବୋଲି ଶ୍ରୀ ଲେଙ୍କା ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ଉପସଭାପତି ସୁଜାତା ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର ଓ ଯୁବନେତା ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ।

## ୮ରେ ଡିଜି ଅଫିସ୍ ଘେରିବ କଂଗ୍ରେସ

- ସପ୍ତାହବ୍ୟାପୀ କଂଗ୍ରେସର ନାରୀ ନ୍ୟାୟଯାତ୍ରା
- କାର୍ଯ୍ୟାନୁଷ୍ଠାନ ନ ହେଲେ ସବୁ ଥାନା ଘେରିବ ଦଳ

ଭୁବନେଶ୍ୱର,୫।୮ (ସମିସ): ବଳଙ୍ଗା ନାବାଳିକା ପୋଡ଼ି ଘଟଣାର ୩ ଦୁର୍ବୃତ୍ତଙ୍କ ଗିରଫ ଦାବିରେ ଆସନ୍ତା ୮ ତାରିଖରେ କଟକସ୍ଥିତ ପୁଲିସ ଡିଜି କାର୍ଯ୍ୟାଳୟ ଘେରଉ କରିବ ରାଜ୍ୟ କଂଗ୍ରେସ। ସକାଳ ୧୦ଟାରେ ଏହି ଘେରାଉ କାର୍ଯ୍ୟକ୍ରମ ଆରମ୍ଭ ହେବ। ସହସ୍ର ସଂଖ୍ୟାରେ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ମହିଳାଙ୍କ ସୁରକ୍ଷା ଦିଗରେ ସଚେତନ ମହିଳା ଓ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ଓ ସଂଗଠନ ବହୁ ସଂଖ୍ୟାରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨ତାରିଖ ଶନିବାର ସନ୍ଧ୍ୟାରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ପରେ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ପିସିସି ପକ୍ଷରୁ ଶ୍ରୀ ଦାସ ସରକାରଙ୍କୁ ସାତ ଦିନର ମହଲତ ଦେଇଥିଲେ। ସେହିପରି ଆସନ୍ତା ୧୦ ତାରିଖରେ ପୂର୍ବାହ୍ନ ୮.୩୦ରେ ଦିବଂଗତ ବଳଙ୍ଗା ନାବାଳିକାଙ୍କ ପାଇଁ 'ନାରୀ ନ୍ୟାୟ ପଦଯାତ୍ରା' ବାୟାବରରୁ ବାହାରି ନିମାପଡ଼ାରେ ପହଞ୍ଚିବ। ଏଥିରେ ଯୋଗଦେଇ ବଳଙ୍ଗା ପୀଡ଼ିତାଙ୍କ ପାଇଁ ନ୍ୟାୟ ନିମନ୍ତେ ଲଢେଇରେ ସାମିଲ ହେବାକୁ ଶ୍ରୀ ଦାସ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟ ପକ୍ଷରେ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୯ଟାରେ ଫକୀରମୋହନ କଲେଜ ପାଖରୁ ନାରୀ ନ୍ୟାୟ ପଦଯାତ୍ରାରେ ରାଜ୍ୟର ବରିଷ୍ଠ ନେତୃବୃନ୍ଦଙ୍କ ସହ ଅନ୍ୟ ସମସ୍ତଙ୍କୁ ନେଇ ଦଳ ପକ୍ଷରୁ ନଗର ପରିକ୍ରମା କରାଯିବ। ଉପରୋକ୍ତ ସମସ୍ତ ଦାବି ପୂରଣ ନ ହେଲେ ସପ୍ତାହବ୍ୟାପୀ ରାଜ୍ୟର ସମସ୍ତ ଥାନାର ଘେରାଉ କାର୍ଯ୍ୟକ୍ରମ କରିବାକୁ କଂଗ୍ରେସ ଘୋଷଣା କରିଛି।



## ଆଜିର ରାଶିଫଳ

**ମେଷ:** କଳା, ବିଜ୍ଞାନ ଓ ବାଣିଜ୍ୟରେ ଆଶାନୁରୂପ ଫଳ ମିଳିବ। ପାରିବାରିକ ସୁଖଶାନ୍ତି ବୃଦ୍ଧି ପାଇବ। ମହିଳାମାନଙ୍କର ବିଳାସ ବ୍ୟସନରେ ଦିନଟି କଟିବ। ଆୟ ତୁଳନାରେ ବ୍ୟୟ ଅଧିକ ରହିବ।

**ବୃଷ:** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ନୂତନ ନିବେଶ କରି ଦ୍ୱନ୍ଦ୍ୱରେ ପଡ଼ିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତାରେ ରହିବେ। ଅତିଥି ସତ୍କାର କରିବେ।

**ମିଥୁନ:** ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା ପାଇଁ ଯୋଜନା କରିବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଉତ୍ତମ ସମୟ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦୀର୍ଘ ଦିନରୁ ଅଟକିଥିବା କାର୍ଯ୍ୟ ପୂରା ହେବ। ମହିଳାଙ୍କ ଦୃଷ୍ଟିକୋଣ ସକାରାତ୍ମକ ରହିବ। ପାରିବାରିକ ସହଯୋଗ ପାଇ ମନ ପ୍ରସନ୍ନ ରହିବ। ସମାଜରେ ମାନ ସମ୍ମାନ ବଢ଼ିବ। ଅଯଥା ଯୁକ୍ତି କରନ୍ତୁନି।

**ସିଂହ:** ବ୍ୟବସାୟରେ କ୍ଷତି ସହିପାରନ୍ତି। ପୂର୍ବ କଥାକୁ ନେଇ ମନସ୍ତାପରେ ରହିବେ। ବନ୍ଧୁବାନ୍ଧବଙ୍କ ଆଗମନ ହେବ। ଧାର୍ମିକ କାର୍ଯ୍ୟରେ ସମୟ କଟିବ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ମହିଳାଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**କନ୍ୟା :** ପାରିବାରିକ ସମସ୍ୟା ଲାଗିରହିବ। ଆଶା କରିଥିବା ଦିଗରୁ ଅର୍ଥ ମିଳିବନି। ଛାତ୍ରଛାତ୍ରୀମାନେ ଚେଷ୍ଟା ଜାରି ରଖି ସଫଳତା ପାଇବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହେବ।

**ତୁଳା:** ନିଜର କ୍ୟାରିୟରକୁ ନେଇ ଚିନ୍ତିତ ରହିବେ। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଉତ୍ତମ ରହିବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ବିଛା:** ଦୀର୍ଘ ଦିନର କାମ ସଂପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କ ସାହାଯ୍ୟ ପାଇବେ। ସହକର୍ମୀଙ୍କଠାରୁ ସହଯୋଗ ପାଇବେ। ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନୋଯୋଗ ଦିଅନ୍ତୁ। ଆୟ ଅନୁସାରେ ବ୍ୟୟ ଅଧିକ ହେବ।

**ଧନୁ:** ପାରିବାରିକ ସୁଖସମୃଦ୍ଧି ବୃଦ୍ଧି ହେବ। ପଡ଼ୋଶୀଙ୍କ ସହ ମନାନ୍ତର ହୋଇପାରେ। ଅଜଣା ବ୍ୟକ୍ତି ବନ୍ଧୁତାର ହାତ ବଢ଼ାଇବେ। ଲେଖାପଢ଼ାରେ ଛାତ୍ରଛାତ୍ରୀମାନଙ୍କ ଏକାଗ୍ରତା ବଢ଼ିବ।

**ମକର:** ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। କଳା ଓ ସଂସ୍କୃତିରେ ସମ୍ମାନ ବୃଦ୍ଧି ପାଇବ। ପରିବାରରେ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରନ୍ତୁ। ଧର୍ମକାର୍ଯ୍ୟ ପ୍ରତି ଆସ୍ଥା ବଢ଼ିବ। ଆପଣଙ୍କ ବ୍ୟବହାରରେ ପ୍ରତ୍ୟେକ ବ୍ୟକ୍ତି ପ୍ରଭାବିତ ହେବେ। ପଡୋଶୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ।

**ମୀନ:** ଆର୍ଥିକ ଲାଭ ମିଳିପାରେ। ସୁସ୍ଥ ଅନୁଭବ କରିବେ। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୂଆ ପଦକ୍ଷେପ ନେବେ। ସମାଜରେ ପ୍ରସିଦ୍ଧି ବଢ଼ିବ। କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୮୬୨- ମାନ୍ଦ୍ରାସ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୧୪- ଅଷ୍ଟ୍ରିଆ, ରୁଷ୍ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୬୨- ଜାମାଇକା ସ୍ୱାଧୀନ ହେଲା।
- ୧୯୮୬- ଭାରତର ପ୍ରଥମ ଟେଷ୍ଟ ଟ୍ୟୁବ୍ ବେବି ମୁମ୍ବାଇରେ ଜନ୍ମ ନେଲା।
- ୨୦୧୦- ଜମ୍ମୁ କାଶ୍ମୀରରେ ଭୀଷଣ ବନ୍ୟା ଯୋଗୁ ୨୫୫ ଲୋକଙ୍କ ପ୍ରାଣହାନି।
- ୨୦୧୨- ନାସାର କ୍ୟୁରୋସିଟି ରୋଭର୍ ମଙ୍ଗଳ ଗ୍ରହରେ ପହଞ୍ଚିଲା।

# ଯୁବତୀ ୧୦ ଦିନରେ ଥରେ ଗାଧାନ୍ତି



ଦୈନନ୍ଦିନ ଦିନଚର୍ଯ୍ୟାର ଏକ ପ୍ରଧାନ କାମ ହେଉଛି ସ୍ନାନ। ତେଣୁ ନିତିଦିନ ସମସ୍ତେ ଗାଧାନ୍ତି। ସେହିପରି ପିଲାବେଳୁ ହିଁ ପ୍ରତିଦିନ ଗାଧୋଇବା ପାଇଁ କୁହାଯାଏ। ଏହି କ୍ରମରେ ଜଣେ ଯୁବତୀ ୧୦ ଦିନରେ ଥରୁଟିଏ ଗାଧାନ୍ତି। ଏହିପରି ଭାବେ ମାସକୁ ତିନି ଦିନ ସେ ଗାଧୋଉ ଥିବା କଥା କହିଛନ୍ତି। ତାଙ୍କର ଏହି କଥା ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ୨୩ ବର୍ଷୀୟା ସୋସିଆଲ ମିଡିଆ ଇନଫ୍ଲୁଏନସର ହେଉଛନ୍ତି ଆୟଡେନ ଜେନ। ନିୟମିତ ଗାଧୋଇବାକୁ ପସନ୍ଦ କରୁ ନ ଥିବା ଯୁବତୀଙ୍କ ଉଦ୍ଦେଶ୍ୟରେ ସେ ଏକଥା ସେୟାର୍ କରିଥିବା କହିଛନ୍ତି। ସେ କହିଛନ୍ତି, ସେ ୧୦ ଦିନରେ ଥରେ ଗାଧାନ୍ତି। ଏହି ଦିନଚର୍ଯ୍ୟା କେବେ ବି ବଦଳୁ ନ ଥିବା ସେ କହିଛନ୍ତି। ସେହିପରି ସାତଦିନ ନ ଗାଧୋଇବା ଦ୍ୱାରା ସେ ସୁସ୍ଥ ଓ ସତେଜ ଅନୁଭବ କରୁଥିବା କୁହନ୍ତି। ଅବଶ୍ୟ ସେ ପିଲାଦିନେ ପ୍ରତିଦିନ ଗାଧୋଉ ଥିଲେ। ଏବେ ଗାଧୋଇବା ଅଭ୍ୟାସ ଛାଡ଼ିବା ପରେ ବି ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ ଆସି ନ ଥିବା କହନ୍ତି। ଏହାଦ୍ୱାରା ତାଙ୍କ ଶରୀରରୁ ଦୁର୍ଗନ୍ଧ ଆସୁ ନାହିଁ କିମ୍ବା କେଶ ମଧ୍ୟ ପ୍ରଭାବିତ ହେଉ ନ ଥିବା ସ୍ପଷ୍ଟ କରିଛନ୍ତି। ପରିବେଶ ସୁରକ୍ଷା ଓ ଜଳ ସଞ୍ଚୟ ପାଇଁ ଜେନ୍ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ସେହିପରି ସେ କୌଣସି ପରିଶ୍ରମ କରୁ ନ ଥିବାରୁ ତାଙ୍କ ଶରୀରରୁ ଝାଳ ବୋହୁ ନାହିଁ। ଫଳରେ ଶରୀରରୁ ଦୁର୍ଗନ୍ଧ ଆସୁ ନାହିଁ। ତେଣୁ ଗାଧୋଇବାର ଆବଶ୍ୟକତା ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କର ଏହି ନିଷ୍ପତ୍ତିକୁ ନେଇ ଲୋକେ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ନିଜ ପାଇଁ ନହେଲେ ଅନ୍ତତଃ ଅନ୍ୟମାନଙ୍କ ପାଇଁ ସେ ନିୟମିତ ଗାଧାନ୍ତୁ ବୋଲି ଲୋକେ କହିଛନ୍ତି।

# ହିରୋସୀମା ଦିବସ




ପ୍ରତିବର୍ଷ ଅଗଷ୍ଟ ୬ ତାରିଖକୁ ହିରୋସୀମା ଦିବସ ପାଳନ କରାଯାଏ। ଏହି ଦିନ ଆମକୁ ୧୯୪୫ ମସିହାର ଜାପାନର ହିରୋସୀମା ସହର ଉପରେ ପରମାଣୁ ବୋମାର ଭୟାବହ ରୂପକୁ ମନେ ପକାଇଦିଏ। ଶାନ୍ତିର ରାଜନୀତିକୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ବିଶ୍ୱ ଆଜିର ଦିନରେ ହିରୋସୀମା ଦିବସ ପାଳନ କରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ଶକ୍ତିଶାଳୀ ଆମେରିକା ବିପକ୍ଷରେ ଥିଲା। ଏହି ସମୟରେ ଆମେରିକାର ନାଭାଲ୍ ଷ୍ଟେସନ ପର୍ଲ ହାର୍ବର୍ ଉପରେ ଜାପାନ ଏୟାର ଫୋର୍ସ ହଠାତ୍ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ବହୁସଂଖ୍ୟାରେ ଆମେରିକୀୟ ସୈନିକଙ୍କର ମୃତ୍ୟୁ ହୋଇଥିଲା। ଆମେରିକା ପର୍ଲ ହାର୍ବର୍ ଆକ୍ରମଣ ଘଟଣାର ପ୍ରତିଶୋଧ ନେବା ପାଇଁ ପଣ କରିଥିଲା। ଏଥିପାଇଁ ୧୯୪୫ ଅଗଷ୍ଟ ୬ ତାରିଖରେ ଜାପାନର ହିରୋସୀମା ଉପରେ ଆମେରିକା ତାହାର ପ୍ରଥମ ପରମାଣୁ ବୋମା 'ଲିଟିଲ୍ ବୟ' ପକାଇଥିଲା। ଏହାସତ୍ତ୍ୱେ ଜାପାନ ମିତ୍ରଶକ୍ତି ପାଖରେ ଆତ୍ମସମର୍ପଣ ନ କରିବାରୁ ୩ ଦିନ ପରେ ଜାପାନର ଅଗ୍ରଣୀ ଶିଳ୍ପ ସହର ନାଗାସାକି ଉପରେ ଆମେରିକା ଦ୍ୱିତୀୟ ପରମାଣୁ ବୋମା 'ଫ୍ୟାଟ୍ ମ୍ୟାନ୍' ପକାଇଥିଲା। ଏଥିରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଚାଲି ଯାଇଥିଲା। ଲକ୍ଷ ଲକ୍ଷ ଲୋକ ଦିବ୍ୟାଙ୍ଗ ହୋଇଯାଇଥିଲେ। ମୃତ୍ୟୁର ଉପତ୍ୟକାରେ ପରିଣତ ହୋଇଥିଲା ଜାପାନର ଏହି ଦୁଇ ସହର। ମୃତକଙ୍କ ମଧ୍ୟରେ ଥିଲେ ଅଧିକାଂଶ ସାଧାରଣ ନାଗରିକ। ସେହି ଦୁଃଖଦ ମୁହୂର୍ତ୍ତକୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଏ। ଜାପାନ ଉପରେ କରିଥିବା ଏହି ବିସ୍ଫୋରଣ ପାଇଁ ଆମେରିକା ଅନେକଥର ପଶ୍ଚାତାପ କରିଛି ଏବଂ ସାରା ବିଶ୍ୱର ସମାଲୋଚନାର ପାତ୍ର ମଧ୍ୟ ହୋଇଛି। ଏହି ବୋମା ପରେ ହିଁ ଏସିଆରେ ଦ୍ୱିତୀୟ ଯୁଦ୍ଧର ସମାପ୍ତି ଔପଚାରିକତା ହୋଇ ରହିଯାଇଥିଲା। ଜାପାନ୍ ସେନା ପଛଘୁଞ୍ଚା ଦେଇଥିଲେ। ୧୯୪୫ ମସିହା ଅଗଷ୍ଟ ୬ ତାରିଖ ଦିନ ସକାଳ ୮ଟା ୧୫ ମିନିଟ୍‌ରେ ଆମେରିକା ସେନା ଲିଟିଲ୍ ବୟ ନାମକ ଏକ ପରମାଣୁ ବୋମା ପକାଇଥିଲା। ଏହି ସମୟରେ ଅନେକ ଲୋକ ନିଜ ନିଜ କର୍ମସ୍ଥଳକୁ ଯାଉଥିଲେ। କୁନି କୁନି ପିଲାମାନେ ସ୍କୁଲ ଯାଉଥିଲେ। ଏକ ରିପୋର୍ଟ ଅନୁଯାୟୀ, ଏହି ପରମାଣୁ ବମ୍ ସହରର ମଝି ସ୍ଥାନରେ ପଡ଼ିଥିଲା। ଏହା ଏତେ ଭୟଙ୍କର ଥିଲା ଯିଏ ମାତ୍ର କିଛି ସେକେଣ୍ଡ ଭିତରେ ପ୍ରାୟ ୮୦ ହଜାର ଲୋକ ପ୍ରାଣ ହରାଥିଲେ। ସେହିପରି ଲକ୍ଷାଧିକ ଲୋକ ଆହତ ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଏହି ଆହତଙ୍କ ମଧ୍ୟରୁ ଅନେକଙ୍କର ମୃତ୍ୟୁ ହୋଇଥିଲା। ଏହା ତ କେବଳ ଜୀବନ କଥା, କେତେ ଯେ ସମ୍ପତ୍ତ ନଷ୍ଟ ହୋଇଛି, ତା'ର କଳ୍ପନା କରାଯାଇ ନ ପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପରମାଣୁ ଆକ୍ରମଣରେ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଥିଲେ ସେମାନଙ୍କୁ ଚିକିତ୍ସା କରାଇବା ପାଇଁ ସହରରେ ଡାକ୍ତର ମଧ୍ୟ ନ ଥିଲେ। କାରଣ ପରମାଣୁ ଆକ୍ରମଣରେ ସେଠାରେ ୯୦ ପ୍ରତିଶତ ଡାକ୍ତର ପ୍ରାଣ ତ୍ୟାଗ କରିଥିଲେ। ତେବେ ଏହି ଆକ୍ରମଣକୁ ସେତେବେଳେ ଭାରତ ସମେତ ଅନେକ ଦେଶ ନିନ୍ଦା କରିବା ସହ ଜାପାନକୁ ସହାୟତାର ହାତ ବଢାଇଥିଲେ। 'ହିରୋସୀମା ଦିବସ' ପରମାଣୁ ଯୁଦ୍ଧର ବିନାଶକାରୀ ପ୍ରଭାବକୁ ସ୍ମରଣ କରାଇବା ସହ ବିଶ୍ୱ ଶାନ୍ତି ଏବଂ ନିରସ୍ତ୍ରୀକରଣ ପାଇଁ ବିଶ୍ୱର ସବୁ ରାଷ୍ଟ୍ରକୁ ଚେତାବନୀ ଦିଏ।

# କିଶୋର କୁମାରଙ୍କ ବାୟୋପିକ୍ ଛାଡ଼ିଲେ ରଣବୀର



ବଲିଉଡ୍‌ର ଚକଲେଟ୍ ବୟ ରଣବୀର କପୁର ଏବେ ନୀତେଶ ତିୱାରୀଙ୍କ 'ରାମାୟଣ' ପାଇଁ ଚର୍ଚ୍ଚାରେ। ୪୦୦୦ କୋଟି ବଜେଟ୍‌ର ଏହି ଫିଲ୍ମରେ ସେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ। ଏହି ଫିଲ୍ମର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ। 'ରାମାୟଣ' ପୂର୍ବରୁ ରଣବୀର, ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ କିଶୋର କୁମାରଙ୍କ ବାୟୋପିକ୍‌ରେ ନଜର ଆସିବେ ବୋଲି କୁହାଯାଉଥିଲା। ହେଲେ ରଣବୀର ଏଥିରେ ଏବେ କାମ କରିବେ ନାହିଁ ବୋଲି ଜଣାପଡ଼ିଛି। ଏବେ ଅମିର୍ ଖାନଙ୍କୁ ଏହି ଭୂମିକା ଅଫର୍ ହୋଇଥିବା କୁହାଯାଉଛି। ଏନେଇ ଅନୁରାଗ କହିଛନ୍ତି, 'ରଣବୀରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ଥିଲା। କାରଣ ତାଙ୍କୁ 'ରାମାୟଣ' ଓ କିଶୋର କୁମାରଙ୍କ ବାୟୋପିକ୍ ମଧ୍ୟରୁ ଗୋଟିଏ ବାଛିବାର ଥିଲା। ରଣବୀର 'ରାମାୟଣ'କୁ ବାଛିଥିଲେ। ମୁଁ ଭାବୁଛି ସେ ଠିକ୍ ନିଷ୍ପତ୍ତି ନେଇଛନ୍ତି। ଆମେ ଦୁଇ ଜଣ ଏକାଠି କାମ କରିବାକୁ ଚାହୁଁଛୁ, କିନ୍ତୁ ତାହା ସମ୍ଭବ ହେଉ ନାହିଁ। ସେ ଏକାସାଙ୍ଗେ ବହୁତଗୁଡ଼ିଏ ଫିଲ୍ମ କରୁଛନ୍ତି।' ଏବେ ଅନୁରାଗ କିଶୋର କୁମାରଙ୍କ ବାୟୋପିକ୍ ପାଇଁ ଅମିର୍ ଖାନ୍‌କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ଅମିର୍‌ଙ୍କୁ ଏହାର କାହାଣୀ ବେଶ୍ ପସନ୍ଦ ଆସିଛି। କିନ୍ତୁ ଏନେଇ ଅନୁରାଗ କହିଛନ୍ତି, "ଯେପର୍ଯ୍ୟନ୍ତ କିଛି ଫାଇନାଲ ହୋଇ ନାହିଁ ମୁଁ କିଛି କହିପାରିବି ନାହିଁ।"

# ସମ୍ଭାବନା



## ହଷ୍ଟେଲରେ ନ ଥାଏ ଏକାକୀତ୍ୱ



**ଅନେକ ବିଦ୍ୟାର୍ଥୀ ଘରଠୁ ଦୂର ହଷ୍ଟେଲରେ ରହି ପାଠ ପଢ଼ନ୍ତି। ସେହିପରି ହଷ୍ଟେଲରେ ସାଙ୍ଗସାଥୀଙ୍କ ସହିତ ମିଶିକି ରହିବାକୁ ପଡ଼ିଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ହଷ୍ଟେଲ ରହଣି କଷ୍ଟକର ଲାଗିଲେ ବି ଏଥିରୁ ଜୀବନ ଜିଇଁବା ଲାଗି ଅନେକ କିଛି ଶିଖିବାକୁ ମିଳିଥାଏ।**


ହଷ୍ଟେଲରେ ଅନେକ ନୂଆ ସାଙ୍ଗ ମିଳିଥାନ୍ତି। ଏହା ଦ୍ୱାରା ସାମାଜିକ ସମ୍ପର୍କ ବୃଦ୍ଧି ପାଏ। ଘରଠୁ ଦୂରରେ ରହିବାକୁ ପଡ଼ିଥାଏ। ତେଣୁ ହଷ୍ଟେଲରେ ରହିବା ଦ୍ୱାରା ନିର୍ଣ୍ଣୟ ନେବା, ନିଜ ରୁମ୍‌କୁ କିଭଳି ସଫା ରଖିବା, ଖାଦ୍ୟ ମ୍ୟାନେଜ କରିବା, ଅର୍ଥ ସଞ୍ଚୟ କରିବା କଳା କୌଶଳ ଶିଖି ହୁଏ। ହଷ୍ଟେଲରେ ରହିବା ଦ୍ୱାରା ଜଣେ ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ, ବରଂ ଆତ୍ମନିର୍ଭର ହୋଇଥାଏ। ସେହିପରି ହଷ୍ଟେଲରେ ପାଠପଢ଼ା ଲାଗି ଏକ ଉତ୍ତମ ପରିବେଶ ମିଳିଥାଏ। ସାଙ୍ଗସାଥୀଙ୍କ ସହିତ ମିଶିକି ପଢ଼ିବାର ସୁଯୋଗ ଜୁଟେ। ବିଭିନ୍ନ ସୁବିଧା, ଅସୁବିଧାରେ ସାଙ୍ଗସାଥୀ ପାଖରେ ଛିଡ଼ା ହୁଅନ୍ତି। ସାହାଯ୍ୟର ହାତ ବଢ଼ାନ୍ତି। ଅନ୍ୟପଟେ ଅନେକ ସମୟରେ କଲେଜ କ୍ୟାମ୍ପସରୁ ହଷ୍ଟେଲ ପାଖ ହୋଇଥାଏ। ଏହା ଦ୍ୱାରା ଯିବା ଆସିବାର ସମୟ ଓ ଅର୍ଥ ସଞ୍ଚୟ ହୁଏ। ଗୋଟିଏ ସ୍ଥାନରେ ମିଳିମିଶି ସାଙ୍ଗସାଥୀଙ୍କ ସହ ରହିବାରୁ କେବେ ବି ହଷ୍ଟେଲରେ ଏକାକୀତ୍ୱ ନ ଥାଏ।

## ଜେନ୍ ଜେଡ୍‌ଙ୍କ ନୂଆ ଟ୍ରେଣ୍ଡ ରିଭର୍ସ କ୍ୟାଟ୍‌ଫିସିଂ

**ସୋସିଆଲ ମିଡିଆରେ ଜେନ୍ ଜେଡ୍ ଏକ ନୂଆ ଟ୍ରେଣ୍ଡ ଆରମ୍ଭ କରିଛନ୍ତି। ଏହାକୁ ରିଭର୍ସ କ୍ୟାଟ୍‌ଫିସିଂ କୁହାଯାଉଛି। କ୍ୟାଟ୍‌ଫିସିଂର ଅର୍ଥ ହେଉଛି ଅନଲାଇନ୍ ପ୍ଲାଟଫର୍ମରେ ନିଜର ପରିଚୟକୁ ମିଛ ଏବଂ ଆକର୍ଷଣୀୟ ତରିକାରେ ଲୋକଙ୍କୁ ଦେଖାଇବା। ହେଲେ ରିଭର୍ସ କ୍ୟାଟ୍‌ଫିସିଂ ହେଉଛି ଏହାର ସମ୍ପୂର୍ଣ୍ଣ ବିପରୀତ। ଏଥିରେ ଜାଣିଶୁଣି ଲୋକେ ଅନଲାଇନ୍‌ରେ ନିଜକୁ କମ୍ ଆକର୍ଷଣୀୟ ଦେଖାଉଛନ୍ତି। ଏନେଇ କୌଣସି ଫିଲଟର ଆଦି ବ୍ୟବହାର ନ କରି ନିଜେ ଯେମିତି, ସେମିତି ନିଜର ବ୍ୟକ୍ତିତ୍ୱକୁ ପ୍ରଦର୍ଶନ କରୁଛନ୍ତି। କାରଣ ଆଜିର ଜେନ୍ ଜେଡ୍ ଯୁବପିଢ଼ି କାହାକୁ ଆକର୍ଷିତ କରିବାକୁ ଚାହୁଁ ନାହାନ୍ତି।**

ରିଭର୍ସ କ୍ୟାଟ୍‌ଫିସିଂ କେବଳ ଏକ ମଜାଦାର ଟ୍ରେଣ୍ଡ ନୁହେଁ। ଏହା ମାଧ୍ୟମରେ ଜେନ୍ ଜେଡ୍ ଏକଥା ବୁଝାଇବାକୁ ଚେଷ୍ଟା କରୁଛନ୍ତି ଯେ, ସମ୍ପର୍କ ତିଆରି କରିବା ପାଇଁ ପରଫେକସନ ନୁହେଁ, ବରଂ ମାନବିକତା ଏବଂ ସଚ୍ଚୋଟତା ଜରୁରି। ରିଭର୍ସ କ୍ୟାଟ୍‌ଫିସିଂ ଦେଖେଇ ହେବା ଦୁନିଆରେ ବାସ୍ତବତାକୁ ଆପଣାଇବାର ଏକ ରାହା ସାଜିଛି। ଜେନ୍ ଜେଡ୍ ଏବେ ଫିଲଟର ଏବଂ ଓଭର ପ୍ରେଜେନଟେସନରୁ ବାହାରି ସଚ୍ଚୋଟତା ପ୍ରତି ଅଗ୍ରସର ହେଉଛନ୍ତି। ସେଥିପାଇଁ ସେମାନେ ନିଜର ଦୋଷ, ଦୁର୍ବଳତା, ପ୍ରକୃତ ବ୍ୟକ୍ତିତ୍ୱକୁ ସାମ୍ନାକୁ ଆଣୁଛନ୍ତି।

ଅନ୍ୟପଟେ ଏହି ଟ୍ରେଣ୍ଡ କେବଳ ଏକ ଷ୍ଟାଇଲ ନୁହେଁ, ବରଂ ଭରସା, ସରଳତା ଏବଂ ଭାବାବେଗ ସମ୍ବନ୍ଧର ଏକ ନୂଆ ପରିଭାଷା। ଆଜିର ସମୟରେ ଲୋକ ସବୁଠୁ ସୁନ୍ଦର ଦିଶିବା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଜେନ୍ ଜେଡ୍ ରିଭର୍ସ କ୍ୟାଟଫିସିଂ ସୂତ୍ରକୁ ଗ୍ରହଣ କରି ସମ୍ପର୍କକୁ ଅଧିକ ମଜଭୁତ କରିବାରେ ଲାଗିଛନ୍ତି। ତେବେ ଜେନ୍ ଜେଡ୍‌ଙ୍କ ଏ ପ୍ରକାର ସମ୍ପର୍କରେ କୌଣସି ମିଛ କିମ୍ବା ଫିଲଟର ନ ଥାଏ, ବରଂ ଥାଏ ଭାବପ୍ରବଣତା।




## ବାରମ୍ବାର ଚାକିରି ବଦଳାଉଥିଲେ

**କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନେ ଗୋଟିଏ ସ୍ଥାନରେ ବେଶି ଦିନ ପର୍ଯ୍ୟନ୍ତ କାମ କରି ନ ଥାନ୍ତି। ସେମାନଙ୍କର ଏହି ବାରମ୍ବାର ଚାକିରି ବଦଳାଇବା ଅଭ୍ୟାସକୁ 'ଜବ୍ ହପିଂ' କୁହାଯାଏ। ତେବେ ଏହାର କିଛି ଖରାପ ଦିଗ ବି ଅଛି।**

- ବାରମ୍ବାର ଚାକିରି ବଦଳାଇବା ଦ୍ୱାରା ଅନ୍ୟ ନୂଆ କମ୍ପାନି ବି ସେଠାରେ ବେଶି ଦିନ ରହିବା କଥା ଭାବି ନ ଥାନ୍ତି।
- କୌଣସି କମ୍ପାନିରେ ପଦୋନ୍ନତି ଓ ଗୁରୁ ଦାୟିତ୍ୱ ମିଳିବାରେ ସମୟ ଲାଗେ।
- ବାରମ୍ବାର ଚାକିରି ବଦଳାଇଲେ ପର୍ଯ୍ୟାପ୍ତ ଅଭିଜ୍ଞତା ଓ ସୁଯୋଗ ମିଳେ ନାହିଁ।
- ମାସକ ମଧ୍ୟରେ ଚାକିରି ବଦଳାଇବା ଅଭ୍ୟାସ ଦ୍ୱାରା ନୂଆ ଜ୍ଞାନ କୌଶଳ ଅଧାରେ ରହେ।
- ନେଟୱର୍କ ଗଠନରେ ସମୟ ଲାଗେ।
- ଦୀର୍ଘ ଦିନ ଗୋଟିଏ ସ୍ଥାନରେ କାମ କରିବା ଦ୍ୱାରା ସହକର୍ମୀ, ବରିଷ୍ଠ କର୍ମଚାରୀ ଓ କମ୍ପାନି ମୁଖିଆଙ୍କ ସହିତ ଉତ୍ତମ ସମ୍ପର୍କ ସୃଷ୍ଟି ହୁଏ। ଯାହାକି ଲଗାତାର ଚାକିରି ପରିବର୍ତ୍ତନରେ ହୋଇ ନ ଥାଏ।



## ଇନଷ୍ଟାଗ୍ରାମ୍‌ର 'ଅଟୋ ସ୍କ୍ରଲ୍' ଫିଚର୍

ଆଜିକାଲି ଏମିତି କେହି ନାହାନ୍ତି, ଯେଉଁମାନେ ରିଲ୍ସକୁ ସ୍କ୍ରଲ୍ କରି ଦେଖୁ ନାହାନ୍ତି। ତେବେ ଇନଷ୍ଟାଗ୍ରାମ୍ ରିଲ୍ସର ମାନୁଆଲି ସ୍କ୍ରଲ ଫିଚର୍‌କୁ ଅଟୋ ସ୍କ୍ରଲ ଫିଚରରେ ପରିବର୍ତ୍ତନ କରିଛି। ଏବେ ଏହି ପ୍ଲାଟ୍‌ଫର୍ମ ଏହି ଫିଚର୍‌କୁ ପରୀକ୍ଷା କରୁଛି। ଏହି ଫିଚର ଦ୍ୱାରା ବ୍ୟବହାରକାରୀଙ୍କୁ ରିଲ୍ସ ସ୍କ୍ରଲ କରି ଦେଖିବା ଲାଗି ଅଙ୍ଗୁଳିର ଉପଯୋଗ କରିବାକୁ ପଡ଼ିବ ନାହିଁ, ବରଂ ରିଲ୍ସ ଲଗାତାର ସେମିତି ଚାଲୁଥିବ। ଏହି ଫିଚର ସମସ୍ତଙ୍କ ଲାଗି ଉପଲବ୍ଧ ହୋଇ ନାହିଁ। କିଛି ସୀମିତ ସଂଖ୍ୟକ ବ୍ୟବହାରକାରୀଙ୍କ ଉପରେ ଏହାକୁ ଇନଷ୍ଟାଗ୍ରାମ୍ ପରୀକ୍ଷା କରୁଛି।

ଏହି ଫିଚର୍ ରିଲ୍ସ ଚଲାଇବା ଲାଗି ବ୍ୟବହାରକାରୀଙ୍କୁ ଅଟୋ ସ୍ୱାଇପ୍ କରିବାକୁ ରୋକିଥାଏ। ଏହାସହ ସ୍ୱତଃପ୍ରବୃତ୍ତ ଭାବେ ରିଲ୍ସକୁ ସ୍କ୍ରଲ କରିଥାଏ। ଯେଉଁ ବ୍ୟବହାରକାରୀ ରିଲ୍ସ ସ୍କ୍ରଲ କରିବାରେ ଅଧିକ ସମୟ ଅତିବାହିତ କରୁଥିଲେ, ସେମାନଙ୍କୁ ଏହା ଆଶ୍ୱସ୍ତି ପ୍ରଦାନ କରିବ। କେବଳ ସେତିକି ନୁହେଁ, ଏକଥା ବ୍ୟବହାରକାରୀ ଜାଣିପାରିବେ ନାହିଁ, କେତେ ସମୟ ସେମାନେ ରିଲ୍ସରେ ଅତିବାହିତ କରୁଛନ୍ତି। ଅବଶ୍ୟ ଏହା ମଧ୍ୟ ଏକପ୍ରକାର କ୍ଷତି। ଅନ୍ୟପଟେ ଏହା ସମସ୍ତଙ୍କ ପାଇଁ କେବେ ଉପଲବ୍ଧ ହେବ, ସେକଥା ସ୍ପଷ୍ଟ କରାଯାଇ ନାହିଁ।



## ଭାରତ-ଇଂଲଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ରେକର୍ଡ

# ୧୮୬୦ ଓଭର, ୬,୭୩୬ ରନ୍, ୧୭୨ ୱିକେଟ



ନୂଆଦିଲ୍ଲୀ,୫।୮ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଶେଷ ହୋଇଛି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍। ଏହି ସିରିଜ୍‌ରେ ଯେପରି ଉତ୍କଣ୍ଠା, ପ୍ରତିଦ୍ୱନ୍ଦ୍ୱିତା ଓ ରୋମାଞ୍ଚ ସୃଷ୍ଟି ହୋଇଥିଲା ତାହା ଖୁବ୍ କମ୍ ଟେଷ୍ଟ ସିରିଜ୍‌ରେ ଦେଖିବାକୁ ମିଳିଥାଏ। ଦୁଇ ପ୍ରତିଦ୍ୱନ୍ଦ୍ୱୀ ପରସ୍ପର ସହ ଜୋରଦାର ମୁକାବିଲା କରିଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ମତରେ ଏହି ସିରିଜ୍ ୨-୨ରେ ବରାବର ସ୍ଥିତିରେ ରହିବା ଯଥାର୍ଥ ହୋଇଛି। ଏହା ହେଉଛି ଏକବିଂଶ ଶତାବ୍ଦୀର ଚତୁର୍ଥ ଟେଷ୍ଟ ସିରିଜ୍ ଯେଉଁଥିରେ ସମସ୍ତ ଟେଷ୍ଟ ଗୁଡ଼ିକ ୫ମ ଦିନରେ ଶେଷ ହୋଇଛି। ଏହା ମଧ୍ୟରୁ ପ୍ରଥମଥର ଦୁଇଟି ଟେଷ୍ଟ ମ୍ୟାଚ୍‌ର ଫଳାଫଳ ୨୫ ରନ୍ ମଧ୍ୟରେ ନିର୍ଦ୍ଧାରିତ ହୋଇଛି। ଏହି ଟେଷ୍ଟ ସିରିଜ୍‌ର ପରିସଂଖ୍ୟାନକୁ ଦେଖିଲେ ଉଭୟ ଦଳ ପ୍ରାୟତଃ ସମାନସ୍ତରର ଖେଳ ପ୍ରଦର୍ଶନ କରିଛନ୍ତି ଓ ସମାନ ସଫଳତା ପାଇଛନ୍ତି। ବ୍ୟାଟିଂରେ ଭାରତ ୩୯.୭୭ ହାରରେ ରନ୍ ସଂଗ୍ରହ କରିଥିଲାବେଳେ ୩୮.୮୮ ହାରରେ ୮୪ଟି ୱିକେଟ ଅକ୍ତିଆର କରିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୩୭.୫୭ ହାରରେ ରନ୍ ସଂଗ୍ରହ କରିଥିଲାବେଳେ ୪୧.୮୪ ହାରରେ ୮୮ଟି ୱିକେଟ ଅକ୍ତିଆର କରିଛି। ସେ ଯାହା ହେଉ ୨୫ ଦିନର ଘମାଘୋଟ ଟେଷ୍ଟ ଲଢ଼େଇରେ ମୋଟ ୧୮୬୦.୪ ଓଭର ବୋଲିଂ ହୋଇଥିଲାବେଳେ ୬୭୩୬ ରନ୍ ସଂଗୃହୀତ ହୋଇଛି। ଏଥିରେ ୧୭୨ଟି ୱିକେଟ ପତନ ଘଟିଥିଲାବେଳେ ୪୧ଟି କ୍ୟାଚ୍ ଡ୍ରପ୍ ହୋଇଛି। ତେବେ ତଥ୍ୟରୁ ଅନେକ କିଛି ରେକର୍ଡ ତଥା ଶ୍ରେଷ୍ଠ ପ୍ରଦର୍ଶନ ଦେଖିବାକୁ ମିଳିଛି।

### ବ୍ୟାଟିଂକୁ ସୁହାଇଲା ଭଳି ପିଚ୍

ଇଂଲଣ୍ଡରେ ଖେଳାଯାଉଥିବା ପିଚ୍ ସାଧାରଣତଃ ପେସ୍ ବୋଲରଙ୍କୁ ସୁହାଇଥାଏ। ଏହି ପିଚ୍‌ରେ ସୁଇଂ ଓ ବାଉନ୍ସ ଦେଖିବାକୁ ମିଳିଥାଏ। କିନ୍ତୁ ଏହି ଟେଷ୍ଟ ସିରିଜ୍‌ରେ ଖେଳାଯାଇଥିବା ପିଚ୍ ଗୁଡ଼ିକ ପ୍ରାୟ ବ୍ୟାଟିଂକୁ ସୁହାଇଛି। ଯାହା ଫଳରେ ସିରିଜ୍‌ରେ ୬୭୩୬ ରନ୍ ସଂଗୃହୀତ ହୋଇଛି। ଉଭୟ ଦଳ ୧୭୨ଟି ୱିକେଟ ହରାଇଥିଲାବେଳେ ହାରହାରି ୩୯.୧୬ ହାରରେ ରନ୍ ସ୍କୋର ହୋଇଛି। ଏଥିରେ ଆଉ ଅଧିକ ୨୦ ରନ୍ ହୋଇଥିଲେ ୧୯୯୩ ଇଂଲଣ୍ଡ-ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଆସେସ ସିରିଜ୍‌ର ସର୍ବାଧିକ ରନ୍ ସଂଗ୍ରହର ରେକର୍ଡକୁ ଭାଙ୍ଗିଦେଇଥାନ୍ତା।

### ବୋଲରଙ୍କ ଲାଗି କଠିନ ସମୟ



ଏହି ସିରିଜ୍‌ରେ ପିଚ୍ ବ୍ୟାଟରଙ୍କୁ ସୁହାଉଥିବା ଅର୍ଥ ବୋଲରଙ୍କ ଲାଗି କଠିନ ସମୟ ଥିଲା। ସିରିଜ୍‌ରେ ଏମାନେ ୧୮୬୦.୪ ଓଭର ବୋଲିଂ କରିଥିଲେ। ଏକବିଂଶ ଶତାବ୍ଦୀରେ ଇଂଲଣ୍ଡରେ ଅନୁଷ୍ଠିତ ଟେଷ୍ଟ ସିରିଜ୍‌ରେ ଏହା ଥିଲା ସର୍ବାଧିକ। ଏହି ସିରିଜ୍‌ରେ ଖେଳାଯାଇଥିବା ୧୯ଟି ମଧ୍ୟରୁ ୧୪ଥର ଗୋଟିଏ ଇନିଂସରେ ୩୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗୃହୀତ ହୋଇଛି। ସେହିପରି ୧୪ଥର ଗୋଟିଏ ଇନିଂସ ୮୦ କିମ୍ବା ତା'ଠାରୁ ଅଧିକ ଓଭର ଯାଏ ଖେଳାଯାଇଛି। ଉଭୟ ବିଭାଗରେ ଗୋଟିଏ ଟେଷ୍ଟ ସିରିଜ୍‌ରେ ଏହା ରେକର୍ଡ ରନ୍ ସଂଗ୍ରହ।

ସିରିଜ୍‌ରେ ଇଂଲଣ୍ଡ ସର୍ବାଧିକ ୧୦୫୨ ଓଭର ବୋଲିଂ କରିଛି। ୨୦୦୦ ପରେ ଏହା ଦଳ ଲାଗି ସର୍ବାଧିକ। ୨୦୧୭-୧୮ ପରେ ପ୍ରଥମଥର ଘରୋଇ ଦଳ ୧୦୦୦ରୁ ଅଧିକ ଓଭର ବୋଲିଂ କରିଛି। ଆହତ ହେବା ଓ ଗୋଟିଏ ଟେଷ୍ଟ ନ ଖେଳିବା ସତ୍ତ୍ୱେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ୧୪୦ ଓଭର ବୋଲିଂ କରିଛନ୍ତି। ଅନ୍ୟପକ୍ଷରେ ଭାରତ ୮୪ଟି ୱିକେଟ ନେବା ଲାଗି ମାତ୍ର ୮୦୮.୪ ଓଭର ବୋଲିଂ କରିଛି। ୱିକେଟ ପ୍ରତି ଷ୍ଟ୍ରାଇକ୍ ରେଟ ୫୭.୭ ରହିଛି। ଏହା ମଧ୍ୟରୁ ପେସ୍ ବୋଲରଙ୍କ ଷ୍ଟ୍ରାଇକ୍ ରେଟ୍ ୫୦.୭ ହୋଇଥିଲାବେଳେ ଏମାନେ ୭୦ଟି ୱିକେଟ ନେଇଛନ୍ତି। ପୂର୍ବରୁ କେବଳ ୨୦୨୪-୨୫ ଗାଭାସ୍କର-ବର୍ଡର ଟ୍ରଫିରେ ଭାରତୀୟ ପେସ୍ ବୋଲରଙ୍କ ଷ୍ଟ୍ରାଇକ୍ ରେଟ୍ ସବୁଠାରୁ କମ୍ ବା ୪୧.୮ ଥିଲା। ଭାରତୀୟଙ୍କ ମଧ୍ୟରେ ମହମ୍ମଦ୍ ସିରାଜ ସର୍ବାଧିକ ୧୧୧୩ଟି ବଲ ବୋଲିଂ କରି ସର୍ବାଧିକ ୨୩ଟି ୱିକେଟ ନେଇଛନ୍ତି। ଇଂଲଣ୍ଡର କ୍ରିସ୍ ଓକ୍ସ ମଧ୍ୟ ୧୦୦୦ ବଲ ପକାଇଛନ୍ତି। ଆହତ ହୋଇ ନ ଥିଲେ ଏହି ସଂଖ୍ୟା ବୃଦ୍ଧି ପାଇଥାନ୍ତି।

### ଜାଡେଜାଙ୍କ ପ୍ରଦର୍ଶନ ଆଣିଛି ଫରକ



ନଂ-୬ ଓ ୭ରେ ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ପ୍ରଦର୍ଶନ ଉଭୟ ଦଳ ମଧ୍ୟରେ ଫରକ ଆଣିଛି। ସିରିଜ୍‌ରେ ସେ ଗୋଟିଏ ଶତକ ଓ ୬ଟି ଅର୍ଦ୍ଧଶତକ ସହ ୫୧୬ ରନ୍ କରିଛନ୍ତି। ଏହି ପୋଜିସନରେ ବ୍ୟାଟିଂ କରି ଜାଡେଜା ବିଶ୍ୱର ଷଷ୍ଠ ବ୍ୟାଟର ଭାବେ ଗୋଟିଏ ସିରିଜ୍‌ରେ ୭ଥର ୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ସେ ଦ୍ୱିତୀୟ ଇନିଂସରେ ମାତ୍ର ଥରେ ଆଉଟ ହୋଇଥିଲେ।

### ୨୧ ସେଞ୍ଚୁରୀ ଓ ୧୯ ସେଞ୍ଚୁରୀ ପାର୍ଟନରସିପ୍

ଏହି ସିରିଜ୍‌ରେ ବ୍ୟାଟରମାନେ ୨୧ଟି ଶତକ ହାସଲ କରିଛନ୍ତି। ୧୯୫୫ ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ୍ ଟୁର୍‌ରେ ହୋଇଥିବା ୨୧ଟି ଶତକ ସହ ସମାନ। ଲିଡ୍ସରେ ହ୍ୟାରୀ ବ୍ରୁକ୍ ୯୯ ରନ୍‌ରେ ଆଉଟ ହୋଇ ନ ଥିଲେ ଏହି ରେକର୍ଡ ଭାଙ୍ଗିଥାନ୍ତା। ଏହା ମଧ୍ୟରୁ ଭାରତୀୟ ବ୍ୟାଟରମାନେ ୧୨ଟି ଓ ଇଂଲଣ୍ଡର ୯ଟି ଶତକ ହାସଲ କରିଛନ୍ତି। ୧୯୯୮ ପରେ ଏହି ସିରିଜ୍‌ରେ ମଧ୍ୟ ସର୍ବାଧିକ ୧୯ଟି ସେଞ୍ଚୁରୀ ପାର୍ଟନରସିପ୍ ହୋଇଛି।

### ଓପନିଂରେ ଇଂଲଣ୍ଡ ଆଗୁଆ

ଇଂଲଣ୍ଡର ଓପନର ଏହି ସିରିଜ୍‌ରେ ଭଲ ଖେଳିଛନ୍ତି। ଇଂଲଣ୍ଡର ଜ୍ୟାକ୍ କ୍ରାଉଲୀ ଓ ବେନ୍ ଡକେଟ ୬୫.୪୪ ହାରରେ ଓ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ମାତ୍ର ୩୪.୧୦ ହାରରେ ରନ୍ ସଂଗ୍ରହ କରିଛନ୍ତି। ପ୍ରଥମ ୧୦ ଓଭରରେ ଭାରତୀୟ ଓପନିଂ ଯୋଡ଼ି ୧୦ଟି ଇନିଂସ ମଧ୍ୟରୁ ୮ଥର ପ୍ରଥମ ୱିକେଟ ହରାଇଛି। କିନ୍ତୁ ଇଂଲଣ୍ଡ ୯ଟି ଇନିଂସରେ ୫ଥର ୱିକେଟ ହରାଇଛି। ଓପନିଂ ପାର୍ଟନରସିପ୍‌ରେ ଇଂଲଣ୍ଡ ୪.୩୪ ହାରରେ ଓ ଭାରତ ୩.୩୬ ହାରରେ ରନ୍ ସଂଗ୍ରହ କରିଥିଲା। ରାହୁଲ ଓ ଜୟସ୍ୱାଲ ମିଳିତଭାବେ ୪ଟି ଶତକ ହାସଲ କରିଥିଲେ ମଧ୍ୟ ଇଂଲଣ୍ଡ ଓପନିଂ ଯୋଡ଼ି ଏମାନଙ୍କଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି।

### ମିଡିଲ୍ ଅର୍ଡରରେ ଭାରତ ସଫଳତା

ମିଡିଲ ଅର୍ଡର ବ୍ୟାଟିଂରେ ଭାରତ ଅଧିକ ସଫଳତା ପାଇଛି। ନଂ-୪ରୁ ୬ ବ୍ୟାଟର ଭାରତ ଲାଗି ୬୫.୬୬ ଓ ଇଂଲଣ୍ଡ ଲାଗି ୫୧.୨୬ ହାରରେ ରନ୍ ସଂଗ୍ରହ କରିଛନ୍ତି। ଭାରତ ବିପକ୍ଷରେ ରୁଟ୍ ତୃତୀୟଥର ସକାଶେ ୫୦୦ରୁ ଅଧିକ ରନ୍ କରିଥିଲେ ମଧ୍ୟ ଭାରତୀୟ ଶୁବମନ ଗିଲ୍ ଅଧିନାୟକ ଭାବେ ସର୍ବାଧିକ ୭୫୪ ରନ୍ ସଂଗ୍ରହ କରି ତାଙ୍କୁ ପଛରେ ପକାଇଛନ୍ତି। ନଂ-୫ରେ ହ୍ୟାରୀ ବ୍ରୁକ୍ ୫୫.୬୬ ଓ ଭାରତର ଋଷଭ ପନ୍ତ୍ ୪ଟି ଟେଷ୍ଟରେ ୬୮.୪୨ ରନ୍ ସଂଗ୍ରହ କରି ଆଗରେ ରହିଛନ୍ତି।

### ୪୧ଟି କ୍ୟାଚ୍ ଡ୍ରପ୍, ୬୩ ଡିଆର୍‌ଏସ୍

ଏହି ସିରିଜ୍‌ରେ ଉଭୟ ଦଳ ପାଇଥିବା ସୁଯୋଗକୁ ହାତଛଡ଼ା କରିଛନ୍ତି। ଫଳରେ ସିରିଜ୍‌ରେ ୪୧ଟି କ୍ୟାଚ୍ ଡ୍ରପ୍ ହୋଇଛି। ୨୦୧୮ ପରେ ଏହା ସର୍ବାଧିକ। କ୍ୟାଚ୍ ଡ୍ରପ୍‌ରେ ପ୍ରଥମ ୪ଟି ମଧ୍ୟରୁ ଭାରତ-ଇଂଲଣ୍ଡ ମଧ୍ୟରେ ୩ଟି ସିରିଜ୍ ରହିଛି। ଅନ୍ୟ ଦୁଇଟି ସିରିଜ୍ ମଧ୍ୟରୁ ୨୦୨୧-୨୨ରେ ୩୭ଟି ଓ ୨୦୧୮ରେ ୩୨ଟି କ୍ୟାଚ୍ ଡ୍ରପ୍ ହୋଇଥିଲା। ଏହି ୪୧ଟି ମଧ୍ୟରୁ ଭାରତ ସର୍ବାଧିକ ୨୩ଟି କ୍ୟାଚ୍ ଡ୍ରପ୍ କରିଛି।

**ଡିଆର୍‌ଏସ୍** : ଏହି ସିରିଜ୍‌ରେ ଅମ୍ପାୟରଙ୍କ ନିଷ୍ପତ୍ତିକୁ ୬୩ଥର ଚ୍ୟାଲେଞ୍ଜ କରାଯାଇଛି। ଏହା ମଧ୍ୟରୁ ୬୯.୮ ଶତକଡ଼ା ବା ୪୪ଟି ରିଭ୍ୟୁ କାଟ୍ ଖାଇଯାଇଥିଲା। ଏହା ଫଳରେ ଅମ୍ପାୟରଙ୍କ ଲାଗି ଏହା ସଫଳ ସିରିଜ୍ ଭାବେ ବିବେଚିତ ହୋଇଛି। ୪୪ଟି ମଧ୍ୟରୁ ଭାରତ ନେଇଥିବା ୨୪ଟି ରିଭ୍ୟୁ ବ୍ୟର୍ଥ ହୋଇଥିଲା। ଉଭୟ ଦଳ ବୋଲିଂ କରୁଥିଲାବେଳେ ୨ଥର ଲେଖାଏଁ ଅମ୍ପାୟାର ଦେଇଥିବା ଏଲବିଡବ୍ଲ୍ୟୁ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସଫଳ ହୋଇଥିଲେ।

## ମେସି ଓ ଆର୍ଜେଣ୍ଟିନା ଦଳର କେରଳ ଗସ୍ତ ବାତିଲ



ଥିରୁଅନନ୍ତପୁରମ, ୫।୮ (ଏଜେନ୍ସି): ବିଶ୍ୱର ଅନ୍ୟତମ ମହାନ ଫୁଟ୍‌ବଲ ଖେଳାଳି ଲିଓନେଲ୍ ମେସି ଓ ତାଙ୍କ ଆର୍ଜେଣ୍ଟିନା ଦଳ ଚଳିତ ବର୍ଷ ଶେଷ ଭାଗରେ କେରଳ ଗସ୍ତରେ ଆସିବାର ଥିଲା। କିନ୍ତୁ ମେସିଙ୍କ ଏହି ଗସ୍ତ ଏବେ ବାତିଲ ହୋଇଯାଇଛି। କେରଳ କ୍ରୀଡ଼ାମନ୍ତ୍ରୀ ଭି. ଅବଦୁରହିମନ ଏହା ସ୍ପଷ୍ଟ କରିଛନ୍ତି। ଭାରତର ଅସଂଖ୍ୟ ଫୁଟ୍‌ବଲ୍ ପ୍ରେମୀଙ୍କ ଲାଗି ଏହା ଏକ ଦୁଃଖଦ ଖବର। ମେସି ଓ ତାଙ୍କ ଆର୍ଜେଣ୍ଟିନା ଦଳ ଚଳିତ ବର୍ଷ ଭାରତ ଗସ୍ତରେ ଆସିବେ ନାହିଁ। ଆର୍ଜେଣ୍ଟିନା ଦଳ କେରଳରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥାନ୍ତା। ଏଥିଲାଗି ପ୍ରାୟୋଜକ ପାଉଣା ପ୍ରଦାନ କରିସାରିଥିଲେ। କିନ୍ତୁ ଅକ୍ଟୋବରରେ କାର୍ଯ୍ୟବ୍ୟସ୍ତତାକୁ ନଜରରେ ରଖି ଆର୍ଜେଣ୍ଟିନା ଦଳ କେରଳ ଆସିବାକୁ ମନା କରିଦେଇଥିବା ଜଣାପଡ଼ିଛି।

## ବିଏଫ୍‌ଆଇ ନିର୍ବାଚନ ଲଢ଼ିବେ ଅନୁରାଗ

ନୂଆଦିଲ୍ଲୀ,୫।୮ (ଏଜେନ୍ସି): ବକ୍ସି ଫେଡେରେସନ ଅଫ୍ ଇଣ୍ଡିଆର (ବିଏଫ୍‌ଆଇ)ର ନିର୍ବାଚନ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ୱାର୍ଲ୍ଡ ବକ୍ସିଂ ଦ୍ୱାରା ଅନୁମୋଦିତ ଏହି ନିର୍ବାଚନ ଲାଗି ହିମାଚଳ ପ୍ରଦେଶ ବକ୍ସିଂ ସଂଘ ପକ୍ଷରୁ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ଓ ସଭାପତି ରାଜେଶ ଭଣ୍ଡାରିଙ୍କୁ ଭୋଟ ଦେବାକୁ ସ୍ୱୀକୃତି ଦେଇଛନ୍ତି। ଏହା ସହ ପୂର୍ବତନ ସଭାପତି ଅଜୟ ସିଂଙ୍କ ନେତୃତ୍ୱରେ ଗଠିତ ବିଏଫ୍‌ଆଇର ମଧ୍ୟବର୍ତ୍ତିକାଳୀନ କମିଟି ସମ୍ବିଧାନରେ ଯେଉଁ ପରିବର୍ତ୍ତନ ଆଣିଛନ୍ତି ତାହା ବିରୋଧରେ ହିମାଚଳ ସଂଘ ନ୍ୟାୟାଳୟରେ ଆଶ୍ରୟ ନେଇଛନ୍ତି।

## ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ଚେସ୍ ଶନିବାର

ଭୁବନେଶ୍ୱର, ୫।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ଚେସ୍ ପ୍ରତିଯୋଗିତା ଘାଟିକିଆସ୍ଥିତ ଏପିଜେ ପବ୍ଲିକ୍ ସ୍କୁଲ୍ ପରିସରରେ ଶନିବାର ଓ ରବିବାର ଦୁଇଦିନ ଧରି ଖେଳାଯିବ। ଏଥିରେ କେବଳ ଖୋର୍ଦ୍ଧା ଜିଲ୍ଲାର ଖେଳାଳି ଭାଗନେଇପାରିବେ ଓ କୃତୀ ପ୍ରତିଯୋଗୀମାନଙ୍କୁ ୫୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏଥିରେ ପ୍ରଥମ ୧୫ଟି ସ୍ଥାନରେ ଥିବା ଖେଳାଳି, ଏଜ୍ ଗ୍ରୁପ୍ ଓ ଅନ୍ୟ ବିଭାଗର ଖେଳାଳିଙ୍କୁ ମଧ୍ୟ ପୁରସ୍କାର ଦିଆଯିବ। ଏଥିରେ ଭାଗନେବାକୁ ଆଗ୍ରହୀ ଥିବା ଖେଳାଳିମାନେ ୬୦୦ ଟଙ୍କାର ଏଣ୍ଟ୍ରି ଫି ସହ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘର ସଦସ୍ୟ ସ୍ୱାଂଶୁ ସତ୍ୟକାମ, ଡଃ ସୁଶାନ୍ତ ଷଡଙ୍ଗୀ କିମ୍ବା ଦୀପକ ପାତ୍ରଙ୍କୁ ୭ ତାରିଖ ସୁଦ୍ଧା ଯୋଗାଯୋଗ କରିବାକୁ ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଅନୁରୋଧ କରିଛନ୍ତି।

## ଜାତୀୟ ସବ୍‌ଜୁନିଅର ବାଳକ ହକି | କ୍ୱାର୍ଟରରେ ଅଟକିଗଲା ଓଡ଼ିଶା



ଭୁବନେଶ୍ୱର, ୫।୮ (ସମିସ): ଚେନ୍ନଇରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳକ ହକି ଚାମ୍ପିଅନସିପ୍ (ଡିଭିଜନ-ଏ)ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ଅଟକିଯାଇଛି। ମଙ୍ଗଳବାର ଅନୁଷ୍ଠିତ ୨ୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୩-୪ ଗୋଲ୍‌ରେ ପଞ୍ଜାବ ନିକଟରୁ ପରାସ୍ତ ହୋଇଛି। ଓଡ଼ିଶା ପକ୍ଷରୁ ମନଦୀପ୍ କେର୍‌କେଟ୍ଟା ହ୍ୟାଟ୍ରିକ ଗୋଲ୍ ଦେଇଥିଲେ ମଧ୍ୟ ଦଳକୁ ସେମିଫାଇନାଲରେ ପହଞ୍ଚାଇ ପାରି ନ ଥିଲେ। ମ୍ୟାଚ୍ ଶେଷ ହେବାକୁ ୨ ମିନିଟ୍ ଥିବାବେଳେ ପଞ୍ଜାବର ସୁଖଦେବ ସିଂହ ନିର୍ଣ୍ଣାୟକ ୪ର୍ଥ ଗୋଲ୍ ଦେଇ ଦଳକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ବିଜୟୀ ହୋଇ ସେମିଫାଇନାଲକୁ ଉଠିଛନ୍ତି।

## ଜୁନିଅର ମହିଳା ହକିରେ ଓଡ଼ିଶାର ବିଜୟ ଅଭିଯାନ




ଭୁବନେଶ୍ୱର, ୫।୮ (ସମିସ): ଆନ୍ଧ୍ର ପ୍ରଦେଶର କାକିନାଡ଼ାଠାରେ ଚାଲିଥିବା ୧୫ତମ ଜାତୀୟ ଜୁନିଅର ମହିଳା ହକିର ଏ' ଡିଭିଜନ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ପୁଲ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ମହିଳା ଦଳ ସହଜ ବିଜୟରୁ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ଓଡ଼ିଶା ୩-୧ ଗୋଲ୍‌ରେ ଘରୋଇ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ସୁରେଖା ବହଲ, କରୁଣା ମିଞ୍ଜ ଓ ଦ୍ରୁପତି ନାୟକ ଓଡ଼ିଶା ପାଇଁ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପ୍ରଭାବୀ ପ୍ରଦର୍ଶନ ଲାଗି ଓଡ଼ିଶାର ସୁରେଖାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହାର ଶେଷ ପୁଲ୍ ମ୍ୟାଚରେ ବୁଧବାର ମହାରାଷ୍ଟ୍ରକୁ ଭେଟିବ। ଏହି ମ୍ୟାଚରେ ଓଡ଼ିଶା ବିଜୟୀ ହେଲେ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ।

## ଛେତ୍ରୀଙ୍କ ସମେତ ସମସ୍ତ ବେଙ୍ଗାଲୁରୁ ଏଫ୍‌ସି ଖେଳାଳିଙ୍କ ଦରମା ବନ୍ଦ



ବେଙ୍ଗାଲୁରୁ, ୫।୮ (ଏଜେନ୍ସି): ଭାରତୀୟ ଘରୋଇ ଫୁଟ୍‌ବଲର ସର୍ବଶ୍ରେଷ୍ଠ ପ୍ରତିଯୋଗିତା ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ୨୦୨୫-୨୬ ସିଜନକୁ ନେଇ ଅନିଶ୍ଚିତତା ଜାରି ରହିଛି। ଏହାରି ମଧ୍ୟରେ ଆଇଏସ୍‌ଏଲ୍ ଫ୍ରାଞ୍ଚାଇଜ ବେଙ୍ଗାଲୁରୁ ଏଫ୍‌ସି ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। କିମ୍ବଦନ୍ତୀ ଖେଳାଳି ସୁନିଲ ଛେତ୍ରୀଙ୍କ ସମେତ ବେଙ୍ଗାଲୁରୁ ଏଫ୍‌ସିର ସମସ୍ତ ଖେଳାଳିଙ୍କ ଦରମାକୁ ସ୍ଥଗିତ ରଖାଯାଇଛି। ବେଙ୍ଗାଲୁରୁ ଏଫ୍‌ସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, 'ଆଇଏସ୍‌ଏଲ୍‌ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଯେଉଁଥି ପାଇଁ ଫ୍ରାଞ୍ଚାଇଜ ଏହାର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଦରମାକୁ ସ୍ଥଗିତ ରଖିବା ଭଳି କଷ୍ଟସାଧ୍ୟ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି କେବଳ ବେଙ୍ଗାଲୁରୁର ପ୍ରଥମ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ଲାଗୁ ହୋଇଛି। ଭାରତରେ ଏକ ଫୁଟ୍‌ବଲ କ୍ଲବ ଚଳାଇବା ଓ ଏହାକୁ ବଜାୟ ରଖିବା ସର୍ବଦା କଷ୍ଟକର ହୋଇଥାଏ। ତଥାପି ଆମେ ସିଜନ ପରେ ସିଜନ ଆଗେଇ ଚାଲିଥିଲୁ। କିନ୍ତୁ ଆଇଏସ୍‌ଏଲ୍‌ର ଭବିଷ୍ୟତ ସମ୍ପର୍କରେ ସ୍ୱଚ୍ଛତାର ଅଭାବ ଯୋଗୁ ଆମ ପାଖରେ ଏହି ପଦକ୍ଷେପ ନେବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନ ଥିଲା। ଆମେ ଆଶା କରୁଛୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ଓ ଆଇଏସ୍‌ଏଲ୍ ଆୟୋଜକ ଏଫ୍‌ଏସ୍‌ଡିଏଲ୍ ମଧ୍ୟରେ ଖୁବଶୀଘ୍ର ସମାଧାନ ବାହାରିଯାଉ' ବୋଲି ବେଙ୍ଗାଲୁରୁ ଫ୍ରାଞ୍ଚାଇଜ ପକ୍ଷରୁ ଜାରି ହୋଇଥିବା ବିବୃତିରେ ଏହା କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଦୁଇ ଦିନ ତଳେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ମଧ୍ୟ ସମାନ କାରଣ ଲାଗି ଏହାର ସମସ୍ତ ଖେଳାଳିଙ୍କ ସହ ଚୁକ୍ତି ବାତିଲ କରିଥିଲା।

## ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନରେ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, ୫।୮ (ସମିସ)

କେରଳର କୋଜିକୋଡ଼ରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ୫ ପଦକ ଜିତିବାରେ ସଫଳ ହୋଇଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୪ଟି ରୌପ୍ୟ ପଦକ ରହିଛି। ମାଷ୍ଟର-୨'ର ୯୩ କିଗ୍ରା ବିଭାଗରେ ବାବୁଲା ସାମଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିଭଳି ୬୬ କିଗ୍ରାରେ ଗୋପାଳ ଚନ୍ଦ୍ର ଦାସ, ମାଷ୍ଟର-୩'ର ୭୪ କିଗ୍ରାରେ ବଇବ କୁମାର ତାଣ୍ଡି, ମହିଳା ମାଷ୍ଟର-୨'ର ୭୪ କିଗ୍ରାରେ ଶର୍ମିଷ୍ଠା ସେନାପତି ଓ ମାଷ୍ଟର-୧'ର ୮୪ କିଗ୍ରାରୁ ଊର୍ଦ୍ଧ୍ୱ ବିଭାଗରେ ଭାରତୀ ମହାପାତ୍ର ରୌପ୍ୟ ପଦକ ଜିତିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାକେଶ ଶତପଥୀ ଦଳର ପ୍ରଶିକ୍ଷକ ଓ ମ୍ୟାନେଜର ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ଶକ୍ତିଉତ୍ତୋଳକ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS